# ବାକ୍ୟ ସକାଶୁ ନିନ୍ଦା

ଧନ୍ୟବାଦ, ଭାଇ ନେଭିଲ୍ ।

ମୁଁ ଭାଇ ନେଭିଲ୍‌ଙ୍କୁ କହିଲି, "କଅଣ ଆପଣ ସୁନିଶ୍ଚିତ ଅଟନ୍ତି ଯେ ଆଜି ସକାଳେ ଆପଣ ଅଳ୍ପ ଟିକେ ବି ଅଭିଷେକ ପାଇ ନାହାଁନ୍ତି?"

2 ମୁଁ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଆସେ । ସେଠାରେ କେତେକେ ଲୋକ ଏକତ୍ର ହୋଇଥିଲେ ଯାହାଙ୍କୁ ଆମେ…ଏକ ରବିବାର ସକାଳର ପ୍ରାତଃ କାଳରେ । ମୋତେ ଯାହା ସେଠାରେ ଧରିବାକୁ ଥାଏ, ମୁଁ କେବଳ ସେମାନଙ୍କୁ ଏଠାରେ ମଣ୍ଡଳୀକୁ ଆସିବା ପାଇଁ ପ୍ରବର୍ତ୍ତାଇ ଥାଏ । ଏବଂ ମୁଁ—ମୁଁ ସବୁବେଳେ ଭାବେ ଯେ ଏହା ମଣ୍ଡଳୀର ଚାରିଆଡ଼େ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ଉତ୍ତମ ଅଟେ । ମୁଁ ଜାଣେ ନାହିଁ । ମୁଁ ମଣ୍ଡଳୀକୁ ପସନ୍ଦ କରେ, ଏବଂ ଏଠାରେ ଆସିବାକୁ ପସନ୍ଦ କରେ ଯେଉଁଠାରେକି ମଣ୍ଡଳୀ, ସେହି ଲୋକମାନେ ଏଠାରେ ପ୍ରାର୍ଥନା କରୁଥାନ୍ତି ।

3 ଆଉ ସେଠାରେ ଗୋଟିଏ ସାନ ଝିଅ ଥିଲା, ସବୁଠାରୁ ସୁନ୍ଦର ସାନ ଝିଅଟିଏ, କାହିଁକି, ମୁଁ ଭାବୁଛି ଯେ ସେ ବର୍ତ୍ତମାନ ଏଠାରେ କୌଣସି ଏକ ସ୍ଥାନରେ ବସି ଅଛି, ଯଦି ଲୋକମାନେ ଘରକୁ ନ ଯାଇଥିବେ । ଓଃ, ମୁଁ ବର୍ତ୍ତମାନ ଦେଖୁଅଛି । ଏବଂ ତାହା ସବୁଠାରୁ ସୁନ୍ଦର ସାନ ଜିନିଷଟିଏ । ଏବଂ ସେ ବହୁତ ଅସୁସ୍ଥ ଅଟେ । ଏବଂ ଆମେ ଶୁଣୁଥିଲୁ, ଯେତେବେଳେ ଆମେ ପରଭାଷା ପୁଣି ବ୍ୟାଖ୍ୟାର ଦିଆ ଯାଉଥିବାର ଶୁଣିଲୁ । ଏବଂ ଆମେମାନେ ଶୁଣୁଥିଲୁ, ଏବଂ ଆମେ ଭାବୁଥିଲୁ ଯେ ଆମେ ତାହା ବୁଝୁଅଛୁ ଯେ ଏକ ସାନ ଝିଅ ବିଷୟରେ କିଛି ଗୋଟାଏ କୁହାଯାଇଥିଲା । ଏବଂ ଆମେମାନେ ଏହା ଦେଖିବା ପାଇଁ ଅପେକ୍ଷା କରୁଥିଲୁ ଯେ ପ୍ରଭୁ ଏକ ବାର୍ତ୍ତା ଦେବେ କି ନାହିଁ, ଯେ ସେଠାରେ କଅଣ କୁହାଯାଏ । କିନ୍ତୁ ମୁଁ ଭାବୁଛି ଯେ ସେହି ସାନ ଝିଅଟି ବର୍ତ୍ତମାନ ଠିକ୍ ଅଛି, ଏବଂ ଭଲ ହେବାକୁ ଯାଉଅଛି । ଆଉ ତେଣୁକରି…

4 ଆଉ ସେଠାରେ ଜଣେ ମହିଳା ମଧ୍ୟ ଥିଲେ, ଯିଏକି ତାଙ୍କର ଦୃଷ୍ଟି ଶକ୍ତି ହରାଇଥିଲେ, ଏବଂ ଆମେ ତାଙ୍କ ପାଇଁ ପ୍ରାର୍ଥନା କରୁଥିଲୁ । ଆଉ ଗୋଟିଏ ଆମ୍ବୁଲାନ୍ସରେ ସେଠାରେ ଜଣେ ବ୍ୟକ୍ତି ଥିଲେ, ଜଣେ ସେବକ । ମୁଁ ଅନୁମାନ କରେ ନାହିଁ ଯେ ସେହି ଲୋକର ଓଜନ ପଚିଶ ପାଉଣ୍ଡ, କିମ୍ବା ଚାଳିଶ ପାଉଣ୍ଡଠାରୁ ଅଧିକ ହୋଇଥିବ । କେବଳ—କେବଳ ବହୁତ, ବହୁତ… ଆଉ ତେଣୁକରି ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଓହ୍ଲାଇ ଆସିଲି ।

5 ଏବଂ ସେହି କାରଣ ଯେଉଁଥି ଯୋଗୁଁ ମୁଁ ଏକ ପ୍ରକାର ବହୁତ ଅଧିକ, ଦ୍ୱିଧାବୋଧରେ ଥିଲି, ମୋ ଦାନ୍ତ ଫାଙ୍କରେ ଦିଆଯାଇଥିବା ବସ୍ତୁଟି ମୋ ଦାନ୍ତରୁ ଖସି ଯାଇଥିଲା । ଏବଂ ଆଜି ସକାଳେ, ସେଠାରେ ମୋର ସେହି ଦାନ୍ତ ଫାଙ୍କରୁ, ତାର ସମ୍ମୁଖରେ, ମୁଁ ନିଜ ପ୍ରତି ସିଟି ବଜାଉଅଛି । ଏବଂ ସେମାନେ ମୋତେ ବର୍ତ୍ତମାନ କହୁଛନ୍ତି ଯେ ମୋତେ ସେଗୁଡିକୁ ତାର

ମୂଳ ସହିତ ଭୁମିଷ୍ଠ କରିବାକୁ ହେବ, ଏବଂ ସେଗୁଡିକ ଉପରେ ଢାଙ୍କୁଣି ଦେବାକୁ ହେବ। ଆଉ ତେଣୁକରି ଏହି ବୃଦ୍ଧାବସ୍ଥା ମାଡି ଆସୁଛି, ତାହାହିଁ କେବଳ ମୁଁ ଜାଣେ। ଏବଂ ମୋର ସେଥିରେ ଏକ ବସ୍ତୁ ପୁରା ଯାଇଥିଲା, ଏବଂ ଏକ ପ୍ରକାର ତାହାର ଅଧା, ଏବଂ ଯେତେବେଳେ ମୁଁ କହିବାକୁ ଆରମ୍ଭ କରୁଥିଲି, ଆପଣ ଏହାକୁ ଅନୁଭବ କରିପାରିବେ, ଯେ ଆପଣଙ୍କ ଓଠର ପାର୍ଶ୍ୱରୁ, ଏକ ପ୍ରକାର ପବନ ବାହାରି ଆସୁଛି, ଆପଣ—ଆପଣ ଜାଣନ୍ତି ଯେ ମୋର କହିବାର ଅର୍ଥ କଅଣ। ଏବଂ ଏହା ଏକ ପ୍ରକାର, ଫସ୍ ଫସ୍ ଶବ୍ଦ ବାହାର କରିବା ପରି ହୁଏ।

6 ଆଜି ସକାଳେ ଆମେମାନେ ଜୀବିତ ରହିଥିବା ହେତୁ, ଏବଂ ଗୀର୍ଜାକୁ ଆସିବା ପାଇଁ ସକ୍ଷମ ହୋଇଥିବା ହେତୁରୁ ପ୍ରକୃତରେ ଏକ ସୌଭାଗ୍ୟବାନ୍ ଲୋକ ଅଟୁ। ଏବଂ ଖ୍ରୀଷ୍ଟମାସର ଏହି ପୂର୍ବ ସନ୍ଧ୍ୟାରେ, ସେହି ଉତ୍ସବର ଅପେକ୍ଷା କରୁଥିବାବେଳେ ଯାହାକି ସେମାନଙ୍କର ରହିଅଛି, ଯାହାକି, ମୁଁ—ମୁଁ ଆଶା କରେ ଯେ ମୁଁ...ଆଜି ସକାଳେ ଏଠାରେ ବହୁତ ସାନ ପିଲାମାନେ ଅଛନ୍ତି, ତେଣୁ ମୁଁ କେବଳ ନୀରବ ରହିବି। ବୁଝିଲେ? ଏବଂ ଆମେ ବୟସ୍କମାନେ, ବେଳେବେଳେ, ଆମେ ଏପରି କଥା କହିଥାଉ ଯାହା ସାନ ପିଲାମାନେ ଶୁଣିବା ଉଚିତ୍ ନୁହେଁ, ଆପଣ ଜାଣନ୍ତି।

7 କିନ୍ତୁ, ମୁଁ ଭାବୁଛି ଯେ କିଛି ସମୟ ପରେ, ମଣ୍ଡଳୀ ସାନ ସାନ ପିଲାମାନଙ୍କ ପାଇଁ ଏଠାରେ ଅଳ୍ପ ଟିକିଏ ଉପହାରଗୁଡିକୁ ରଖିଛନ୍ତି। ମୁଁ ଏହାକୁ ଠିକ, ସେଠାରେ ପଛରେ ଦେଖୁଥିଲି। ଓଃ, ଆପଣ ରହିବାକୁ ଚାହିଁବେ। ରବିବାର ଶ୍ରେଣୀର ଶିକ୍ଷା ପରେ, ଆପଣ କେବଳ ଧରି ରଖନ୍ତୁ, ଦେଖନ୍ତୁ, 'କାରଣ ମୁଁ—ମୁଁ ଭାବୁଛି ଯେ ଆଜି ସକାଳେ ସେମାନଙ୍କ ପାଖରେ ସେଠାରେ ପଛରେ, ସେହି ସାନ ସାନ ପିଲାମାନଙ୍କୁ ଦେବା ପାଇଁ କିଛି ଉପହାରମାନ ଅଛି। ଏବଂ ଯେତେବେଳେ ମୁଁ...ତୁମେ ସାନ ସାନ ପିଲାମାନେ, ମନେରଖ, ଯେତେବେଳେ ଆମେମାନେ ଏହା କରୁଥାଉ, ମୁଁ ଏହାକୁ ସ୍ପଷ୍ଟ କରି ଦେବାକୁ ଚାହେଁ, ଯେ ଏହା ସାଣ୍ଟା କ୍ଲଜ୍ ନୁହେଁ, 'କାରଣ ତାହା ତ ଏକ କାହାଣୀ ଅଟେ ଯାହାକି କୌଣସି ଦିନ ତୁମେମାନେ ଶିଖିବ ଯେ ତାହା ଏଥିରେ କିଛି ହେଲେ ନୁହେଁ। ମାତ୍ର ଏହା ତ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଆସିଅଛି, ଯିଏକି ସମସ୍ତ ସତ୍ୟତାର ସତ୍ୟ ଅଟନ୍ତି, ତୁମେମାନେ ଦେଖ, ସେହି ପରମେଶ୍ୱରଙ୍କ ପୁତ୍ର। ଏବଂ ଆମେ ତୁମମାନଙ୍କୁ ଏହି ଛୋଟ ଉପହାର ଦେଉଅଛୁ, ଆଜି ସକାଳେ, କାରଣ ଏହା ତୁମମାନଙ୍କୁ ଜଣାଇବା ପାଇଁ ଅଟେ ଯେ ଥରେ ପରମେଶ୍ୱର ସବୁଠୁ ଶ୍ରେଷ୍ଠ ଉପହାର ଦେଇଥିଲେ ଯାହାକି କେବେ ମାନବ ଜାତିଙ୍କୁ ଦିଆଯାଇ ପାରିଥାନ୍ତା: ତାହାଙ୍କର ପୁତ୍ର। ଏବଂ ଆମ ପାଖରେ ଏହାକୁ ପ୍ରକାଶ କରିବା ପାଇଁ, ଏକ ନିକୃଷ୍ଟ ଉପାୟ ଅଛି। ଏବଂ ଏପରି କିଛି ହେଲେ ନାହିଁ ଯାହାକି ଆମେ ଦେଇପାରୁ ଯାହା ତାହା ସହିତ ତୁଳନା କରିବ। କିନ୍ତୁ ଠିକ ମର୍ତ୍ତ୍ୟ ପରି, ଆମେମାନେ ପରସ୍ପର ଜଣେ ଅନ୍ୟକୁ, ତାହା କରିଥାଉ।

8 ବର୍ତ୍ତମାନ, ମୁଁ ଆସନ୍ତା ରବିବାର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଯାଉଥିଲି। ଏବଂ ଯାହାବି ହେଉ, ବୋଧହୁଏ ମୁଁ ତାହା କରିବି, ଏପରି କିଛି ବିଷୟ ଉପରେ ଯାହାକି ମୁଁ କହିବାକୁ ଚାହେଁ। ଏବଂ କିଛି ଗୋଟାଏ ବିଷୟ ଆମକୁ ଜଣାଇ ଦିଆ ଯାଇଅଛି—ଯାଇଅଛି, ଉପରିଷ୍ଠ ଘରର,

ଏକ ଦର୍ଶନ ବିଷୟରେ, ଯାହାକୁ ମୋତେ ସେହି ରୂପରେ ଅନୁସରଣ କରିବାକୁ ଅଛି । ଏବଂ ଏହା ଏକ ପ୍ରକାର…ଏହା କୌଣସି ପ୍ରକାର, ମନେ ହୁଏ, ଯେ ଏକ ପ୍ରକାର କଠୋର ହେବ, କିନ୍ତୁ ଆମେ ଏହା କଦାପି ଭାବିବାକୁ ଚାହୁଁ ନାହୁଁ ଯେ ପରମେଶ୍ୱର ଯାହା କୁହନ୍ତି ତାହା କଠୋର ଅଟେ । ତାଙ୍କର—ତାଙ୍କର ଭାର ହାଲୁକା ଅଟେ ।

9 ଏବଂ ପରବର୍ତ୍ତୀ ରବିବାର ହେତୁରୁ, ପରମେଶ୍ୱର ଯଦି ଇଚ୍ଛା କରନ୍ତି, ଆମେମାନେ ଏଠାରେ ଏକ—ଏକ ସେବା କରିବାକୁ ଯାଉଅଛୁ ଯାହାକି ଠିକ ନୂଆ ବର୍ଷର ସନ୍ଧ୍ୟାର ପୂର୍ବରୁ ଅଟେ, ଯଦି ଏହି ସେବା ପାଇବା ନିମନ୍ତେ ପ୍ରଭୁ ଆମ ଉପରେ ସନ୍ତୁଷ୍ଟ ହୁଅନ୍ତି । ଏବଂ ଆମେ ଗୋଟିଏ ସକାଳର ସେବା କରିବାକୁ, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ, ଏବଂ ସମ୍ଭବତଃ ଏକ ବାପ୍ତିସ୍ମ ସେବା କରିବାକୁ ଚାହୁଁଛୁ । ତାହାପରେ ମୁଁ ଭାବିଲି, ଏହାକୁ ଆମ ବନ୍ଧୁମାନଙ୍କ ନିକଟରେ ଘୋଷଣା କରିବା, ଯେପରିକି ସେମାନେ ଏଥିରେ ଆସିପାରିବେ । ତାହାପରେ ଆମ ପାଖରେ ରବିବାର ସକାଳ ଏବଂ ରବିବାର ରାତି ରହିବ । ଏବଂ ତାହାପରେ ଲୋକମାନେ ନୂଆ ବର୍ଷ ପାଇଁ ରହିବାକୁ ଚାହିଁବେ, ତାହାପରେ ଆମର ରହିଛି…ଏଥର, ରାତ୍ରି ଜାଗରଣ ସେବା କରିବାକୁ ଯାଉଅଛୁ କି? [ଭାଇ ନେଭିଲ୍ କୁହନ୍ତି, "ହଁ ।"—ସମ୍ପା ।]

10 ଏଠାରେ ଅନେକ ସେବକମାନେ ରହିବେ, ନୂଆ ବର୍ଷ ରାତ୍ରିର ବାର୍ତ୍ତା କହିବେ, ଠିକ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ । ଏବଂ—ଏବଂ ଆମେ ଏହିପରି ସେବକମାନଙ୍କୁ ଆସି କହିବା ପାଇଁ ଆମନ୍ତ୍ରଣ କରୁଅଛୁ । ପ୍ରଭୁ ଇଚ୍ଛା କଲେ, ମୁଁ ସେମାନଙ୍କ ମଧ୍ୟରୁ ଜଣେ ହେବାକୁ ଚାହେଁ ଯାହାଙ୍କର ପାଖରେ ନୂଆ ବର୍ଷର ରାତିରେ କିଛି କହିବାର ଥାଏ ।

11 ଏବଂ ତାହାପରେ ପରବର୍ତ୍ତୀ ରବିବାର, ମୁଁ ଭାବେ ଯେ ମୁଁ ଏପରି ବିଷୟଗୁଡିକର ଏକ ରୂପରେଖା ପରିବେଷଣ କରିବି ଯାହାକି କରାଯାଉଅଛି, ଯାହା କରାଯାଇଅଛି, ଏହା ଦେଖାଇବାକୁ ଯେ ପରମେଶ୍ୱର ଆପଣା ଲୋକମାନଙ୍କ ସହିତ କିପରି ବ୍ୟବହାର କରୁଛନ୍ତି, ଏବଂ ତାହାକୁ ଠିକ୍ ଏଠାରେ ମଣ୍ଡଳୀରେ ଏକ—ଏକ ଚରମବିନ୍ଦୁରେ ନେଇ କରି ଆସିବି ।

12 ଏବଂ ଆପଣମାନଙ୍କ ମଧ୍ୟରୁ ଅନେକେ ଏହି ଆୟକର ସମ୍ବନ୍ଧୀୟ ମାମଲା ବିଷୟରେ ଚିନ୍ତା କରୁଛନ୍ତି ଯାହା ଦେଇ ଆମେ ଗତି କରୁଅଛୁ । ଏହା ସମାଧାନ ହୋଇଅଛି । ଏବଂ ତେଣୁକରି ମୁଁ ଆପଣଙ୍କୁ ତାହା ମଧ୍ୟ କହିବାକୁ ଚାହେଁ ଯେ, ଏହା କିପରି ଘଟିଲା । ଏବଂ ମୁଁ ଭାବୁଛି ଯେ, ଏହା କହିବାକୁ ହେବ, ପରବର୍ତ୍ତୀ ରବିବାର, ଏହାକୁ ପୁନର୍ବାର କହିବାକୁ ପଡିବ, ତେଣୁ ମୁଁ କେବଳ ଆସନ୍ତା ରବିବାର ପର୍ଯ୍ୟନ୍ତ ଅପେକ୍ଷା କରିବି । ଏବଂ ଆଜି ସକାଳରେ, ଆପଣମାନଙ୍କ ସହିତ ବାକ୍ୟରୁ, ଅଳ୍ପ କିଛି କଥା ହେବା ପାଇଁ ଚେଷ୍ଟା କରିବି । ବୁଝିଲେ? ଏବଂ ଆସନ୍ତା ରବିବାର, ମୁଁ କରିବି—ମୁଁ ଚେଷ୍ଟା କରିବି, ଯଦି ପରମେଶ୍ୱରଙ୍କ ଇଚ୍ଛା ହୁଏ, ଯେ ଆପଣଙ୍କୁ ଜଣାଇବି ଯେ ଏହା ସବୁ କିପରି ଘଟିଲା, ଏବଂ ପ୍ରତ୍ୟେକ ସେହି ବିଷୟକୁ ଆପଣଙ୍କ ନିକଟରେ ଆଣିବି ଯାହାକି ସଦାପ୍ରଭୁ କହିଥିଲେ, ଏବଂ ତାହାସବୁ ଠିକ ସେହିପରି

ଘଟିବାର ଦେଖିବାଟା ଯେପରିକି ତାହା କୁହାଯାଇଥିଲା, ଠିକ ତାହାର ଯଥା ସ୍ଥାନରେ ଘଟିବା । ବୁଝିଲେ? ସେ କୌଣସି ବିଷୟ ଭୁଲ୍ କୁହନ୍ତି ନାହିଁ ।

13 କିନ୍ତୁ, ବର୍ତ୍ତମାନ, ଗୋଟିଏ ବିଷୟ ଯାହା ମୁଁ ଆଜି ସକାଳେ କହିବାକୁ ଚାହେଁ, ଯାହାକି ମୁଁ ବୋଧହୁଏ, ଆସନ୍ତା ରବିବାର କହିବି ନାହିଁ, ତାହା ଏପରି କିଛି ବିଷୟରେ ଅଟେ ଯାହା ଗତକାଲି ଘଟିଥିଲା । ଆଜି ସକାଳେ ମୁଁ ଆସିବାକୁ ଟିକିଏ ଅମନୋଯୋଗୀ ହେଉଥିଲି, କାରଣ ପ୍ରକୃତରେ ମୋର ମନ ଏକ ପ୍ରକାର ଭାଙ୍ଗି ଯାଇଥିଲା, ତେଣୁକରି ମୁଁ—ମୁଁ ଏହାକୁ କରିବା ଭଳି ଅଧିକ ଅନୁଭବ କରୁ ନ ଥିଲି । କିନ୍ତୁ ଯେହେତୁ ମୁଁ ଏଠାରେ ଅଛି, ତେବେ, ମୁଁ ମୋର ଯଥାସମ୍ଭବ ଚେଷ୍ଟା କରିବି ।

14 ଗତ ରାତି ପୂର୍ବରୁ, ମୋର ସହିତରେ ବନ୍ଧୁମାନେ ଥିଲେ, ଭାଇ ଏବଂ ଭଉଣୀ ସୋଥମ୍ୟାନ୍, ଯେପରିକି ଆମେ ଏଠାରେ ଜାଣିଛୁ, ସେ ମଣ୍ଡଳୀର ଟ୍ରଷ୍ଟିମାନଙ୍କ ମଧ୍ୟରୁ ଜଣେ ଅଟନ୍ତି, ଏବଂ ତାଙ୍କ ପତ୍ନୀ, ମୋତେ ଏବଂ ମୋର ପତ୍ନୀଙ୍କୁ ଦେଖା କରିବାକୁ ଆସିଥିଲେ । ଏବଂ ଆମେମାନେ ଫିନିକ୍ସ ଏବଂ ଏହାର ଆଖପାଖ ସ୍ଥାନରେ ଆସୁଥିବା ସଭାଗୁଡ଼ିକ ବିଷୟରେ କଥା ହେଉଥିଲୁ, ଯଦି ଏହା ପ୍ରଭୁଙ୍କର ଇଚ୍ଛା ହୁଏ । ଏବଂ ଆମେମାନେ ପ୍ରାୟଃ ଦଶଟା-ତିରିଶ ପର୍ଯ୍ୟନ୍ତ ରହିଥିଲୁ, ମୁଁ ଅନୁମାନ କରେ, ଏବଂ ମୁଁ ଏଗାରଟା ପାଖାପାଖି ପ୍ରାୟଃ ଶୋଇବାକୁ ଗଲି ।

15 ଏବଂ ରାତ୍ରିର କୌଣସି ସମୟରେ, ମୁଁ ଏକ ସ୍ୱପ୍ନ ଦେଖିଲି । ଏବଂ ଏହି ସ୍ୱପ୍ନରେ ମୁଁ କାହାରି ଜଣକାକୁ ଦେଖିଲି ଯିଏକି ମୋର ପିତା ପରି ଥିଲେ; ଜଣେ ବିରାଟ, ବିଶାଳକାୟ ବ୍ୟକ୍ତି, କେବଳ ପ୍ରତିରୂପକ ଭାବରେ, ସାଙ୍କେତିକ ଭାବରେ କହିବାକୁ ଗଲେ, ମୋ ପିତା । ମୁଁ ଜଣେ ସ୍ତ୍ରୀଲୋକଙ୍କୁ ଦେଖିଲି, ମୋ ମାଆ ପରି ଦେଖାଯାଉ ନ ଥିଲେ; କିନ୍ତୁ, ତଥାପି, ସେ ମୋର ମାଆ ପରି ଥିଲେ । ଏବଂ ଏହି ବ୍ୟକ୍ତି (ଯିଏକି ପିତାଙ୍କ ପରି ଥିଲେ, ଏହି ସ୍ତ୍ରୀଲୋକଙ୍କର ସ୍ୱାମୀ) ତାଙ୍କୁ ଅତି ନିର୍ଯାତନା ଦେଉଥିଲେ, ଏପରିକି ଯେ ତାଙ୍କ ହାତରେ ଏକ ବଡ଼ କାଠ ଫାଳିଆ ଥିଲା, ଏବଂ ସେ ସେହି ସ୍ତ୍ରୀଲୋକଙ୍କୁ ଏହିପରି ଧରି ରଖିଥିଲେ ଓ ଏହି କାଠ ଫାଳିଆରେ ତାଙ୍କୁ ପ୍ରହାର କରୁଥିଲେ, ଆଉ ସେହି ସ୍ତ୍ରୀଲୋକ ତଳେ ପଡ଼ି ଯାଉଥିଲେ । ଏବଂ ତାହାପରେ—ଏବଂ ତାହାପରେ, କିଛି ସମୟ ଉତ୍ତାରେ, ସେହି ସ୍ତ୍ରୀଲୋକ ପୁନର୍ବାର ଉଠି ପଡିଲେ । ଏବଂ ସେହି ବ୍ୟକ୍ତି ଏଆଡେ ସେଆଡେ ବୁଲାବୁଲି କରିଥିଲେ, ତାଙ୍କୁ ପୁଣି ପ୍ରହାର କରିବା ପାଇଁ ଏକ ଧାରଣା କରୁଥିଲେ, ସେ ତାଙ୍କୁ ପୁଣି ପ୍ରହାର କରିଥିଲେ । ଏବଂ ମୁଁ କିଛି ଦୂରରେ ଛିଡା ହୋଇ, ଏହାକୁ ଦେଖୁଥିଲି ।

16 ଶେଷରେ, ମୁଁ ଏଥିରେ ବିରକ୍ତ ହୋଇଗଲି । ଏବଂ ମୁଁ ଏହି ବ୍ୟକ୍ତିଙ୍କଠାରୁ ବହୁତ ଛୋଟ ଥିଲି, ସେ ମୋ ବାପାଙ୍କ ପରି ଥିଲେ । ତେଣୁକରି ମୁଁ ତାଙ୍କ ପାଖକୁ ଗଲି ଏବଂ ତାଙ୍କ ମୁହଁରେ ମୋ ଆଙ୍ଗୁଠି ଦେଲି । ମୁଁ କହିଲି, "ତାଙ୍କୁ ଆଉ ମାର ନାହିଁ ।" ବୁଝିଲେ? ଏବଂ ଯେତେବେଳେ ମୁଁ କଲି, କିଛି ଗୋଟାଏ ଘଟିବାକୁ ଲାଗିଲା । ମୋର ବାହୁଗୁଡ଼ିକ ଫୁଲିବାକୁ ଆରମ୍ଭ କଲା, ଏବଂ ମୋର ବଡ଼ ବଡ, ବୃହତ ମାଂସପେଶୀଗୁଡିକ ହେଲା । ମୁଁ ଏପରି ମାଂସପେଶୀ କେବେ ଦେଖି

ନ ଥିଲି । ଏବଂ ମୁଁ ସେହି ବ୍ୟକ୍ତିକୁ ତାର କାମିଜରେ ଧରି ପକାଇଲି, ଏବଂ ମୁଁ କହିଲି, "ତାଙ୍କୁ ଆଉ ମାର ନାହିଁ । ଯଦି ତୁମେ ତାହା କରିବ, ଯଦି ତୁମେ ପୁନର୍ବାର ତାଙ୍କୁ ମାରିବ ତେବେ ତୁମକୁ ମୋ ସହିତ ବ୍ୟବହାର କରିବାକୁ ପଡିବ ।" ଏବଂ ସେହି ବ୍ୟକ୍ତି ମୋତେ ଡରିଗଲେ, ଏବଂ ସେହି ସ୍ତ୍ରୀକୁ ଏକୁଟିଆ ଛାଡିଦେଲେ । ମୁ ଉଠି ପଡିଲି ।

17 ତେବେ, ସେଠାରେ ଶୋଇ ରହି, କିଛି କ୍ଷଣ ମଧ୍ୟରେ, ଅବଶ୍ୟ, ତାହାର ବ୍ୟାଖ୍ୟା ଆସିଲା । ଅବଶ୍ୟ, ତାହା ଥିଲା, ସେହି ସ୍ତ୍ରୀଲୋକ ଜଣକ, ସାଙ୍କେତିକ ଭାବରେ କହିବାକୁ ଗଲେ, ସେହି ମଣ୍ଡଳୀ ଥିଲା, ଯାହାକି ଏକ ପ୍ରକାର ମାତା ସ୍ୱରୂପ ଥିଲେ । ସେହି ପିତା ତାଙ୍କ ଉପରେ ଥିବା ସେହି ନାମଧାରୀ ସଂସ୍ଥା ଥିଲା, ଯାହାକି ମଣ୍ଡଳୀ ଉପରେ କର୍ତ୍ତୃତ୍ୱ କରିଥିଲା, ଯେପରିକି ସ୍ୱାମୀ ସ୍ତ୍ରୀ ଉପରେ କରିଥାନ୍ତି । ଏବଂ ତାହା ଏହି ନାମଧାରୀ ସଂସ୍ଥାଗୁଡିକ ଅଟନ୍ତି ଯାହାକି ମଣ୍ଡଳୀକୁ ଆଘାତ କରୁଥିଲା, ଏବଂ ତାଙ୍କୁ ତାର ପାଦରେ ଛିଡା ହେବାକୁ ମଧ୍ୟ ଦେଉ ନ ଥିଲା । ଠିକ୍, ପ୍ରତ୍ୟେକ ଥର ସେ ଉଠିବାକୁ କିମ୍ବା କିଛି କରିବାକୁ ଚେଷ୍ଟା କରୁଥିଲା, ସେତେବେଳେ ସେମାନେ, ସେଠାରେ ଥିବା ଲୋକମାନେ, ନାମଧାରୀ ସଂସ୍ଥା ତାଙ୍କୁ ପ୍ରହାର କରୁଥିଲା । ଏବଂ ଏହା ଏଠାରେ କେବଳ କିଛି—କିଛି ବିଶ୍ୱାସର ମାଂସପେଶୀ ରଖିବାର ପ୍ରୟୋଜନ କରୁଥିଲା ଯେ ମୁଁ ସେଠାରେ ମୋ ଆଙ୍ଗୁଠିକୁ ସେହିପରି ରଖେ, ଏବଂ କୁହେ, "ତୁମେ ମୋ ସହିତ କାରବାର କରୁଛ । ବୁଝିଲ?" କାରଣ, ସେଠାରେ କିଛି ଲୋକମାନେ ଅଛନ୍ତି ଯେଉଁମାନେ କି ପରମେଶ୍ୱରଙ୍କର ଅଟନ୍ତି । ଏବଂ ତାହା ଠିକ୍ ଥିଲା । ତାହା ବିଷୟରେ...

18 ମୁଁ ଅନୁମାନ କରେ ଯେ, ଆମେମାନେ ଏଠାରେ ଉପରେ ପ୍ରାୟଃ ଦୁଇ, କିମ୍ବା ତିନି ଘଣ୍ଟା ହେଲାଣି ଅଛୁ । ଏବଂ ସେମାନଙ୍କ ମଧ୍ୟରୁ ଜଣେ, ମୋ ଝିଅ, ରିବିକା, ସେଠାରେ, ଲୁଇସ୍‌ଭିଲେର ମେଥୋଡିଷ୍ଟ ହସ୍ପିଟାଲରେ କାର୍ଯ୍ୟ କରନ୍ତି । ତାହା, ଓଃ, ନର୍ସ ପ୍ରଶିକ୍ଷଣର ସେହି ଆରମ୍ଭିକ ରୂପ ଅଟେ । ସେମାନେ ତାହାଙ୍କୁ, "କାଣ୍ଡି ଷ୍ଟ୍ରିପର୍," ଡାକନ୍ତି, କିମ୍ବା ସେହିପରି କିଛି ଡାକନ୍ତି । ଏବଂ ସେ ଥିଲା, ସେ...ସେମାନେ ତାଙ୍କୁ ସକାଳେ ଆସିବା ପାଇଁ ଖବର ଦେଲେ, ଏବଂ ତାହା ହିଁ ମୋତେ ଉଠାଇ ଦେଇଥିଲା । ଏବଂ ଏହା ଅତି ପ୍ରାତଃ ଥିଲା, ଏବଂ ସେ, ତାର ଅନ୍ୟ କୌଣସି ସାନ ବିଦ୍ୟାଳୟ ବନ୍ଧୁଙ୍କ ସହିତ, ସେମାନେ—ସେମାନେ ସେଠାରେ ଏକତ୍ର କାର୍ଯ୍ୟ କରନ୍ତି, ଏବଂ ସେମାନଙ୍କୁ ଲୁଇସ୍‌ଭିଲେକୁ ନେଇ ଯିବାକୁ ଯାଉଥିଲେ । ସେମାନଙ୍କୁ ସେଠାରେ ଦଶଟା ସମୟରେ ପହଞ୍ଚିବାକୁ ଥିଲା । ଏବଂ ପତ୍ନୀ ଆଶ୍ଚର୍ଯ୍ୟ କରିଥିଲେ ଯେ ସେ କାହିଁକି ଶୋଇବା ଘରେ ପ୍ରବେଶ କରିପାରି ନ ଥିଲେ । ମୁଁ ଏହାକୁ ତାଲା ପକାଇ ଦେଇଥିଲି ।

19 ତେବେ, ମୋ ଜୀବନରେ ଅନେକ କିଛି ଘଟଣା ଘଟିଅଛି, କିନ୍ତୁ ମୋ ସହିତରେ ସେପରି କିଛି କେବେହେଲେ ଘଟି ନ ଥିଲା । ମୁଁ ଏକ ଅବଚେତନ ଅବସ୍ଥାକୁ ଚାଲି ଗଲି । ମୁଁ ତାହାର ବ୍ୟାଖ୍ୟା ଜାଣେ ନାହିଁ । ମୋ ଜୀବନରେ ମୁଁ କେବେହେଲେ ସେହିପରି କିଛି ଅନୁଭବ କରି ନ ଥିଲି । କିନ୍ତୁ, ମୋ ସମ୍ମୁଖରେ, ଏହା ଏପରି ଜଣା ପଡୁଥିଲା ଯେ ମୁଁ ଅନୁଭବ କଲି ଯେ ଏହା ଏକ ଦର୍ଶନ ଥିଲା, ଏବଂ ମୁଁ ଦର୍ଶନରେ ଅଛି । କିନ୍ତୁ ମୁଁ ମୋ ପୁଅ, ଯୋଷେଫଙ୍କ ସହିତ କଥାବାର୍ତ୍ତା

ହେଉଥିଲି । ଯାହାକି, ସେ ସେହି ସମୟରେ କକ୍ଷରେ ନ ଥିଲେ । କିନ୍ତୁ କୌଣସି ପ୍ରକାରେ ବି, ଯେପରିକି ଏହା ମୋତେ ଆଘାତ କଲା, ମୁଁ ଯୋଷେଫଙ୍କ ସହିତ କଥାବାର୍ତ୍ତା ହେଉଥିଲି ।

20 ଏବଂ ମୁଁ—ମୁଁ ଉପରକୁ ଅନାଇଲି । ଏବଂ ଗୋଟିଏ ପ୍ରକାର ଏକ ପିରାମିଡ୍ ଆକାରରେ, ମୋ ସମ୍ମୁଖରେ, ଛୋଟ ଛୋଟ, ସାନ ପକ୍ଷୀମାନେ ଥିଲେ, କିଛି ଗୋଟାଏ ଅଧା-ଇଞ୍ଚ ଲମ୍ବା ଭଳି । ଏବଂ ସେମାନେ, ସେଠାରେ ଉପରେ, ଡାଳରେ, ସେଠାରେ ଗୋଟିଏ…କହିପାରେ, ତିନୋଟି କିମ୍ବା ଚାରୋଟି ଥିଲେ । ତାହାପରେ, ପରବର୍ତ୍ତୀ, ପରବର୍ତ୍ତୀ ଡାଳରେ ହୁଏତ ଆଠଟି କିମ୍ବା ଦଶଟି ଥିଲେ । ଏବଂ ତଳ ଭାଗରେ, ପନ୍ଦର କିମ୍ବା କୋଡ଼ିଏଟି ଥିଲେ ।

21 ଏବଂ ସେମାନେ ଛୋଟ ଛୋଟ ଯୋଦ୍ଧାମାନେ ଥିଲେ, କାରଣ ସେମାନଙ୍କର ଡେଣାଗୁଡିକ କ୍ଷତ ବିକ୍ଷତ ହୋଇଥିଲା, ଏବଂ ଏପରି ଦିଶୁଥିଲା ଯେପରିକି ସେମାନେ ମୋ ସହିତ କଥାବାର୍ତ୍ତା କରିବାକୁ, କିଛି କହିବାକୁ ଚେଷ୍ଟା କରୁଛନ୍ତି । ଏବଂ ମୁଁ ପଶ୍ଚିମ ଆଡେ ଥିଲି, ଆରିଜୋନା, ଟ୍ୟୁସାନ୍‌ର ଆଖପାଖରେ ଥିଲା । ଏବଂ ପକ୍ଷୀମାନେ ପୂର୍ବ ଦିଗ ଆଡକୁ ଚାହିଁ ରହିଥିଲେ । ଏବଂ ମୁଁ ଅତି ଧ୍ୟାନ ସହକାରେ ଶୁଣୁଥିଲି । କହିବାକୁ ଚେଷ୍ଟା କରୁଥିଲେ, ଏପରି ଲାଗୁଥିଲା ଯେପରିକି ସେମାନେ ମୋତେ କିଛି କହିବାକୁ ଚେଷ୍ଟା କରୁଥିଲେ । ଏବଂ ସେମାନଙ୍କର ଛୋଟ ଛୋଟ ଡେଣାଗୁଡିକ ଥିଲା, ସବୁ କ୍ଷତ ବିକ୍ଷତ ହୋଇଥିଲା, ଏବଂ ସମସ୍ତ କିଛି ବିଷୟ ଥିଲା । ସେମାନଙ୍କର ଅନେକ ଯୁଦ୍ଧଭୁମିର-କ୍ଷତ ଦାଗ ରହିଥିଲା । ତାହାପରେ, ହଠାତ୍ ହଁ, ଗୋଟିଏ ପକ୍ଷୀ ଅନ୍ୟ ଗୋଟିଏର ସ୍ଥାନ ନେବାକୁ ଲାଗିଲା, *ସେହିପରି* ଭାବରେ ଡେଇଁବାକୁ ଲାଗିଲା । ଏବଂ ସେମାନେ, ଛୋଟ ଛୋଟ ପକ୍ଷୀମାନେ ଅତି ଶୀଘ୍ର, ପୂର୍ବ ଦିଗକୁ ଉଡ଼ିଗଲେ ।

22 ଏବଂ ଯେତେବେଳେ ସେମାନେ ତାହା କଲେ, ସେଥିରୁ ଏକ ବଡ଼ ପକ୍ଷୀ ଆସିଲା, ଅଧିକନ୍ତୁ କପୋତ ପରି ଦିଶୁଥିଲା, ତାର ଏକ ତୀକ୍ଷ୍ଣ ଡେଣାମାନ ଥିଲା । ଏବଂ—ଏବଂ—ଏବଂ ସେମାନେ ଏକ ସମୂହରେ ଆସିଲେ, ଓ ଅତି ଶୀଘ୍ର ଭାବରେ, ଏବଂ ସେହି ଛୋଟ ପକ୍ଷୀମାନଙ୍କ ଅପେକ୍ଷା ଶୀଘ୍ର, ପୂର୍ବ ଦିଗକୁ ଉଡ଼ିଗଲେ ।

23 ଏବଂ ତଥାପି ମୁଁ ମୋର…ସେହି ଦୁଇଟି ଚେତନା ଏକତ୍ର ଥାଇ, ମୁଁ ଜାଣିଥିଲି ଯେ ମୁଁ ଏଠାରେ ଛିଡା ହୋଇଛି, ଏବଂ ମୁଁ ଜାଣିଥିଲି ଯେ ମୁଁ ଅନ୍ୟ କେଉଁଠାରେ ଥିଲି । ବୁଝିଲେ? ଏବଂ ମୁଁ ଭାବିଲି, "ତେବେ, ଏହା ତ ଦର୍ଶନ ଅଟେ, ଏବଂ ଏହାର ଅର୍ଥ କଅଣ ମୋତେ ନିଶ୍ଚିତ ଶିଖିବା ଆବଶ୍ୟକ ।"

24 ଏବଂ ପକ୍ଷୀମାନଙ୍କର ଦ୍ଵିତୀୟ ସମୂହ ଯେମିତି ଆସିଲା, ମୁଁ ପଶ୍ଚିମ ଦିଗ ଆଡକୁ ଚାହିଁଲି । ଏବଂ ଏକ ପିରାମିଡ୍ ଆକାରରେ ଦେଖାଯାଉଥିଲା, ଯେପରିକି ଉଭୟ ପାର୍ଶ୍ଵରେ ଦୁଇଟି, ଓ ଗୋଟିଏ ଉପରେ ରହିଥିଲା, ସେଠାରେ ସବୁଠୁ ଶକ୍ତିଶାଳୀ ପାଞ୍ଚୋଟି ସ୍ଵର୍ଗଦୂତମାନେ ଆସିଲେ ଯାହାକି ମୁଁ ମୋ ଜୀବନରେ କେବେ ଦେଖିଥିଲି । ଏପରି ଦୃତ ଗତିରେ, ମୁଁ କେବେ ଦେଖି ନ ଥିଲି । ସେମାନେ ମୁଣ୍ଡ ପଛକୁ କରିଥିଲେ, ଏବଂ ସେମାନଙ୍କର ତୀକ୍ଷ୍ଣ ଡେଣାଗୁଡିକ

ଥିଲା, କ୍ଷିପ୍ର ବେଗରେ ଉଡୁଥିଲେ! ଏବଂ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କର ସାମର୍ଥ୍ୟ, ମୋତେ ଏପରି ଭାବରେ ଆଘାତ କଲା, ଯେ ତାହା ମୋତେ ଭୂମିରୁ ଉପରକୁ ଉଠାଇ ନେଲା, ଠିକ ଭୂମିରୁ ଉପରକୁ, ନେଇ ଯାଇଥିଲା ।

ମୁଁ ଏବେ ମଧ୍ୟ ଯୋଷେଫଙ୍କୁ କଥା କହୁଥିବାର ଶୁଣି ପାରୁଥିଲି ।

25 ଏବଂ ଧ୍ୱନି ପ୍ରତିବନ୍ଧକ ଭଗ୍ନ କରିବା ପରି ଶବ୍ଦ, ଯାହାକି—ଯାହାକି ଅତି ଦୂରରେ, ଦକ୍ଷିଣ ଆଡ଼େ, ଏକ ବଡ଼ ଗର୍ଜନ ହୋଇଥିଲା । ଏବଂ ଯେତେବେଳେ ମୁଁ ଉପରକୁ ଉଠାଇ ନିଆଗଲି… ଏବଂ ସେଠାରେ ସ୍ୱର୍ଗଦୂତମାନଙ୍କର ଏତେ ଅଧିକ ଦ୍ରୁତ ଗତି ଥିଲା! ଏବଂ ମୁଁ—ମୁଁ ସେମାନଙ୍କୁ ଠିକ ବର୍ତ୍ତମାନ ଦେଖିପାରୁଛି, ଦେଖନ୍ତୁ, ଯେତେବେଳେ—ଯେତେବେଳେ ସେମାନେ ସେହି ପ୍ରକାରେ, ସେହି ଆକାରରେ ଆସୁଥିଲେ, ଠିକ ମୋ ପାଖକୁ ଆସୁଥିଲେ ।

26 ତେବେ, ବର୍ତ୍ତମାନ, ସ୍ୱପ୍ନ ଦେଖୁନାହିଁ । ନା । ମୁଁ ଠିକ ସେଠାରେ ଥିଲି, ସେତିକି ଜାଗ୍ରତ ଅବସ୍ଥାରେ ରହିଥିଲି ଯେତିକି ମୁଁ ବର୍ତ୍ତମାନ ଅଟେ । ବୁଝିଲେ?

27 କିନ୍ତୁ ଏହା ଏଠାରେ ଆସିଥିଲା । ଏବଂ ସେମାନେ ଏତେ ଅଧିକ କ୍ଷିପ୍ର ଗତିରେ ଆସିଥିଲେ, ଯେ ଏପରିକି ମୁଁ ଭାବିଲି, ଯେତେବେଳେ ଏହା ଉପରକୁ ଉଠାଇ ନେଲା…ମୁଁ ସେହି ବିସ୍ଫୋରଣକୁ ଶୁଣିଲି, ଯେପରିକି, କିଅବା ଯେପରିକି ଏକ ବିସ୍ଫୋରଣ ହୋଇଥିଲା, ଯାହାକି ଏକ ଶବ୍ଦ ପ୍ରତିବନ୍ଧକ ପରି ଥିଲା । ଏବଂ ଯେତେବେଳେ ଏହା ହେଲା, ମୁଁ ଭାବିଲି, "ତେବେ, ନିଶ୍ଚିତରେ ତାହାର ଅର୍ଥ ଏହା ଯେ ଏହି ପ୍ରକାର ଏକ ବିସ୍ଫୋରଣରେ, ଦେଖନ୍ତୁ, ମୁଁ ମରିବାକୁ ଯାଉଅଛି ।" ଏବଂ—ଏବଂ ମୁଁ କେବଳ…ଯେତେବେଳେ ମୁଁ ସେହି ଜିନିଷଗୁଡ଼ିକ ବିଷୟରେ ଚିନ୍ତା କରୁଥିଲି, ମୁଁ ଭାବିଲି, "ନା, ଏହା ତାହା ହେବ ନାହିଁ । କାରଣ, ଯଦି ଏହା ଏକ ବିସ୍ଫୋରଣ ହୋଇଥାନ୍ତା, ତେବେ ଏହା ଯୋଷେଫଙ୍କୁ ମଧ୍ୟ, ଆଘାତ କରିଥାନ୍ତା । କାରଣ, ସେ ଏବେ ସୁଦ୍ଧା ସେଠାରେ ଅଛନ୍ତି, କଥାବାର୍ତ୍ତା କରୁଛନ୍ତି, ଏହା ଭାବି ଯେ ମୁଁ ସେଠାରେ ଅଛି । ମୁଁ ତାଙ୍କ କଥା ଶୁଣିପାରେ । ଏହା ତାହା ନ ଥିଲା ।"

28 ତେବେ, ଏହା ସବୁ ଏବେ ସୁଦ୍ଧା ଦର୍ଶନରେ ଅଟେ । ଏହା ନ ଥିଲା…ଦେଖନ୍ତୁ? ଏହା ଦର୍ଶନରେ ଥିଲା ।

29 ଏବଂ ତାହାପରେ, ଏକା ଥରକେ, ଯେତେବେଳେ ମୁଁ ଅନୁଭବ କଲି ଯେ ମୁଁ ଥିଲି… ସେମାନେ ମୋର ଚତୁର୍ଦ୍ଦିଗରେ ଥିଲେ । ମୁଁ ସେମାନଙ୍କୁ ଦେଖି ପାରି ନ ଥିଲି, କିନ୍ତୁ ମୋତେ ସେମାନଙ୍କର ଏହି ନକ୍ଷତ୍ରପୁଞ୍ଜର ଏକ ପିରାମିଡ ମଧ୍ୟକୁ, ପାଞ୍ଚ ଜଣଙ୍କର, ଏହି ସ୍ୱର୍ଗଦୂତମାନଙ୍କର—ର ନକ୍ଷତ୍ରପୁଞ୍ଜ ଭିତରକୁ ଅଣାଯାଇଥିଲା । ଏବଂ ମୁଁ ଭାବିଲି, "ତେବେ, ସଂହାରକ ଦୂତ ଏକ ହେବେ । ପାଞ୍ଚ ଅନୁଗ୍ରହ ହେବ ।" ମୁଁ ତାହା ଭାବୁଥିଲି । ମୁଁ ଭାବିଲି, "ଓଃ! ଏହା—ଏହା ମୋର ବାର୍ତ୍ତା ସହିତ ଆସୁଅଛି । ତାହା ମୋର ଦ୍ୱିତୀୟ ପରାକାଷ୍ଠା ଅଟେ । ସେମାନେ ମୋ ପାଖକୁ ପ୍ରଭୁଙ୍କଠାରୁ ବାର୍ତ୍ତା ନେଇ ଆସିବାକୁ ଯାଉଛନ୍ତି ।" ଏବଂ ମୁଁ ମୋର ସମସ୍ତ ଶକ୍ତି ସହକାରେ ଚିତ୍କାର କଲି, ଯେତିକି ଉଚ୍ଚ ପାଟିରେ ମୁଁ ଚିତ୍କାର କରିପାରେ, "ହେ

ଯୀଶୁ, ମୁଁ କଅଣ କରେ ବୋଲି ତୁମେ ଚାହଁ?" ଏବଂ ଯେତେବେଳେ ମୁଁ କଲି, ତାହା ଠିକ୍— ଠିକ ମୋ ପାଖରୁ ଚାଲିଗଲା।

30 ମୁଁ—ମୁଁ—ମୁଁ ସେହି ସମୟଠାରୁ, ଠିକ୍ ଅନୁଭବ କରି ନାହିଁ। ବୁଝିଲେ? ମୁଁ ଗତକାଲି, ସବୁ ସମୟରେ, ମୋତେ ଘରେ ରହିବାକୁ ପଡିଥିଲା, ପ୍ରାୟଃ ନିଜ ମଧ୍ୟରେ ରହିଥିଲି। ମୁଁ ମୋର ମନକୁ ସ୍ୱଷ୍ଟ କରିପାରି ନ ଥିଲି। ଏବଂ ପ୍ରଭୁଙ୍କର ଗୌରବ ଓ ଶକ୍ତି! ଯେତେବେଳେ ଏହା ମୋତେ ଛାଡି ଚାଲିଗଲା, ମୁଁ ସର୍ବତ୍ର ଚେତାଶୁନ୍ୟ ହୋଇଗଲି। ମୁଁ ମୋର ହାତକୁ ଘଷିବାକୁ ଚେଷ୍ଟା କରୁଥିଲି। ଏବଂ ମୁଁ ଭାବିଲି, "ମୁଁ ମୋର ନିଶ୍ୱାସ ନେଇପାରୁ ନାହିଁ।" ଏବଂ ମୁଁ ଚାରିଆଡେ, ଓ ଭୁମିରେ, ଏବଂ ଆଗକୁ ପଛକୁ ଚାଲିଲି। ମୁଁ ଭାବିଲି, "ପ୍ରଭୁ, ଏହାର ଅର୍ଥ କଅଣ? ଏହାର ଅଭିପ୍ରାୟ କଅଣ?" ତାହାପରେ, ମୁଁ ଅଟକି ଗଲି। ମୁଁ କହିଲି, "ପ୍ରଭୁ ପରମେଶ୍ୱର, ତୁମର ସେବକ…ମୁଁ—ମୁଁ ବୁଝି ହିଁ ପାରୁ ନାହିଁ। କାହିଁକି? ତାହା କଅଣ ଥିଲା? ହେ ପ୍ରଭୁ, ଏହାକୁ ଜଣାଅ।" ତେବେ, ଯେତେବେଳେ ସେହି…

31 ମୁଁ ଆପଣଙ୍କୁ ତାହା ବିଷୟରେ କହିପାରେ ନାହିଁ, ଯେତେବେଳେ ମୁଁ କୁହେ, "ପ୍ରଭୁଙ୍କର ଶକ୍ତି।" ଏହାକୁ ବ୍ୟାଖ୍ୟା କରିବାର କୌଣସି ଉପାୟ ନାହିଁ। ଏହା ତାହା ନୁହେଁ ଯାହାକି ଆପଣ ଏଠାରେ, ଆଶୀର୍ବାଦରେ ଅନୁଭବ କରନ୍ତି। ତାହା ତ ପ୍ରଭୁଙ୍କର ଆଶୀର୍ବାଦ ଅଟେ। ଏହା ଏକ ପବିତ୍ର ଅଟେ! ଓଃ, ମୋର ପ୍ରଭୁ! ଏହା—ଏହା ତ ଏପରି କୌଣସି ବିଷୟଠାରୁ ଅଧିକ କିଛି ଅଟେ ଯାହାକି ଏକ ମର୍ତ୍ତ୍ୟ କଳ୍ପନା କରିପାରେ। ବୁଝିଲେ? ଏବଂ ଏହା—ଏବଂ ଏହା ମୋତେ ଅତ୍ୟଧିକ ଭାବେ, ଘାବରା କରାଉଥିଲା। ଏହା ନୁହେଁ…ଏହା ଏକ ଆଶୀର୍ବାଦ ନୁହେଁ। ଏହା ଏକ କଷ୍ଟଦାୟକ ବିଷୟ ଅଟେ। ଆପଣ ବ୍ୟତିବ୍ୟସ୍ତ ହୁଅନ୍ତି। ବୁଝିଲେ? ଏହା ତାହା ଅଟେ। ଯଦି ଆପଣ କେବଳ କରିପାରିବେ…

32 ଯଦି ମୁଁ କେବଳ କୌଣସି ଉପାୟ ପାଇପାରିବି ଯେ ମୁଁ ଲୋକମାନଙ୍କୁ କହିପାରେ ଯେ ତାହା କଅଣ ଥିଲା, କିମ୍ବା ଏହା କଅଣ…ଏହାର ଅନୁଭବ କଅଣ ଥିଲା! ଏହା, ଏହା କେବଳ ଏଠାରେ ବସି ରହି, ଆନନ୍ଦ କରିବାକୁ ଚାହୁଁଥିବା ପରି ନୁହେଁ। ଏହା—ଏହା ତ ଏପରି କିଛି ଅଟେ ଯାହାକି ଆପଣଙ୍କ ଭିତରେ ଥିବା ପ୍ରତ୍ୟେକ ସ୍ନାୟୁ କେବଳ…ଏହା ତ ଭୟଠାରୁ ବହୁତ ଅଧିକ ଅଟେ। ଏହା ଭୟଭୀତ ହେବାଠାରୁ ଅଧିକ ଅଟେ। ଏହା ତ ଏକ ପବିତ୍ର ଆଦର ଅଟେ। ତାହାର…ମୁଁ…ଏହାକୁ ବ୍ୟାଖ୍ୟା କରିବାର କୌଣସି ଉପାୟ ନାହିଁ। ଏପରିକି, ଯେପର୍ଯ୍ୟନ୍ତ, ମୋର ସମ୍ପୂର୍ଣ୍ଣ ପିଠି, ମୋ ମେରୁଦଣ୍ଡର ଉପର-ଓ-ତଳ, ମୋ ଆଙ୍ଗୁଠି ମଧ୍ୟରେ, ମୋ ପାଦ ଏବଂ ବଳା ଗଣ୍ଠିର ଉପର-ଓ-ତଳ, ମୋର ସମଗ୍ର ଶରୀର କେବଳ ଚେତାଶୁନ୍ୟ ହୋଇଗଲା, ଦେଖନ୍ତୁ, ଯେପରିକି ଆପଣ—ଆପଣ ଜଗତରୁ ବାହାରି, ଅନ୍ୟ କୌଣସି ସ୍ଥାନକୁ ଚାଲି ଯାଇଥିଲେ। ଏବଂ—ଏବଂ ଏହା ମୋତେ, ଧୀରେ ଧୀରେ କରି ଛାଡି ଚାଲିଯାଉଥିଲା, ଏବଂ ମୁଁ ପ୍ରଭୁଙ୍କୁ—ଙ୍କୁ କହିଲି, "ହେ ପରମେଶ୍ୱର, କଅଣ ତୁମେ ମୋତେ କେବଳ ଜଣାଇବ କି?"

33 ମୁଁ ଅନୁମାନ କରେ, ଯେ, ସବୁଠୁ ନିକଟତମ ଅବସ୍ଥା ଯାହାକି କେବେ ପୁନର୍ବାର ସେହିପରି ଶକ୍ତିଶାଳୀ ହେବାର ରହିଥିଲା, ସେତେବେଳେ ଥିଲା ଯେତେବେଳେ ମୁଁ ସ୍ୱିଜରଲ୍ୟାଣ୍ଡର, ଜୁରିଚରେ ଥିଲି, ସେହି ସମୟରେ ଯେତେବେଳେ ସେ ମୋତେ ଜର୍ମାନ ଉତ୍କ୍ରୋଶ ପକ୍ଷୀକୁ ଦେଖାଇଥିଲେ ଯିଏକି ସେହି ଇଂରେଜ ଘୋଡା-ଚାଳକକୁ ଆଫ୍ରିକା ଦେଇ ଯାତ୍ରା କରୁଥିବାର ଦେଖିଥିଲା । ଆଉ ସେ କହିଲେ, "ସମସ୍ତେ ପାପ କରିଛନ୍ତି ଏବଂ ଗୌରବରୁ ଊଣା ପଡ଼ିଛନ୍ତି ।"

34 ଏବଂ ମୁଁ ପ୍ରଭୁଙ୍କ ନିକଟରେ, ମୋତେ ସାହାଯ୍ୟ କରିବା ପାଇଁ କ୍ରନ୍ଦନ କରୁଥିଲି । ଏବଂ ସେ ମୋତେ ବ୍ୟାଖ୍ୟା ଦିଅନ୍ତୁ ବୋଲି ମୁଁ—ମୁଁ ଚାହୁଁଥିଲି, କାରଣ ମୁଁ ଆଶ୍ଚର୍ଯ୍ୟ କରୁଥିଲି ଯେ ଯଦି ତାହାର ଅର୍ଥ—ଯଦି ତାହାର ଅର୍ଥ ଏହା ଥିଲା ଯେ ମୁଁ ଦୂରକୁ ଚାଲିଯିବାକୁ ଯାଉଥିଲି, ମୋର ହତ୍ୟା ହେବାକୁ ଯାଉଥିଲା । ଏବଂ ଯଦି ଏହା ଥିଲା, ତେବେ ମୁଁ ପରିବାରକୁ ତାହା ବିଷୟରେ କିଛି ହେଲେ କହିବାକୁ ଯାଉ ନ ଥିଲି । ଏହା ମୋର ଘରକୁ ଯିବାର ସମୟ ଥିଲା, କାହିଁକି, ମୁଁ ତ କେବଳ ଘରକୁ ଚାଲି ଯିବି, ତାହାହିଁ ସବୁ କିଛି ଅଟେ । କିନ୍ତୁ ଯଦି—ଯଦି ଏହାହିଁ ତାହାର ଅର୍ଥ ଅଟେ, ତାହାହେଲେ ମୁଁ ପରିବାରକୁ କହିବାକୁ ଚାହେଁ ନାହିଁ, ସେମାନେ ଏହା ବିଷୟରେ କିଛି ଜାଣନ୍ତୁ ବୋଲି ଚାହେଁ ନାହିଁ । କେବଳ ତାହା ହୋଇଯାଉ, ଏବଂ ତାହାହିଁ—ତାହାହିଁ ଏହା ସବୁ କିଛି ଅଟେ ।

35 ମୁଁ କହିଲି, "ହେ ପ୍ରଭୁ, ମୋତେ ସାହାଯ୍ୟ କର । ମୁଁ ପରିବାରକୁ କହିବାକୁ ଚାହେଁ ନାହିଁ, ଯଦି—ଯଦି ତୁମେ…ଏହା, ଏହା ମୋର ଗୃହର ଡାକରା ଅଟେ, ତେବେ, ମୋତେ—ମୋତେ ଯିବାକୁ ହେବ ।" ଆପଣ ଦେଖନ୍ତୁ । ମୁଁ କହିଲି…ଏବଂ, ଆପଣ ଜାଣନ୍ତି, ଆପଣ ଅଟନ୍ତି…

36 ଆପଣ କୁହନ୍ତି, "ତେବେ, ଆପଣ ତାହା ବିଷୟରେ କାହିଁକି ଚିନ୍ତା କରୁ ନାହାଁନ୍ତି ଯାହା ଆପଣ ଦର୍ଶନରେ କହିଥିଲେ, ଯାହା ସେହି ଦର୍ଶନ କହିଥିଲା?"

37 କିନ୍ତୁ ସେତେବେଳେର ଆପଣ ସେହି ଜିନିଷଗୁଡିକ ବିଷୟରେ ସେହିପରି ଭାବରେ ଚିନ୍ତା କରିପାରନ୍ତି ନାହିଁ । ଆପଣ…ମୁଁ ପାରି ନ ଥାଏ, ଯେକୌଣସି ଉପାୟରେ ବି । ଏବଂ ମୁଁ ଭାବିଲି…ମୁଁ କେବଳ ବିବ୍ରତ, ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲି । ଆପଣ ଜାଣନ୍ତି ନାହିଁ ଯେ କିପରି ଭାବିବାକୁ ଅଛି । ଆପଣ ଭାବି ପାରନ୍ତି ନାହିଁ ।

38 ଏବଂ ମୁଁ କହିଲି, "ସ୍ୱର୍ଗୀୟ ପିତା, ଯଦି ଏହାର ଅର୍ଥ ତାହା ଯେ—ଯେ ଗୋଟିଏ ବିସ୍ଫୋରଣ ମୋତେ ଘେନିଯିବାକୁ ଯାଉଥିଲା, ତେବେ, ମୋତେ ବର୍ତ୍ତମାନ ହିଁ ଜଣାଇ ଦିଅ, ଯେଣୁ ମୁଁ ଏହା ବିଷୟରେ କିଛି ହେଲେ କହିବି ନାହିଁ । ତୁମର ଗୌରବ ଓ ଶକ୍ତି ପୁନର୍ବାର ମୋ ଉପରକୁ ଆସୁ, ଏବଂ ମୋତେ ପୁନର୍ବାର ଉଠାଇ ନେଉ । କିମ୍ବା, ତୁମର ଗୌରବ ମୋ ଉପରକୁ ଆସୁ, ଏବଂ ତାହାପରେ ମୁଁ—ମୁଁ ସେତେବେଳେ ଜାଣିଯିବି ଯେ ଏହାର ଅର୍ଥ—ଏହାର ଅର୍ଥ ତାହା ଥିଲା, ଏବଂ ଯେଣୁ ମୁଁ ଏହାକୁ ନିଜଠାରେ ହିଁ ରଖିପାରେ ।" ଆଉ କିଛିହେଲେ ଘଟିଲା ନାହିଁ ।

39 ତେଣୁକରି ତେବେ ମୁଁ କହିଲି, "ତେବେ, ପ୍ରଭୁ, ଯଦି ତାହାର ଅର୍ଥ ହେଉଛି ଏହା ଯେ ତୁମେ ତୁମର ବାର୍ତ୍ତାବହ ଦୂତମାନଙ୍କୁ ମୋର ପ୍ରତ୍ୟାଦେଶ ପାଇଁ ପଠାଇବାକୁ ଯାଉଅଛ, ତାହାହେଲେ ତୁମର ଶକ୍ତି ପୁନର୍ବାର ଆସୁ।" ଏହା ମୋତେ ସେହି କୋଠରୀରୁ ବାହାର କରିଦେଲା ପରି ହେଲା!

40 ଯଦିଓ, ମୁଁ—ମୁଁ ମୋ ହାତରେ ବାଇବଲକୁ ଧରି, ନିଜ ଚେତନାକୁ ଫେରି ଆସିଛି, ତେବେ, ଦେଖନ୍ତୁ, ଏବଂ ପରମେଶ୍ୱରଙ୍କ ଠାରେ ମୋତେ ସାହାଯ୍ୟ କରିବା ପାଇଁ ନିବେଦନ କରୁଅଛି। ଏବଂ ଯେତେବେଳେ ମୁଁ କଲି, ସେ—ସେ ମୋତେ ଶାସ୍ତ୍ରରେ କିଛି ଦେଖାଇଲେ, ଯାହାର ସମ୍ବନ୍ଧ ଠିକ ଏହା ସହିତ, ଠିକ୍ ସେଠାରେ ଥିଲା। ଏବଂ ମୁଁ ଭାବିଲି, "କଅଣ ଏହା ପ୍ରକୃତରେ ତାହା ହୋଇପାରିବ କି? ମୁଁ ତାହା କିପରି କଲି?" ଏବଂ, ଓଃ, ବନ୍ଧୁଗଣ, ମୁଁ—ମୁଁ ଏହି ଜିନିଷଗୁଡିକୁ ବ୍ୟାଖ୍ୟା କରିପାରେ ନାହିଁ। ତାହା ମୋର ଜାଣିଥିବା କୌଣସି ବିଷୟଠାରୁ ଅଧିକ ଅଟେ। ବୁଝିଲେ?

41 ମୋ ପତ୍ନୀ ଜଣେ ବିଚିତ୍ର ମହିଳା ଅଟନ୍ତି, ଜଗତରେ ଥିବା ସର୍ବୋତ୍ତମ ମଧ୍ୟରୁ ଅନ୍ୟତମ। କିନ୍ତୁ, ଅଳ୍ପ ସମୟ ଉତ୍ତାରେ, ମୁଁ ଏହା ବିଷୟରେ କିଛି ହେଲେ କହିଲି ନାହିଁ। ମୁଁ ଆଗକୁ ବଢ଼ିଲି। ସେ ଜାଣି ପକାଇଲେ ଯେ ସେଠାରେ କିଛି ଗୋଟାଏ ବିଷୟ ଘଟିଛି। ତେଣୁ ମୁଁ ଯେତେବେଳେ ତାଙ୍କୁ କହିଲି, ସେ କହିଲେ, "ବିଲ୍, ତୁମେ ଜାଣ, ସେହିପରି ଅନେକ ବିଷୟଗୁଡିକରେ, ମୁଁ ତୁମକୁ ଦେଖେ ଏବଂ ତୁମକୁ ଶୁଣେ।" କହିଲେ, "ତୁମେ ଜାଣିଛ ଯେ ମୁଁ ମୋର ସମସ୍ତ ହୃଦୟ ସହିତରେ ତୁମକୁ ବିଶ୍ୱାସ କରେ," ସେ କହିଲେ। ସେ କହିଲେ, "କିନ୍ତୁ ସେଥିରେ ପ୍ରକୃତରେ କିଛି ଗୋଟାଏ ରହିଥିଲା।"

42 ଏହା ତ ମୋତେ ଦୋହଲାଇ ଦେବା, ଭଳି ଦେଖାଯାଉଛି, ସେହି ବିସ୍ଫୋରଣ ଏବଂ ସେହି ସ୍ୱର୍ଗ ଦୂତମାନଙ୍କର ସେହିପରି ଭାବରେ କ୍ଷିପ୍ର ବେଗରେ ଆସିବା, ପାଞ୍ଚୋଟି ଏକ ସଙ୍ଗରେ, ସେମାନଙ୍କର ଏକ—ଏକ ନକ୍ଷତ୍ରପୁଞ୍ଜରେ। ଯେପରିକି, ଏକ ପ୍ରକାରର ଯେପରିକି—ଯେପରିକି ମୁଁ ଏଠାରେ ସେହି ପିରାମିଡକୁ ଅଙ୍କନ କରିଥିଲି, ଦେଖନ୍ତୁ, ସେମାନେ ଏପରି ଦେଖାଯାଉଥିଲେ, ପ୍ରଥମେ, ସେମାନେ ଏକ ପ୍ରକାର, ଏପରି ଦେଖାଯାଉଥିଲେ…ଦୂରରୁ, ସେମାନେ ସେହି ପ୍ରକାରର ରଙ୍ଗ ହୋଇଥିବା କପୋତ ପରି ଦେଖାଯାଉଥିଲେ। ଏବଂ ସେମାନେ ଏହି ଉପାୟରୁ ଭିତରକୁ—କୁ ଆସୁଥିଲେ। ଏବଂ ସେମାନେ, ଏକ, ଦୁଇ; ତିନି, ଚାରି, ପରି ଦେଖାଯାଉଥିଲେ; ଏବଂ ତାହାପରେ ଗୋଟିଏ ଶୀର୍ଷରେ ଥିଲା, ଦେଖନ୍ତୁ, ପାଞ୍ଚ ହୋଇଥିଲା। ଏବଂ ସେମାନେ ଏପରି କ୍ଷିପ୍ର ଗତି ସହିତରେ ଆସିଥିଲେ! ସେଠାରେ କିଛି ହେଲେ ନ ଥିଲା, କୌଣସି ଜେଟ୍ ନ ଥିଲା, ଅନ୍ୟ କିଛି ବିଷୟ *ତାହା* ସହିତ ତୁଳନା କରାଯାଇ ନ ପାରେ।

43 ଏବଂ ମୁଁ ସେମାନଙ୍କୁ କେବଳ ଦେଖିପାରୁଥିଲି, ଏବଂ ସେମାନଙ୍କର ମୁଣ୍ଡଗୁଡିକୁ ଏକ ପ୍ରକାର ଗୋଟିଏ-ପାର୍ଶ୍ୱ ଆଡେ ରହିଥିଲା। ସେହି ଡେଣାଗୁଡ଼ିକ ପଛ ଆଡ଼କୁ ରହିଥିଲା,

ସମ୍ପୂର୍ଣ୍ଣ-ଢଙ୍କା ହୋଇ, ଏବଂ ସେମାନେ ଏଠାକୁ ଆସିଥିଲେ, ତେବେ "ହ୍ୟୁ!" *ସେହିପରି* ଭାବରେ । ଠିକ୍ ତଳକୁ ଓହ୍ଲାଇ ଆସିଥିଲେ, ଏବଂ ମୋତେ ସେମାନଙ୍କର ନକ୍ଷତ୍ରପୁଞ୍ଜର ଏହି ପିରାମିଡ୍ ଭିତରକୁ ସୀଧା ନେଇ ଯାଇଥିଲେ । ମୁଁ ଦେଖିଲି ଯେ ମୁଁ ଭୂମିରୁ ଦୂରରେ, ଉପରେ ଥିଲି । ମୁଁ ଭାବିଲି ବୋଧହୁଏ…ମୁଁ ଅନତି ଦୂରରୁ, ସେହି ଗର୍ଜନ, ଶୁଣିଲି, "ହୁମ୍!" ଯେପରିକି ଗୋଟିଏ—ଗୋଟିଏ—ଗୋଟିଏ ବିମାନ ଯେତେବେଳେ ଏହା ଧ୍ୱନି ପ୍ରତିବନ୍ଧକକୁ ଅତିକ୍ରମ କରିଥାଏ, ଆପଣ ଏହାକୁ ସେହିପରି ଭାବରେ ହେଉଥିବାର ଶୁଣିଥିବେ, ଠିକ ଏକ ଦୂରରେ ଗର୍ଜନ ହେଲା ପରି ।

44 ମୁଁ ଭାବିଲି, "ତେବେ ଏହାର ଅର୍ଥ ହୋଇପାରେ, ଯେତେବେଳେ ବର୍ତ୍ତମାନ ଏହି ଦର୍ଶନ ମୋତେ ଛାଡି ଦେଇ ଚାଲିଯିବ, ଯେ ମୁଁ ଏକ ବିସ୍ଫୋରଣ କିମ୍ବା ସେହିପରି କିଛି ଦ୍ୱାରା ମରିବାକୁ ଯାଉଅଛି ।" ମୁଁ ଭାବିଲି, "ମୁଁ ଏଠାରେ ଅଛି । ମୋତେ ଉପରକୁ ଉଠାଇ ନିଆଯାଇଅଛି । ମୁଁ…ସେମାନେ, ସେମାନେ ଏଠାରେ କୌଣସି ସ୍ଥାନରେ ଅଛନ୍ତି, ମୁଁ—ମୁଁ ଏଥିରେ, ସ୍ୱର୍ଗ ଦୂତମାନଙ୍କର ଏହି ପିରାମିଡ୍ ଭିତରେ ଅଛି । କିନ୍ତୁ ମୁଁ—ମୁଁ ଜାଣେ ନାହିଁ । ବୋଧହୁଏ ପ୍ରଭୁ ମୋତେ ଘରକୁ ନେଇଯିବାକୁ ଆସୁଛନ୍ତି ।"

ତାହାପରେ ମୁଁ ଯୋଷେଫଙ୍କୁ ସେଠାରେ, ଏହା କହୁଥିବାର ଶୁଣିଲି, "ବାପା?"

ଭାବିଲି, "ନା, ଯଦି ଏହା ତାହା ଅଟେ, ତାହାହେଲେ ଏହା ତାଙ୍କୁ ମଧ୍ୟ, ନେଇ ଯାଇଥାନ୍ତା ।"

45 ତାହାପରେ କିଛି ଗୋଟାଏ କହିଲା, "ତୁମେ…" ମନେରଖନ୍ତୁ, ମୁଁ ଅପେକ୍ଷା କରୁଅଛି, ଗୋଟିଏ ବାର୍ତ୍ତାର ଆଗମନକୁ ଚାହିଁ ରହିଛି ଯାହାକୁ ମୁଁ ସବୁବେଳେ ଅପେକ୍ଷା କରି ରହିଥିଲି, କିଛି ଗୋଟାଏ ବିଷୟର ।

46 ଏବଂ ସେହି ଦର୍ଶନ, ଅନ୍ୟ ଏକ ଦିନ, ଆପଣ ଜାଣନ୍ତି, ଯେପରିକି ମୁଁ ତାହା ଏଠାରେ ଅଳ୍ପ ସମୟ ପୂର୍ବରୁ ଦେଖିଥିଲି, ଯାହାକି ମୋତେ ତାହା ବିଷୟରେ କହିଥିଲା ଯେ କଅଣ ଘଟିବାକୁ ଯାଉଅଛି, ଯେ ମୁଁ କିପରି ସୂର୍ଯ୍ୟଠାରୁ ନେଇ, ଏହି ସ୍ଥାନକୁ, ପ୍ରଚାର କରୁଥିଲି । ଏବଂ—ଏବଂ ତାହାପରେ ସେ କହିଲେ, "ତେବେ ମନେରଖ, ଦ୍ୱିତୀୟ ପରାକାଷ୍ଠା ଏପର୍ଯ୍ୟନ୍ତ ଆସିବାକୁ ବାକି ଅଛି ।"

ମୁଁ ଭାବିଲି, "ଏକ ବାର୍ତ୍ତା ଆସିବ ।"

47 କଅଣ ଆପଣମାନଙ୍କୁ ଏଠାରେ ମୋର ବାର୍ତ୍ତା ମନେ ଅଛି? ସେହି ଶୀର୍ଷ ପଥରକୁ ଖୋଲା ଯିବା, ଯେଉଁଠାରେକି, ସେହି ସପ୍ତ ସ୍ୱର ଏବଂ ମୁଦ୍ରାମାନ ଯାହାକି ପରମେଶ୍ୱରଙ୍କ ବାକ୍ୟରେ ଲେଖା ସୁଦ୍ଧା ହୋଇନାହିଁ । ମନେ ଅଛି କି? ଏବଂ ଏହା ମୋତେ ସେହି ପିରାମିଡ୍ ଭିତରକୁ ନେଇଗଲା ।

48 ଏବଂ ଜୁନି ଜ୍ୟାକସନ, ଯଦି ଆପଣ ଏଠାରେ ଅଛନ୍ତି, ସେହି ସ୍ୱପ୍ନ ଯାହାକି ଆପଣ ମୋତେ ଅଳ୍ପ ଦିନ ପୂର୍ବରୁ କହିଥିଲେ । ମୁଁ ତାହା ଆଜି ସକାଳେ କହିବି ନାହିଁ । ଆପଣ ଏତେ

ଅଧିକ…ପରମେଶ୍ୱର ଏତେ ସିଦ୍ଧ ଭାବରେ ଥିଲେ । ଏବଂ ଆପଣଙ୍କୁ ବ୍ୟାଖ୍ୟା ନ ଦେଇଥିବା ପାଇଁ ମୋତେ କ୍ଷମା କରନ୍ତୁ; 'କାରଣ, ମୁଁ କିଛି ଗୋଟାଏ ଗତି କରୁଥିବାର ଦେଖିଥିଲି ।

ଜେ. ଟି., ସେହି ସମାନ ବିଷୟ, ଦେଖନ୍ତୁ । ଏବଂ ମୁଁ—ମୁଁ—ମୁଁ ତାହା ଜାଣିଥିଲି ।

ଏବଂ ଭଉଣୀ କଲିନ୍ସ, ଅବିକଳ ସେହି ସମାନ ବିଷୟ । ବୁଝିଲେ?

ଏବଂ ସେହି ଛଅଟି ଯାକ, ସୀଧା ସଳଖ ଠିକ ସେହି ସମାନ ବିଷୟକୁ ଆଡକୁ ନେଇଥିଲା ।

49 ଏବଂ ତାହାପରେ ସେହି ଦର୍ଶନ ଯାହାକି ମୁଁ ଆପଣ ସମସ୍ତଙ୍କୁ, ଅନେକ ବର୍ଷ ପୂର୍ବରୁ କହିଥିଲି, ଏହା ଠିକ ଅନ୍ୟ ଦିନରେ ଘଟିଲା । ବୁଝିଲେ? ତାହା ଘଟିବ ।

50 ଏବଂ ତାହା ସେଠାରେ ଅଛି, ଠିକ୍ ପଡି ରହିଛି, ସବୁକିଛି ସେଠାରେ ପଡିରହିଛି । ଏହା ତ କିଛି ଗୋଟାଏ କେବଳ ଗତିଶୀଳ ହେଉଥିଲା । ମୁଁ ଜାଣେ ନାହିଁ ଯେ ଏହା କଅଣ ଅଟେ? ପରମେଶ୍ୱର ମୋତେ ସାହାଯ୍ୟ କରନ୍ତୁ; ଏହା ମୋର ପ୍ରାର୍ଥନା ଅଟେ ।

ଆସନ୍ତୁ ପ୍ରାର୍ଥନା କରିବା ।

51 ସ୍ୱର୍ଗସ୍ଥ ପିତା, ଆମେ—ଆମେ ତ କେବଳ ମର୍ତ୍ତ୍ୟ ମାତ୍ର ଅଟୁ, ଏବଂ ଏଠାରେ ଆମେମାନେ ଆଜି ସକାଳେ ଛିଡା ହୋଇଅଛୁ । ଏବଂ, ପ୍ରଭୁ, ମୁଁ…ତୁମେ ମୋତେ ଏହି ଛୋଟ ପଲ ଏବଂ ଏହି ମଣ୍ଡଳୀର ନେତୃତ୍ୱ ନେବା ପାଇଁ ପଠାଇଲ । ଏବଂ ମୁଁ ମୋର ଶେଷ ଦଶାରେ ଅଛି । ମୁଁ ଜାଣେ ନାହିଁ ଯେ କେଉଁ ପଥ, କଅଣ, କେଉଁଠାରେ, ତାହା ଆସୁଅଛି । କିନ୍ତୁ ମୁଁ ଏହି ଗୋଟିଏ ବିଷୟ ଜାଣେ, ଯେ, ତୁମେ କହିଥିଲ ଯେ ତୁମେ "ସେମାନଙ୍କ ପାଇଁ ସମସ୍ତକିଛି ବିଷୟ ମଙ୍ଗଳ ସାଧନ କରାଇବ ଯେଉଁମାନେକି" ତୁମକୁ ପ୍ରେମ କରନ୍ତି ଏବଂ ତୁମର ସଦ୍ ଇଚ୍ଛା ଅନୁଯାୟୀ ଆହ୍ୱାନପ୍ରାପ୍ତ ଅଟନ୍ତି । ହେ ପରମେଶ୍ୱର, ମୁଁ ତୁମଠାରେ ପ୍ରାର୍ଥନା କରୁଛି ଯେ, ତୁମ ଦୟାର ମହାନ ହସ୍ତ ଆମ ଉପରେ ରହିବ ।

52 ଆମେ ପ୍ରକୃତରେ ଜାଣୁ ଯେ ତୁମେ ପରମେଶ୍ୱର ଅଟ । ଏବଂ ଆମେମାନେ ଜାଣୁ ଯେ ତୁମେ ସେହି ଜଣକା ନୁହଁ ଯିଏକି ବିଗତ ସମୟରେ ବାସ କରୁଥିଲେ, ମାତ୍ର ତୁମେ ଆଜି ମଧ୍ୟ ଜୀବିତ ଅଟ । ତୁମେ ସର୍ବଦା ପରମେଶ୍ୱର ଥିଲ । ତୁମେ ସର୍ବଦା ପରମେଶ୍ୱର ରହିବ । ସମୟ ପୂର୍ବରୁ ତୁମେ ପରମେଶ୍ୱର ଥିଲ, ଏବଂ ଯେତେବେଳେ ଆଉ ସମୟ ରହିବ ନାହିଁ ସେତେବେଳେ ସୁଦ୍ଧା ତୁମେ ପରମେଶ୍ୱର ରହିବ । ତୁମେ ତଥାପି ପରମେଶ୍ୱର ରହିବ ।

53 ହେ ପ୍ରଭୁ, ଆମେମାନେ ତୁମ ହସ୍ତରେ ଅଛୁ । ଆମେ ତ କେବଳ ମୃତ୍ତିକା ଅଟୁ, ଏବଂ ତୁମେ ରୂପ ପ୍ରଦାନକାରୀ, କୁମ୍ଭକାର ଅଟ । ପ୍ରଭୁ, ଆମ ଜୀବନଗୁଡିକୁ ଏପରି ଭାବରେ ଆକାର ଦିଅ, ଯେପରିକି ତାହା ତୁମକୁ ସମ୍ମାନ ଦେବା ହେତୁ ସର୍ବୋତ୍ତମ ସେବା ଉପସ୍ଥାପନ କରିବ । ପିତା, ଏହାକୁ ପ୍ରଦାନ କର । ଆମେ ତ କେବଳ ଠିକେ ତୁମ ହସ୍ତରେ ଅଛୁ ।

54 ଆମ ପାଖରେ ନିଜକୁ ଏଠାରେ ଆଣିବାର କୌଣସି ଉପାୟ ନ ଥିଲା, କିମ୍ବା ଆମେ କିପରି ବାହାରକୁ ଯିବୁ ତାହା ଜାଣିନାହୁଁ । ପ୍ରଭୁ, ତୁମେ ଆମକୁ ଜୀବନ ଦେଇଅଛ, ଏବଂ

ତୁମେ କରିଅଛ...ଆମେ ପ୍ରତ୍ୟୁତ୍ତରରେ ନିଜର ଜୀବନକୁ ତୁମଠାରେ ଦେଉଅଛୁ, ଏବଂ, ତାହା କରିବା ଦ୍ୱାରା, ତୁମେ ଆମକୁ, ତାର ପ୍ରତିବଦଳରେ, ଅନନ୍ତ ଜୀବନ ଦେଇଅଛ । ଆମର ବିଶ୍ୱାସ ତାହାକୁ ଠିକ ଆମ ଜୀବନ ମଧ୍ୟରେ ସଞ୍ଚାରିତ କରେ । ଏବଂ ଏଥିପାଇଁ ଆମେ ତୁମକୁ ପ୍ରେମ କରୁ, କାରଣ ଆମେ ଜାଣୁ ଯେ କୌଣସି ଏକ ଦିନ ଆମେ ତୁମକୁ ଦେଖିବୁ, ଏବଂ ତୁମେ ତୁମର ମହିମାରେ ରହିବ । ଏବଂ ଆମେ ତାହାଙ୍କୁ ଦେଖିବୁ । ଏବଂ ଆମେ ସେହି ଶବ୍ଦ ଶୁଣିବାକୁ ଇଚ୍ଛା କରୁ, "ମୋର ଉତ୍ତମ ଓ ବିଶ୍ୱସ୍ତ ଦାସ, ଉତ୍ତମ କରିଛ । ପ୍ରଭୁଙ୍କ ଆନନ୍ଦରେ ପ୍ରବେଶ କର, ଯାହାକି ଜଗତ ସୃଷ୍ଟି ହେବା ପୂର୍ବରୁ ତୁମ ପାଇଁ ପ୍ରସ୍ତୁତ କରାଯାଇଅଛି ।" ସେହି ସମୟ ପର୍ଯ୍ୟନ୍ତ, ହେ ପରମେଶ୍ୱର, ଯେତେବେଳେ ଆମେମାନେ ସମସ୍ତେ ଭେଟ କରୁ, ଆମକୁ କଢ଼େଇ ନିଅ ।

ଆମେମାନେ ତୁମର ଦାସ ଅଟୁ, ଏବଂ ଆମେମାନେ ଆମର ପାପଗୁଡିକ ନିମନ୍ତେ କ୍ଷମା ମାଗୁଛୁ ।

55 ହେ ପ୍ରଭୁ, ଏହି ଶକ୍ତିଶାଳୀ ଦର୍ଶନଗୁଡିକ, ତୁମ ଦାସ ପାଇଁ ବହୁତ ଅଧିକ ଅଟେ । ମୁଁ ଜାଣେ ନାହିଁ ଯେ କଅଣ କରିବି । ମୁଁ—ମୁଁ ତ କେବଳ ଏତିକି ଜାଣେ ଯେ ସେମାନେ ଆସିଥିଲେ । ଏବଂ ମୁଁ କେବଳ ତାହା କହିପାରେ ଯାହା ମୁଁ ଦେଖିଅଛି, ଏବଂ ଯାହା କୁହାଯାଇଅଛି । ଏବଂ ବେଳେବେଳେ ଏହା ମୋତେ ଭୟଭୀତ କରେ, ପ୍ରଭୁ । ଏବଂ ମୁଁ—ମୁଁ ଆଶ୍ଚର୍ଯ୍ୟ କରେ ଯେ କଅଣ କରିବି ।

56 ତାହାପରେ ମୁଁ ବାଇବଲ ନିଏ ଓ ସେଠାରେ ପାଠ କରେ ଯେ ଯିଶାଇୟ ସେହି ଦିନ ମନ୍ଦିରରେ କିପରି ଅନୁଭବ କରିଥିବେ, ଯେତେବେଳେ ସେ ସେହି ସ୍ୱର୍ଗଦୂତମାନଙ୍କୁ ଦେଖିଥିଲେ, ସେମାନଙ୍କ ପାଦ ଉପରେ ଡେଣାଗୁଡିକ ରହିଥିଲା । ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେ ଚିତ୍କାର କରି କହି ଉଠିଥିଲେ, "ହାୟଃ, ମୁଁ ମଲି! କାରଣ ମୋର ଚକ୍ଷୁ ପ୍ରଭୁଙ୍କର ଗୌରବ ଦେଖିଅଛି ।"

57 ଏବଂ ଏହା ସେତେବେଳେ ଥିଲା ଯେତେବେଳେ ଭବିଷ୍ୟଦ୍‌ବକ୍ତା ଚିତ୍କାର କରିଥିଲେ: ଯେତେବେଳେ ତାଙ୍କୁ ମନ୍ଦିରରେ ଶୁଦ୍ଧ କରା ଯାଇଥିଲା, ଯେତେବେଳେ ସେହି ସ୍ୱର୍ଗଦୂତ ଚିମୁଟାକୁ ନେଇ ଏକ ଜ୍ୱଳନ୍ତ ଅଙ୍ଗାର ତାଙ୍କ ଓଠରେ ରଖିଦେଲେ; ଯେତେବେଳେ ସେ ଏହା ସ୍ୱୀକାର କରି ସାରିଥିଲେ ଯେ ସେ ଏକ ଅଶୁଚି ଓଷ୍ଠାଧର ମନୁଷ୍ୟ ଅଟନ୍ତି, ଏବଂ ଅଶୁଚି ଓଷ୍ଠାଧର ଲୋକମାନଙ୍କ ମଧ୍ୟରେ, ବାସ କରନ୍ତି । ତଥାପି, ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ସେହି ସ୍ୱର୍ଗଦୂତ ଚିମୁଟାକୁ ନେଇ ଜ୍ୱଳନ୍ତ ଅଙ୍ଗାରକୁ ତାଙ୍କ ଓଠରେ ଦେଇଦେଲେ ଓ ତାଙ୍କୁ ପରିଷ୍କାର କଲେ, ଏବଂ କହିଲେ, "ବର୍ତ୍ତମାନ ଯାଅ, ଭବିଷ୍ୟତ୍‌ବାଣୀ କର ।"

ପ୍ରଭୁ ପରମେଶ୍ୱର, ଯିଶାଇୟ ଚିତ୍କାର କରି କହି ଉଠିଥିଲେ, "ହେ ପ୍ରଭୁ, ମୁଁ ଏଠାରେ ଅଛି । ମୋତେ ପଠାଅ ।"

58 ଯେତେବେଳେ, ପ୍ରଭୁ ପଚାରିଲେ, "କିଏ ଆମ ପାଇଁ ଯିବ?" ସେହି ଦୁଷ୍ଟ ଓ ବ୍ୟଭିଚାରକାରୀ ପିଢ଼ୀ ପାଇଁ!

59 ହେ ପରମେଶ୍ୱର, ଏହାକୁ ପୁନର୍ବାର ପୁନରାବୃତ୍ତି କର । ହେ ପ୍ରଭୁ, ଏହା ପୁନର୍ବାର ଆସୁ । ପରିଷ୍କୃତ ଅଗ୍ନି ସହ ପବିତ୍ରଆତ୍ମାଙ୍କୁ ପ୍ରେରଣ କର । କାରଣ, ମୁଁ ସ୍ୱୀକାର କରେ, ମୁଁ ଜଣେ ଅଶୁଚି ଓଷ୍ଠାଧର ମନୁଷ୍ୟ, ଏବଂ ଏଠାରେ ଏହି ପୃଥିବୀରେ ଅପରିଷ୍କାର ଲୋକମାନଙ୍କ ସହିତ ବାସ କରେ । ହେ ପ୍ରଭୁ, ଆମେ ତୁମ ଦୃଷ୍ଟିରେ ଅଶୁଚି ଅଟୁ । କିନ୍ତୁ, ଓଃ, ସେହି ପରିଷ୍କୃତ ଅଗ୍ନି, ପବିତ୍ରଆତ୍ମାଙ୍କୁ ପଠାଅ! ହେ ପ୍ରଭୁ, ଆମକୁ ପରିଷ୍କାର କର । ହେ ସଦାପ୍ରଭୁ, ତୁମର ଦାସକୁ ପରିଷ୍କାର କର ।

60 ଏବଂ ତାହାପରେ ହେ ପ୍ରଭୁ, କଥା କୁହ । ତୁମର ଦାସ ଶୁଣୁଅଛି । ମୁଁ ସେହି ସ୍ୱର ଶୁଣିବାକୁ ବହୁତ ଇଚ୍ଛା କରୁଛି । ମୁଁ ତୁମର ଅଟେ । ହେ ପ୍ରଭୁ, ଯେପରିକି ତୁମକୁ ଠିକ୍ ଦେଖାଯାଏ, ମୋତେ ବ୍ୟବହାର କର, ଯେତେବେଳେ ମୁଁ ନିଜକୁ ବେଦୀ ଉପରେ ରଖିଅଛି । ହେ ପ୍ରଭୁ, ପବିତ୍ରଆତ୍ମା ମୋତେ ପରିଷ୍କାର କରୁ; ଏବଂ ଅଭିଷେକ କରି ପଠାଉ, ପ୍ରଭୁ, ଯଦି ତୁମେ ଚାହଁ ଯେ କେହି ଜଣେ ଯାଉ, ଯଦି ଏହା ସେହି ଘଟିକା ଏବଂ ସେହି ସମୟ ଅଟେ ।

61 ମୁଁ—ମୁଁ ଜାଣେ ନାହିଁ, ପ୍ରଭୁ । ମୁଁ—ମୁଁ କେବଳ ଏତିକି ଜାଣେ ଯେ ମୁଁ ସେହି ସ୍ୱର୍ଗଦୂତମାନଙ୍କୁ ଦେଖିଅଛି । ଏବଂ ତୁମେ ସେହି ବିଷୟଗୁଡିକୁ ଅବିକଳ ଭାବରେ ସତ୍ୟ ବୋଲି ଜାଣିଅଛ । ଏବଂ ମୁଁ ପ୍ରାର୍ଥନା କରେ ଯେ, ପ୍ରଭୁ, "ହାୟଃ, ମୁଁ ମଲି," ତେଣୁକରି ମୋତେ ସାହାଯ୍ୟ କର ।

62 ଏବଂ ବର୍ତ୍ତମାନ ଏହି ଲୋକମାନଙ୍କୁ ଆଶୀର୍ବାଦ କର । ଏବଂ ଆମେମାନେ ଆଜି ଏଠାରେ ଅଛୁ, ଆମ ପ୍ରଭୁଙ୍କ ଜନ୍ମର ଏହି ଉତ୍ସବ ସମୟର ଠିକ ପୂର୍ବ ସନ୍ଧ୍ୟାରେ । ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆମକୁ ସାହାଯ୍ୟ କରିବ ।

63 ଏବଂ ଆଜି ସକାଳେ, ତୁମର ଦାସ, ଆମ ଭାଇ ନେଭିଲ୍, ଅନୁଭବ କଲେ ଯେ ହୋଇପାରେ ଏହା ଏକ ଏପରି ସମୟ ଅଟେ ଯେ ସେ କେବଳ କିଛି ମୁହୂର୍ତ୍ତ ବିଶ୍ରାମ କରିବେ, ଏବଂ ବୋଧହୁଏ ମୋତେ କହିବା ଉଚିତ୍ । ଏବଂ ମୁଁ—ମୁଁ ପ୍ରାର୍ଥନା କରେ ଯେ ତୁମେ ବର୍ତ୍ତମାନ ମୋତେ ସାହାଯ୍ୟ କରିବ ।

64 ପ୍ରଭୁ, ଏଠାରେ କେତେକ ସେପରି ଲୋକମାନେ ଅଛନ୍ତି, ଏବଂ ଆମେ ସମସ୍ତେ, ତୁମକୁ ଆବଶ୍ୟକ କରୁଅଛୁ । ତେଣୁକରି ଆମେମାନେ ବର୍ତ୍ତମାନ ପ୍ରାର୍ଥନା କରୁଛୁ ଯେ ତୁମେ ଆମକୁ ଆଶୀର୍ବାଦ କରିବ ଯେତେବେଳେ ଆମେ ତୁମର ବାକ୍ୟ ପାଠ କରୁଛୁ ଏବଂ ଅଳ୍ପ ସମୟ ପାଇଁ ଧ୍ୟାନ କରୁଛୁ । ହେ ପ୍ରଭୁ, ତୁମର ଆତ୍ମା ଆମ ଉପରକୁ ଆସୁ । ଏବଂ ପବିତ୍ରଆତ୍ମାଙ୍କ ଦ୍ୱାରା, ଯଜ୍ଞବେଦିରୁ ସତେଜ, ପରମେଶ୍ୱରଙ୍କ ବାର୍ତ୍ତା ସହିତ, ଆମକୁ ପରିଷ୍କାର କର ଓ ଆମକୁ ଅଗ୍ନିରେ ପ୍ରଜ୍ୱଳିତ କର, ଯେପରିକି ମହାନ ଅନନ୍ତ ପରମେଶ୍ୱରଙ୍କ ନିକଟତର ହେବା ପୂର୍ବରୁ, ଏକ ମୃତପ୍ରାୟଃ ଜଗତକୁ ଦୋହଲାଯାଉ । କାରଣ ଆମେ ଏହାକୁ ତାହାଙ୍କର ପ୍ରିୟ ପୁତ୍ର, ଏବଂ ଆମର ତ୍ରାଣକର୍ତ୍ତା, ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

65 ବର୍ତ୍ତମାନ ମୁଁ ଆପଣମାନଙ୍କର ଧ୍ୟାନକୁ ଏଠାରେ କିଛି ଶାସ୍ତ୍ରାଂଶ ଉପରେ, ଏବଂ କିଛି ଟିପ୍ପଣୀଗୁଡିକ ଉପରେ ଆକର୍ଷିତ କରିବାକୁ ଚାହେଁ, ଯାହାକି ମୁଁ ଲେଖି ରଖିଛି।

66 ଏବଂ ମୁଁ ବିଶ୍ୱାସ କରେ ଯେ, ଡକ୍, କିମ୍ବା ବିଲି, କିମ୍ବା ସେମାନଙ୍କ ମଧ୍ୟରୁ କେହି ଜଣେ ମୋତେ କହିଲେ, ଯେ ସାନ ଛୁଆମାନଙ୍କ ଯୋଗୁ, ଟିକିଏ ଶୀଘ୍ର ବାହାରି ଯିବାକୁ ଚାହାଁନ୍ତି। ସେମାନେ ଏହା ପାଇଁ କିଛି ଉପହାର ରଖିଛନ୍ତି।

67 ତୁମେ ସାନ ସାନ ପିଲାମାନେ ଯେଉଁମାନେକି ଠିକ ବର୍ତ୍ତମାନ ନିଜ ନିଜର ରବିବାର ଶ୍ରେଣୀରୁ ବାହାରି ଆସିଛ, ତୁମେମାନେ—ତୁମେମାନେ ଅଳ୍ପ ସମୟ ଟିକିଏ, ଆଖପାଖରେ ରହିଥାଅ। ଆମେମାନେ ଏଠାରୁ ଯାହା କହୁଅଛୁ ତାହା ତୁମମାନଙ୍କ ପାଇଁ ଟିକିଏ ଗଭୀର ହୋଇପାରେ, କିନ୍ତୁ ତୁମେମାନେ—କିନ୍ତୁ ତୁମେମାନେ ଅଳ୍ପ କିଛି ମିନିଟ୍, କେବଳ ମାଆ ଏବଂ ପାପାଙ୍କ ସହିତ ବସି ରହିଥାଅ। ମୁଁ ସେମାନଙ୍କ ସହିତ କଥା ହେବାକୁ ଚାହେଁ।

68 ବର୍ତ୍ତମାନ, ଗୀତସଂହିତା, ତାର ୪୨ତମ ଗୀତରେ, ମୁଁ ୪୨ତମ ଗୀତର, ଗୋଟିଏ ବା ଦୁଇଟି ପଦ ପଢ଼ିବାକୁ ଚାହେଁ। ମୁଁ ଗୀତସଂହିତା ୪୨ ର 50ତମ, 51ତମ, ଏବଂ 52ତମ ପଦଗୁଡିକୁ ପାଠ କରିବା ପାଇଁ ଚେଷ୍ଟା କରିବାକୁ ଯାଉଛି।

69 ବର୍ତ୍ତମାନ, କଅଣ ଆପଣମାନେ ସବା ପଛରେ ପଶ୍ଚାତ ଭାଗରେ ଶୁଣି ପାରୁଛନ୍ତି, ଠିକ୍ ଅଛି କି? ଯଦି ଆପଣ ପାରୁଛନ୍ତି, ତେବେ ନିଜର ହାତ ଉଠାନ୍ତୁ। ତେଣୁକରି ମୁଁ...ତାହା କେଉଁଟି...ଏହି ସମସ୍ତ ମାଇକ୍ କାର୍ଯ୍ୟକାରୀ ଅଟେ କି? [ଜଣେ ଭାଇ କୁହନ୍ତି, "ମୁଁ ଜାଣି ନାହିଁ।"—ସମ୍ପା।] କଅଣ *ଏହା* ଭଲ ଅଟେ ନା *ଏହି* ଗୋଟିକ? *ଏହି* ଗୋଟିକ? *ଏହି* ଗୋଟିକ କି? ["ପାର୍ଶ୍ୱରେ ଥିବା ଏହି ଦୁଇଟି ଯାକ କାର୍ଯ୍ୟକାରୀ ଅଟେ।"] ଠିକ୍ ଏଠାରେ, ପାର୍ଶ୍ୱରେ ଥିବା *ଏହି* ଦୁଇଟି ଯାକ? ["*ଏହି* ଗୋଟିକ, *ଏହି* ଗୋଟିକ ଏବଂ *ଏହି* ଗୋଟିକ।"] ଠିକ୍ ଅଛି।

70 ମୁଁ ଜାଣେ ନାହିଁ ଯେ ସେମାନେ ଏହାକୁ ଟେପ୍ କରିବାକୁ ଯାଉଛନ୍ତି କି ନାହିଁ। ଆଜି ସକାଳେ ଏହା ଏକ ଅପ୍ରତ୍ୟାଶିତ ଘଟଣା ଅଟେ।

71 କିନ୍ତୁ ବର୍ତ୍ତମାନ ଭୁଲନ୍ତୁ ନାହିଁ, ଆପଣଙ୍କର ସମସ୍ତ ସାଙ୍ଗମାନଙ୍କୁ ନିଅନ୍ତୁ। ଏବଂ ମୁଁ—ମୁଁ ଚାହେଁ ଯେ ଆପଣମାନେ ଏଥିରେ ସୁନିଶ୍ଚିତ ହୁଅନ୍ତୁ, ପ୍ରାୟଃ, ଆସନ୍ତା ରବିବାରର ସଭାରେ ଯୋଗଦେବାକୁ ଚେଷ୍ଟା କରନ୍ତୁ।

72 ମୁଁ ଭାବୁଛି, ସେମାନେ ଶୀଘ୍ର ଏଠାରେ ଗୀର୍ଜା ସମାପ୍ତ କରିଦେବେ। ଏବଂ ତାହାପରେ ମୁଁ—ମୁଁ ଏଥିପାଇଁ ଫେରି ଆସିବି, ସେହି ସପ୍ତ ମୁଦ୍ରାଗୁଡିକୁ, ଏଠାରେ ଶାସ୍ତ୍ରରୁ ନେଇ ପ୍ରଚାର କରିବା ପାଇଁ, ଯଦି ଏହା ପରମେଶ୍ୱରଙ୍କ ଇଚ୍ଛା ହୁଏ।

73 ଗୀତସଂହିତା ପୁସ୍ତକ, ତାର ୪୨ତମ ପର୍ବରେ, 50ତମ ପଦରୁ ଆରମ୍ଭ କରି। ବର୍ତ୍ତମାନ ବାକ୍ୟ ପଠନକୁ ଧ୍ୟାନ ସହକାରେ ଶୁଣନ୍ତୁ।

*ହେ ପ୍ରଭୋ, ତୁମ୍ଭ ଦାସମାନଙ୍କର ନିନ୍ଦା ସ୍ମରଣ କର; ଓ ମୁଁ ପରାକ୍ରାନ୍ତ ଗୋଷ୍ଠୀବର୍ଗର ନିନ୍ଦା କିପ୍ରକାରେ ଆପଣା ବକ୍ଷସ୍ଥଳରେ ବହୁଅଛି, ଏହା ସ୍ମରଣ କର;*

*ହେ ସଦାପ୍ରଭୋ, ତଦ୍ଦ୍ୱାରା ତୁମ୍ଭ ଶତ୍ରୁଗଣ ନିନ୍ଦା କରିଅଛନ୍ତି; ତଦ୍ଦ୍ୱାରା ସେମାନେ ତୁମ୍ଭ ଅଭିଷିକ୍ତଙ୍କ ପଦଚିହ୍ନକୁ ନିନ୍ଦା କରିଅଛନ୍ତି ।*

*ସଦାପ୍ରଭୁ ଅନନ୍ତକାଳ ଧନ୍ୟ ହେଉନ୍ତୁ । ଆମେନ୍, ଏବଂ ଆମେନ୍ ।*

74 ମୁଁ ଆପଣମାନଙ୍କ ସହିତ ଅଳ୍ପ କିଛି ମୁହୂର୍ତ୍ତ ପାଇଁ ଏହି ବିଷୟ ଉପରେ କଥା ହେବାକୁ ଚାହେଁ...ମୁଁ ଚାହେଁ ଯେ ଆପଣ ଏହାକୁ, ପ୍ରଥମେ ଚିହ୍ନିତ କରନ୍ତୁ, ଏବଂ ଏହାକୁ ବାରମ୍ବାର, ପ୍ରକୃତରେ ଭଲ ଭାବରେ ପାଠ କରନ୍ତୁ । ହୋଇପାରେ ଯେ ଏହାକୁ ବର୍ତ୍ତମାନ ପୁନର୍ବାର ପାଠ କରାଯାଉ । ତେବେ ଧ୍ୟାନ ସହକାରେ ଶୁଣନ୍ତୁ । ବୁଝିଲେ?

*ହେ ପ୍ରଭୋ, ତୁମ୍ଭ ଦାସମାନଙ୍କର ନିନ୍ଦା ସ୍ମରଣ କର; ଓ ମୁଁ ପରାକ୍ରାନ୍ତ ଗୋଷ୍ଠୀବର୍ଗର ନିନ୍ଦା କିପ୍ରକାରେ ଆପଣା ବକ୍ଷସ୍ଥଳରେ ବହୁଅଛି, ଏହା ସ୍ମରଣ କର;*

*ହେ ସଦାପ୍ରଭୋ, ତଦ୍ଦ୍ୱାରା ତୁମ୍ଭ ଶତ୍ରୁଗଣ ନିନ୍ଦା କରିଅଛନ୍ତି; ତଦ୍ଦ୍ୱାରା ସେମାନେ ତୁମ୍ଭ ଅଭିଷିକ୍ତଙ୍କ ପଦଚିହ୍ନକୁ ନିନ୍ଦା କରିଅଛନ୍ତି ।*

*ସଦାପ୍ରଭୁ ଅନନ୍ତକାଳ ଧନ୍ୟ ହେଉନ୍ତୁ । ଆମେନ୍, ଏବଂ ଆମେନ୍ ।*

75 ଏହାକୁ ଧ୍ୟାନ ସହକାରେ ପାଠ କରନ୍ତୁ, ଯେତେବେଳେ ଦାଉଦ ଏହାକୁ କହିଥିଲେ । ମୁଁ ଏହାକୁ ଏକ ମୂଳପାଠ ପାଇଁ ବ୍ୟବହାର କରିବାକୁ ଚାହେଁ...ଏହା ଅତ୍ୟନ୍ତ ବିଚିତ୍ର ଅଟେ, ଯଦି ପୁନର୍ବାର ଏକ ଖ୍ରୀଷ୍ଟମାସ ମୂଳପାଠ; କିନ୍ତୁ ଯେପରିକି ମୁଁ ଗତ ରବିବାର ଦିନ ଏକ ବିଚିତ୍ର ମୂଳପାଠ ଉପରେ ପ୍ରଚାର କରିଥିଲି । ମୁଁ ବର୍ତ୍ତମାନ ଭୁଲିଗଲି ଯେ ତାହା କଅଣ ଥିଲା । ତାହା ଥିଲା...[ଜଣେ ଭାଇ କୁହନ୍ତି, "*ସଂସାର ବିଖଣ୍ଡିତ ହେଉଅଛି ।*"—ସମ୍ପା ।] କ୍ଷମା କରିବେ? ["*ସଂସାର ବିଖଣ୍ଡିତ ହେଉଅଛି ।*"] ସେହି ବିଖଣ୍ଡନ: *ସଂସାର ବିଖଣ୍ଡିତ ହେଉଅଛି ।*

76 ବର୍ତ୍ତମାନ ଏହି ରବିବାର, ମୁଁ ଏହାକୁ ଏକ ମୂଳପାଠ ଭାବରେ ବ୍ୟବହାର କରିବାକୁ ଚାହେଁ: *ବାକ୍ୟ ସକାଶୁ ନିନ୍ଦା ।* ବର୍ତ୍ତମାନ ମୁଁ ଏହାକୁ ପୁଣି ଥରେ ପୁନରାବୃତ୍ତି କରେ, ପ୍ରକୃତରେ ଭଲ ଭାବରେ । ସେହି... *ବାକ୍ୟ ସକାଶୁ ନିନ୍ଦା ।*

77 ପରମେଶ୍ୱରଙ୍କ ପାଖରେ ତାହାଙ୍କର ସମସ୍ତ ବାକ୍ୟକୁ ସଫଳ କରିବା ନିମନ୍ତେ, ଏକ ସମୟ ଅଛି, ଏବଂ ସେହି ସମୟକୁ ରଖିଥିବା ପାଇଁ ଏକ କାରଣ ଅଛି । ପରମେଶ୍ୱର ଅବିକଳ ଭାବେ ଜାଣନ୍ତି ଯେ ସେ କଅଣ କରିବାକୁ ଯାଉଛନ୍ତି । ଆମେ ଜାଣି ନାହୁଁ । ଆମକୁ ତ କେବଳ ତାହାକୁ ଠିକ ସେହିପରି ଭାବରେ ଗ୍ରହଣ କରିବାକୁ ଅଛି ଯେପରି ସେ ଆମକୁ ଦିଅନ୍ତି । ମାତ୍ର, ସେ ଜାଣିଛନ୍ତି, ଏବଂ ସେଠାରେ ତାହା ସହିତ କିଛି ହେଲେ ଭୁଲ୍ ହେବାକୁ ଯାଉ ନାହିଁ ଯାହାକି

ସେ—ସେ କରିବାକୁ ଯୋଜନା କରିଛନ୍ତି । ଏହାକୁ ତ ସବୁ ସେହିପରି ଭାବରେ ଘଟିବାକୁ ଅଛି । ବେଳେ ବେଳେ, ସେଠାରେ, କଠୋର ଏବଂ କଠିନ ବିଷୟମାନ ରହିବାକୁ ଅଛି, ଯେପରିକି ସେହି ବସ୍ତୁର କେବଳ ବାସ୍ତବ, ବାସ୍ତବ ପ୍ରକୃତିକୁ ବାହାର କରି ଆଣେ ।

78 ଆପଣ ଜାଣନ୍ତି ଯେ, ବର୍ଷାର ଜନ୍ମ ଏକ କଠୋର, ଖଣ୍ଡ ବିଖଣ୍ଡିତ, ବଜ୍ରପାତ ଘୋଷିତ, ମେଘ ଗର୍ଜନ କରୁଥିବା ଆକାଶରେ ହୁଏ । ଏବଂ ଯଦି ଆମର ବର୍ଷା ନ ହୁଏ, ତାହାହେଲେ ଆମେ ବଞ୍ଚିବା ନାହିଁ । ମାତ୍ର କଅଣ ଆପଣ ଦେଖୁଛନ୍ତି ଯେ ବର୍ଷା ଆଣିବା ପାଇଁ କଅଣ ଆବଶ୍ୟକ ହୁଏ? ବଜ୍ରପାତ, ଗର୍ଜନ, ଝଲସୁଥିବା, କ୍ରୋଧ । ଏବଂ ସେଥିରୁ ବର୍ଷା ଆସିଥାଏ ।

79 ଗୋଟିଏ ବୀଜକୁ ତ ମରିବା, କ୍ଷୟ ପାଇବା, ଭ୍ରଷ୍ଟ ହେବା, ଦୁର୍ଗନ୍ଧ ହେବା, ଏବଂ ପୃଥିବୀର ଧୂଳିକୁ ଫେରିବାକୁ ଅଛି, ଯେପରିକି ନୂତନ ଜୀବନକୁ ନେଇ ଆସେ ।

80 ଏହା ତ ସୁନାକୁ ପ୍ରହାର କରାଯିବା ଆବଶ୍ୟକ କରେ, ଓଲଟ ପାଲଟ କରି, ଆଗକୁ ଓ ପଛକୁ କରି, ଏବଂ ପିଟାଯିବା ଆବଶ୍ୟକ କରେ ଯେପର୍ଯ୍ୟନ୍ତକି ସମସ୍ତ ଆବର୍ଜନା ଏଥିରୁ ବାହାର ନ ହୋଇଯାଏ । ଏଇଥି ପାଇଁ ନୁହେଁ ଯେ ଏହା ଚମକିଥାଏ, କାରଣ ଲୁହା ପାଇରାଇଟ୍ ଖଣିଜ ପଦାର୍ଥ, ଯାହାକୁ ମୂର୍ଖର ସୁନା ବୋଲି କୁହାଯାଏ, ତାହା ପ୍ରକୃତ ସୁନା ପରି ଉଜ୍ଜ୍ୱଳ ହୋଇଥାଏ । ମାତ୍ର, ଆପଣ ସେହି ଦୁଇଟିକୁ ଏକାଠି ରଖନ୍ତୁ…ଆପଣ ସେଗୁଡିକୁ ଅନ୍ୟତ୍ର ଗୋଟିଏ ପାର୍ଶ୍ୱରେ ରଖି ଦିଅନ୍ତୁ, ଆପଣ ସେଗୁଡିକୁ ବଡ କଷ୍ଟରେ ହିଁ ପୃଥକ କରି କହିପାରିବେ, କିନ୍ତୁ ସେଗୁଡ଼ିକୁ ଏକାଠି ରଖନ୍ତୁ, ଆପଣ ଏହା କହି ଦେଇପାରିବେ । ଏବଂ ସେହି ପିଟାଳୀଙ୍କୁ ତାକୁ ସବୁବେଳେ ପିଟିବାକୁ ପଡିଥାଏ ଯେପର୍ଯ୍ୟନ୍ତକି ସେ—ସେ ନିଜର ପ୍ରତିମୂର୍ତ୍ତିକୁ ସେହି ସୁନାରେ ପ୍ରତିଫଳିତ ହେଉଥିବାର ନ ଦେଖନ୍ତି ।

81 ଏବଂ ପରମେଶ୍ୱର ସମସ୍ତକିଛି ବିଷୟ ପାଇଁ ଏକ ସମୟ ସ୍ଥିର କରନ୍ତି ଏବଂ ଏକ ଉଦ୍ଦେଶ୍ୟ ରଖନ୍ତି ଯେଉଁସବୁ କାର୍ଯ୍ୟ ସେ କରନ୍ତି । ଯେଉଁମାନେ ପ୍ରଭୁଙ୍କୁ ପ୍ରେମ କରନ୍ତି ଏବଂ ତାହାଙ୍କ ଆହ୍ୱାନ ଅନୁସାରେ ଡକା ଯାଇଥାଆନ୍ତି ସେମାନଙ୍କ ପାଇଁ କୌଣସି ବିଷୟ ଅକସ୍ମାତ ହୁଏ ନାହିଁ । ବୁଝିଲେ? ଆମେମାନେ ପୂର୍ବରୁ ନିରୂପିତ ଅଟୁ । ଏବଂ ସବୁକିଛି ବିଷୟ ସେଇଥିପାଇଁ, ଠିକ ଠିକ୍ କାମ କରେ, କାରଣ ସେ ମିଛ କହିପାରନ୍ତି ନାହିଁ । ଏବଂ ସେ କହିଲେ ଯେ ତାହା ଏହିପରି ଥିଲା, ଯେ ପ୍ରତ୍ୟେକ ବିଷୟର ନିଜର ସମୟ, ନିଜର ଋତୁ ଅଛି, ଏବଂ ଏହାର ତାର ନିଜର ଉପାୟ ଅଛି । ଏବଂ ପ୍ରତ୍ୟେକ ପଦକ୍ଷେପ ପଛରେ ପରମେଶ୍ୱର ଅଛନ୍ତି । ଏବଂ ବେଳେବେଳେ ଆପଣ ଭାବନ୍ତି ଯେ ସବୁକିଛି ଭୁଲ୍ ଚାଲିଛି । ଏହା ଆମ ଉପରେ ନିର୍ଭର କରେ । ସେହି ବିଷୟଗୁଡ଼ିକ ଆମ ଉପରେ ଅଣାଯାଇଥାଏ, ପରୀକ୍ଷା ଏବଂ ଆଶ୍ଚର୍ଯ୍ୟଜନକ ବିଷୟମାନ । ଏହା ତ ପରୀକ୍ଷା ଅଟେ, ଏହା ଦେଖିବା ପାଇଁ ଯେ ଆମେମାନେ ଏକ କ୍ରିୟା ଉପରେ କିପରି ପ୍ରତିକ୍ରିୟା କରିବୁ ।

82 କିଛି ସମୟ ପୂର୍ବରୁ, ଉପରେ ଭର୍ମୋଣ୍ଟଠାରେ, ଭାଇ ଫ୍ରେଡ୍ ଏବଂ ମୁଁ ଚମ୍ପ୍ଲେନ୍ ହ୍ରଦ କଡରେ, ନ୍ୟୁୟର୍କ ପାର୍ଶ୍ୱକୁ ଯାଇଥିଲୁ, ଏବଂ ଆମେମାନେ ଆରପାରି ନ୍ୟୁୟର୍କ ପାର୍ଶ୍ୱକୁ

ପହଞ୍ଚି ଯାଇଥିଲୁ । ଏବଂ ମୁଁ ସେହି ପର୍ବତ ଉପରକୁ ଗଲି ଯେଉଁଠାରେକି ସେହି, ହରୀକେନ୍ ପର୍ବତ ଉପରେ, ଯେଉଁଠାରେ ମୁଁ ଶିକାର କରିଥାଏ । ଏବଂ ସେଠାରେ ମୋର ମନେ ଅଛି ଯେତେବେଳେ ମୁଁ ହଜି ଯାଇଥିଲି, ଏବଂ କିପରି ପରମେଶ୍ୱର ମୋତେ ଏକ ଝଡ଼ ମାଧ୍ୟମରେ, କେବଳ ପବିତ୍ରଆତ୍ମାଙ୍କ ଦ୍ୱାରା, ଫେରାଇ ଆଣିଥିଲେ । ତାହା ଯେ, ମୁଁ ମରି ଯାଇଥାଆନ୍ତି, ବିନଷ୍ଟ ହୋଇ ଯାଇଥାଆନ୍ତି, ଏବଂ ମୋର ପତ୍ନୀ ଓ ବିଲି ମଧ୍ୟ, ଅନେକ ମାଇଲ୍ ବାଟ ଦୂରରେ ଏକ ଛୋଟ କ୍ୟାମ୍ପରେ ରହିଥିଲେ । ଏବଂ ମୁଁ ଫେରାଇ ଅଣା ଯାଇଥିଲା ।

83 ଏବଂ ବସନ୍ତର ପ୍ରାରମ୍ଭିକରେ, ଶିବିରକୁ ଫେରି ଯିବା ପାଇଁ, ଆମକୁ ଏକ ଛୋଟ ହିମ ଦେଇ ଯିବାକୁ ପଡିଥିଲା । ଏବଂ ମୁଁ ସେଠାରେ ଛିଡା ହୋଇ ଭାଇ ଫ୍ରେଡଙ୍କ ସହ କଥାବାର୍ତ୍ତା କରୁଥିଲି, ଏବଂ ପବିତ୍ରଆତ୍ମା କହିଲେ, “ଏକାକୀ ହୁଅ ।” ଏବଂ ମୁଁ ଅଳ୍ପ ଟିକିଏ ସମୟ ଏକ ବୁଦା ଭିତରକୁ, ସେହି ସ୍ଥାନକୁ ଚାଲିଗଲି । ସେ ମୋତେ କହିଲେ, “ତୁମ ପାଇଁ ଏକ ଫାନ୍ଦ ବିଛା ଯାଇଅଛି । ତେବେ ସାବଧାନ ରୁହ ।” କିନ୍ତୁ ସେ ମୋତେ କହିଲେ ନାହିଁ କିପରି, କଅଣ । ମୁଁ ଫେରି ଆସି ଭାଇ ଫ୍ରେଡଙ୍କୁ କହିଲି ।

84 ସେହି ରାତି ଗୀର୍ଜାରେ ପ୍ରେକ୍ଷାଳୟକୁ ଗଲି, ଓ ଲୋକମାନଙ୍କୁ ତାହା ଘୋଷଣା କଲି । ଏବଂ ପରଦିନ ରାତିରେ ତାହା ଘଟିଲା । ଏବଂ ତାହାପରେ ସେଠାରେ ଛିଡା ହୋଇଥିଲି ଯେତେବେଳେ ସେ ମୋତେ କହିଥିଲେ, କେତେକ ଉପହାସକାରୀଙ୍କ ବିଷୟରେ, ସେ କହିଲେ, “ଏହା ତୁମ ହାତରେ ଅଛି । ସେମାନଙ୍କ ସହିତ ବ୍ୟବହାର କର । ତୁମେ ଯାହା କହିବ, ତାହା ଠିକ ବର୍ତ୍ତମାନ ହିଁ ଘଟିବ ।”

85 ସେଠାରେ ଆପଣ ଅଛନ୍ତି । ଯେଉଁଠାରେ, କେହି ଜଣେ ଭକ୍ତିହୀନ, ଧର୍ମହୀନ, ଏବଂ ସେମାନେ ଜଣେ ଯୁବକ ଓ ଜଣେ ଯୁବତୀ, ସଭା ବିଷୟରେ ଥଟ୍ଟା ଏବଂ ପରିହାସ କରୁଥିଲେ । ଏବଂ ସେହି ଯୁବକ ସେହି ଭବନରେ ସେହି ଯୁବତୀ ସହିତ ଅଶ୍ଳୀଳ ପ୍ରେମ-କ୍ରିୟା ଆଚରଣ କରିବାକୁ ଚେଷ୍ଟା କରୁଥିଲା; ଏବଂ ସମସ୍ତଙ୍କର ଧ୍ୟାନ ଆକର୍ଷିତ କରୁଥିଲା, ଯେତେବେଳେ ମୁଁ ପ୍ରଚାର କରିବାକୁ ଚେଷ୍ଟା କରୁଥିଲି । ଏବଂ ସେହି ଯୁବତୀର ମୁଣ୍ଡକୁ ପଛକୁ ଟାଣି ତାର କୋଳରେ ବସିବାକୁ ଚେଷ୍ଟା କରୁଥିଲା, ଏବଂ ତାର ମୁଣ୍ଡକୁ ପଛକୁ ପକାଇ ତାକୁ ଚୁମ୍ବନ ଦେବାକୁ ଚେଷ୍ଟା କରୁଥିଲା, ଏବଂ ସଭାରେ ସେହିପରି ଆଚରଣ କରିଥିଲା, ଧ୍ୟାନ ଆକର୍ଷଣ କରିବାକୁ ଚେଷ୍ଟା କରୁଥିଲା ।

86 ଏବଂ ପବିତ୍ରଆତ୍ମା କହିଲେ, “ବର୍ତ୍ତମାନ ସେ…ସେମାନେ ତୁମ ହାତରେ ଅଛନ୍ତି । ତୁମେ ସେମାନଙ୍କ ସହିତ କଅଣ ବ୍ୟବହାର କରିବ?”

87 ସେଠାରେ ଏକ ପବିତ୍ର ନୀରବତା ଛାଇଥିଲା । ସମସ୍ତେ ମୃତପ୍ରାୟଃ ଶାନ୍ତ ଭାବରେ ବସିଥିଲେ । ଏବଂ ମୁଁ ଚିନ୍ତା କଲି, “ହେ ପରମେଶ୍ୱର, ମୁଁ କଅଣ କରିବି?”

88 ତେବେ ମୋର ମନେ ଅଛି, ଯଦି ତାହା ଦୁଇ ଦିନ ପୂର୍ବରୁ, ପବିତ୍ରଆତ୍ମାଙ୍କର ସେହି ଚେତାବନୀ ନ ହୋଇଥାଆନ୍ତା । ମୁଁ କହିଲି, "ମୁଁ ତୁମମାନଙ୍କୁ କ୍ଷମା କରିବି ।" ବର୍ତ୍ତମାନ, ତାହାହିଁ ଥିଲା ଯାହାକି ମୁଁ କୁହେ ବୋଲି ସେ ଚାହୁଁଥିଲେ । ବୁଝିଲେ?

89 କାରଣ, ସର୍ବଶେଷରେ, ମୁଁ—ମୁଁ ଦୋଷୀ ରହିଆସିଛି, ହୁଏତ ସେହିପରି ନୁହେଁ, କିନ୍ତୁ ଦୋଷୀ ରହିଛି । "ଏବଂ ଯିଏ ଅଳ୍ପରେ ଦୋଷୀ ସେ ସମଗ୍ର ବିଷୟରେ ଦୋଷୀ ଅଟେ ।"

90 ତେଣୁ ମୁଁ କହିଲି, "ମୁଁ ତୁମମାନଙ୍କୁ କ୍ଷମା କରେ ।" ଆଉ ବର୍ତ୍ତମାନ ଏଠାରେ ମଧ୍ୟ ସେହି ସାକ୍ଷୀମାନେ ବସିଛନ୍ତି, ଯେଉଁମାନେକି ସେତେବେଳେ ସେଠାରେ ଥିଲେ । ତାହାପରେ ପବିତ୍ରଆତ୍ମା ଓହ୍ଲାଇ ଆସିଥିଲେ ।

91 ବର୍ତ୍ତମାନ, ଆପଣ ଦେଖନ୍ତୁ, ମୁଁ ବିଶ୍ୱାସ କରେ ଯେ ଏହି ସବୁ ଜିନିଷର ଅର୍ଥ ରହିଥିଲା । ଏକ ଶକ୍ତି ସହିତ ଆପଣ କଅଣ କରିବେ? ଆପଣ କିପରି ଭାବରେ, କ୍ରିୟାର ପ୍ରତିକ୍ରିୟା, ଦେଖିବେ? ଏପରି କିଛି ବିଷୟ ଯାହାକି ଏକ କାର୍ଯ୍ୟ ଭାବରେ ଆସେ, ତେବେ ଆପଣ କିପରି ଭାବରେ ସେହି କାର୍ଯ୍ୟ ଉପରେ ପ୍ରତିକ୍ରିୟା କରିବେ? କଅଣ ଆପଣମାନେ ବୁଝୁଛନ୍ତି ଯେ ମୋର କହିବାର ଅର୍ଥ କଅଣ ଅଟେ? ଆପଣ କଅଣ କରିବେ? ଏବଂ ବୋଧହୁଏ ଏହି ସବୁ କାର୍ଯ୍ୟ ସେହି ବିଷୟ ନିକଟକୁ ନେଇଆସିଛି ଯେଉଁଠାରେକି ଆମେମାନେ ବର୍ତ୍ତମାନ ଅଛୁ । ମୁଁ ଜାଣି ନାହିଁ । ମୁଁ—ମୁଁ କହିପାରେ ନାହିଁ । କିନ୍ତୁ ସବୁବେଳେ କିଛି ଉପାୟ ରହିଛି...

92 ଏବଂ ତାହା ମନେରଖନ୍ତୁ, ବାକ୍ୟ ସକାଶୁ—ସକାଶୁ ନିନ୍ଦା...ବାକ୍ୟ ସର୍ବଦା ଏକ ନିନ୍ଦା ବହନ କରିଛି । ଯୁଗ ଯୁଗ ଧରି, ପରମେଶ୍ୱରଙ୍କ ଅଭିଷିକ୍ତ ବାକ୍ୟ ସର୍ବଦା ନିନ୍ଦିତ ହୋଇଆସିଛି । ଏବଂ ତାହାହିଁ ସେହି କାରଣ ଅଟେ ଯେ ଏହା ସେହି ଲୋକମାନଙ୍କ ପାଇଁ କଷ୍ଟକର ଅଟେ ଯେଉଁମାନେକି ବୁଝନ୍ତି ନାହିଁ, ତାହା କିପରି ଜାଣିବେ ଯେ ସେହି ନିନ୍ଦାକୁ କିପରି ଗ୍ରହଣ କରିବାକୁ ଅଛି ।

93 କଅଣ ଆପଣମାନେ ସ୍ମରଣ କରିପାରନ୍ତି ଯେ ଶିଷ୍ୟମାନେ ଫେରି ଆସିଥିଲେ ଏବଂ ଏଇଥି ପାଇଁ ଆନନ୍ଦ ଉଲ୍ଲାସ କରିଥିଲେ ଯେହେତୁ ସେମାନେ ଏହି ବିଷୟକୁ ହୃଦୟଙ୍ଗମ କରିଥିଲେ ଯେ ସେମାନେ ତାହାଙ୍କ ନାମର ନିନ୍ଦାକୁ ସହି ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ? ସେ କହିଥିଲେ, "ଖ୍ରୀଷ୍ଟଙ୍କଠାରେ ଧାର୍ମିକ ଜୀବନ ଯାପନ କରୁଥିବା ସମସ୍ତେ ଏକ ନିର୍ଯ୍ୟାତନା ସହ୍ୟ କରିବେ," ବାକ୍ୟର ନିନ୍ଦା ।

94 ଆପଣଙ୍କୁ ଏହା ଦେଖିବା ପାଇଁ, ନିଜର ପରୀକ୍ଷା ଦେବାକୁ ହେଲେ ସର୍ବଦା ଏହି ନିନ୍ଦାକୁ ସହ୍ୟ କରିବାକୁ ପଡିବ । ପ୍ରତ୍ୟେକ ବ୍ୟକ୍ତି ଯିଏକି ଖ୍ରୀଷ୍ଟଙ୍କ ନିକଟକୁ ଆସନ୍ତି ପ୍ରଥମେ ଶିଶୁ-ତାଲିମପ୍ରାପ୍ତ ହେବା ଆବଶ୍ୟକ, ସେହି—ସେହି ଉଦ୍ଦେଶ୍ୟ ପାଇଁ ଯାହା ପାଇଁ ପରମେଶ୍ୱର ଆପଣଙ୍କୁ ନିଯୁକ୍ତ କରିଛନ୍ତି । ଏବଂ ମନେରଖନ୍ତୁ, ଯଦି ଆପଣ କେବଳ ନୀରବ ରହିପାରନ୍ତି! ମନେରଖନ୍ତୁ, ଯଦି ସେ ଆପଣଙ୍କୁ ଏଥିପାଇଁ ଡାକିଛନ୍ତି, ତାହାହେଲେ ଏପରି କୌଣସି ବିଷୟ ନାହିଁ ଯାହାକି ଏହାକୁ ଘଟିବାରୁ ବଞ୍ଚିତ କରିପାରେ । କ୍ଳେଶ ଯନ୍ତ୍ରଣାରେ ଯଥେଷ୍ଟ ଶୟତାନ

ନାହାଁନ୍ତି, ମାତ୍ର ଯାହାକି ପରମେଶ୍ୱରଙ୍କ ବାକ୍ୟକୁ ପ୍ରକାଶ କରିବ। ଆପଣ ଏକ ଉଦ୍ଦେଶ୍ୟ ପାଇଁ ଜନ୍ମ ହୋଇଛନ୍ତି, ଏବଂ ଆପଣଙ୍କର ସ୍ଥାନକୁ କେହିହେଲେ ନେଇପାରେ ନାହିଁ। ହୋଇପାରେ ଆପଣଙ୍କର ନକଲକାରୀ ଏବଂ ଅନ୍ୟାନ୍ୟ ସବୁକିଛି ଥାଇପାରନ୍ତି, କିନ୍ତୁ ସେମାନେ କଦାପି ଆପଣଙ୍କର ସ୍ଥାନକୁ ନେବେ ନାହିଁ। ଠିକ୍ ଅଛି। ପରମେଶ୍ୱରଙ୍କ ବାକ୍ୟ ବିଜୟୀ ହେବ। ଏହା ବିଫଳ ହୋଇପାରେ ନାହିଁ। ସେହିଠାରେ ହିଁ ଅଟେ ଯେଉଁଠାରେକି ପ୍ରତ୍ୟେକ ଖ୍ରୀଷ୍ଟିଆନ, ତାହା—ତାହା ଜାଣି ଛିଡା ହେବା ଉଚିତ୍। ଏବଂ ପରୀକ୍ଷାଗୁଡ଼ିକ ଆସିବ, ଏବଂ ଆପଣଙ୍କ ପାଇଁ, ପ୍ରତ୍ୟେକ ଉପାୟରେ ଦେଖାଯିବ। କିନ୍ତୁ ମନେରଖନ୍ତୁ, ପରମେଶ୍ୱରଙ୍କର ଏକ ଉଦ୍ଦେଶ୍ୟ ଅଛି, ଏବଂ ଏହା ସବୁ ଠିକ୍ ଭାବେ କାମ କରିବ।

95 ତେବେ ଆସନ୍ତୁ ଅଳ୍ପ କେତେକ—କେତେକ ଘଟଣାଗୁଡିକୁ ଦେଖିବା ଯେଉଁଠାରେ ପରମେଶ୍ୱରଙ୍କ ବାକ୍ୟ ପୂରଣ ହୋଇଅଛି, ଏବଂ ଯେଉଁମାନେକି ସେମାନଙ୍କର ଯୁଗରେ ବାକ୍ୟ ବହନ କରିଥିଲେ।

96 କିଛି ଦିନ ପୂର୍ବରୁ, ମୁଁ—ମୁଁ ଆତ୍ମାରେ ଅନୁଭବ କଲି, ଯେ କେହି ଜଣେ ମୋତେ ସମାଲୋଚନା କରୁଥିଲେ। ହୋଇପାରେ ଯେ ଏହା ଟେପ୍‌ରେ ଶୁଣୁଥିବା ଲୋକମାନଙ୍କ ମଧ୍ୟରେ ଥିବ। ଯେ ତାହା ସବୁବେଳେ ଏତେ ଅଧିକ ଉଦ୍ଧୃତ କରିଥିବା ବିଷୟରେ, ପୁଣି ଆପଣ ପଛକୁ ଯାଇ ତାହା ଉପରେ ସେହି ବାଇବଲ ଚରିତ୍ରଗୁଡିକୁ ନେବା ବିଷୟରେ ଯାହା ମୁଁ କହୁଅଛି। ତେବେ, ମୁଁ ଗୋଟିଏ ଉଦ୍ଦେଶ୍ୟ ପାଇଁ ତାହା କରେ। ବାଇବଲ କୁହେ ଯେ ଏହି ବିଷୟଗୁଡିକ ଏଇଥି ପାଇଁ ଲେଖା ହୋଇଛି ଯେପରିକି ଆମେ ସେଗୁଡିକୁ ଦେଖିପାରୁ। ଏବଂ ତାହା ହେଉଛି ଏକମାତ୍ର ଉପାୟ, ବିନା ଏକ ଶିକ୍ଷାରେ, ଏକମାତ୍ର ଉପାୟ ଯାହାକି ମୁଁ କରିପାରେ, ଯେ ପଛକୁ ଫେରି ଏହା ଉଦ୍ଧୃତ କରେ ଓ କୁହେ, "ଆପଣ ଦେଖନ୍ତୁ ଯେ *ଏହା* କେଉଁଠାରେ ରହିଛି, ଏହା ଦ୍ୱାରା କଅଣ ଘଟିଲା, *ଏହା* କେଉଁଠାରେ ଘଟିଥିଲା।" ବୁଝିଲେ? ଏବଂ ତାହାପରେ ଆପଣ କେବଳ ନିଜକୁ ସେଠାରେ ରଖନ୍ତୁ।

97 ଯେପରିକି ମୁଁ ପ୍ରଚାର କରୁଥିଲି, ଅଳ୍ପ ଦିନ ପୂର୍ବରୁ, ଜାହାଜରେ ଥିବା ସେହି ଛୋଟ ପିଲା ଉପରେ, ଆପଣ ଜାଣନ୍ତି, ଏବଂ—ଏବଂ ଜାହାଜର ସେହି ପୁରୁଣା ଅଧିନାୟକ ମରୁଥିଲେ। ସେ ଅସୁସ୍ଥ ଥିଲେ। ଏବଂ ସେ ପଚାରିଲେ ଯେ ଥାକରେ କୌଣସି ବାଇବଲ ଅଛି କି? ଏବଂ ସେମାନେ ସେହି ଛୋଟ ପିଲାକୁ ଧରି ଆଣିଲେ ଯାହା ପାଖରେ ବାଇବଲ ଥିଲା, ଏବଂ ସେ ଆସି ଯିଶାଇୟ 53:5 ପାଠ କଲା। "ସେ ଆମର ଅପରାଧଗୁଡିକ ପାଇଁ କ୍ଷତବିକ୍ଷତ ହୋଇଥିଲେ, ଆମର ଅଧର୍ମ ପାଇଁ ପ୍ରହାରିତ ହୋଇଥିଲେ।" ଏବଂ ସେହି ସାନ ପିଲା କହିଲା, "ମୋତେ…ମୋତେ ଆପଣଙ୍କୁ କହିବାକୁ ଦିଅନ୍ତୁ, ହେ ଅଧିନାୟକ, ଯେ ମୋ ମାଆ ଏହାକୁ କିପରି ପାଠ କରୁଥିଲେ।" କହିଲା, "ଏଠାରେ ତାହା ସେହି ଉପାୟରେ ଅଟେ ଯେପରିକି ମୋ ମାଆ ଏହାକୁ ଲେଖିଥିଲେ: 'ସେ ୱିଲି ପ୍ରୁଇଟଙ୍କ ଅପରାଧ ପାଇଁ ଆହତ ହୋଇଥିଲେ। ଏବଂ ସେ ୱିଲି ପ୍ରୁଇଟ୍ ପାଇଁ ଦଣ୍ଡ ପାଇଥିଲେ। ଏବଂ ଏହି ସମସ୍ତ ବିଷୟ ଯାହା ସେ କରିଥିଲେ ତାହା ୱିଲି ପ୍ରୁଇଟ୍ ପାଇଁ ଥିଲା।'" ତାହା ତାର ନାମ ଥିଲା।

ସେହି ପୁରୁଣା ଜାହାଜର ଅଧିନାୟକ କହିଲେ, "ମୋତେ ତାହା ଭଲ ଲାଗିଲା । କଅଣ ତୁମେ ଏଥିରେ ମୋର ନାମ ପାଠ କରି ପାରିବ କି?"

98 ସେ କହିଲା, "ମୁଁ ଚେଷ୍ଟା କରିବି ।" ଏବଂ ସେ କହିଲା, "ସେ ଜନ୍ କ୍ୱାର୍ଟଜଙ୍କ ଅପରାଧ ପାଇଁ ଆହତ ହୋଇଥିଲେ । ସେ ଜନ୍ କ୍ୱାର୍ଟଜଙ୍କ ଅଧର୍ମ ପାଇଁ କ୍ଷତବିକ୍ଷତ ହୋଇଥିଲେ । ଏବଂ ତାହାଙ୍କର କୋରଡା ଆଘାତ ଦ୍ୱାରା ଜନ୍ କ୍ୱାର୍ଟଜ୍ ସୁସ୍ଥ ହୋଇଥିଲେ ।"

ସେ କହିଲେ, "ମୁଁ ଏହା ବୁଝୁଛି ।" ଏବଂ ପ୍ରଭୁ ତାହାଙ୍କୁ ସୁସ୍ଥ କଲେ । ବୁଝିଲେ?

99 ଏଥିରେ ନିଜର ନାମକୁ ପାଠ କରନ୍ତୁ । ସେ ୱିଲିୟମ୍ ବ୍ରାନହମ୍‌ଙ୍କର ଅପରାଧ ପାଇଁ ଆହତ ହୋଇଥିଲେ । ସେ ୱିଲିୟମ୍ ବ୍ରାନହମ୍‌ଙ୍କର ଅଧର୍ମ ପାଇଁ କ୍ଷତବିକ୍ଷତ ହୋଇଥିଲେ । ସେ ମୋ ପାଇଁ ତାହା କଲେ, ଏବଂ ସେ ତାହା ଆପଣଙ୍କ ପାଇଁ କଲେ । ଆପଣ ଏଥିରେ ନିଜର ନାମକୁ ପାଠ କରନ୍ତୁ ।

100 ତେବେ, ସେହି ଉପାୟରେ ହିଁ ମୁଁ ଶାସ୍ତ୍ରଗୁଡ଼ିକୁ ମୋର—ମୋର ଲୋକମାନଙ୍କ ପାଖକୁ ନେଇକରି ଆସିବାକୁ ପସନ୍ଦ କରେ, ଯେ ସେ କାହାରି ଜଣକାଙ୍କ ପାଇଁ ତାହା କରିଥିଲେ ଯିଏକି ତାହାଙ୍କର ଆଜ୍ଞା ପାଳନ କରିଥିଲେ । ସେ ଅନ୍ୟ କାହାରି ପାଇଁ ଯାହା କଲେ ଯିଏକି ସେହି କାର୍ଯ୍ୟ ପ୍ରତି ସଚ୍ଚୋଟ ରହିଥିଲେ, ଏବଂ ସେ ଅନ୍ୟ କାହାରି ପାଇଁ ଯାହା କରିଥିଲେ ଯିଏକି ସେହି କାର୍ଯ୍ୟ ପ୍ରତି ସଚ୍ଚୋଟ ରହି ନ ଥିଲେ, ତାହାପରେ ଯାଇ ଆପଣ ସେଥିରେ ନିଜର ନାମକୁ ପାଠ କରନ୍ତୁ । ଯଦି ଆପଣ ସେଠାରେ ରହିଥାଆନ୍ତେ, ତେବେ ଆପଣ କେଉଁ ପକ୍ଷ ଗ୍ରହଣ କରିଥାଆନ୍ତେ? ଏବଂ ମନେରଖନ୍ତୁ, ଠିକ ସେହି ସମାନ ପ୍ରକାରର ପକ୍ଷ ଗ୍ରହଣ କରିବା ପାଇଁ, ଆଜି, ଆପଣଙ୍କ ପାଖରେ ସୌଭାଗ୍ୟ ଅଛି ।

101 ଯେତେବେଳେ, ନୋହ, ପରମେଶ୍ୱର ତାଙ୍କୁ କହିଥିବା ବାକ୍ୟର ନିନ୍ଦା ବିଷୟରେ । ନୋହ, ସେଠାରେ ଏକ ନିନ୍ଦା ରହିଥିଲା । ନୋହ ଏକ ବୈଜ୍ଞାନିକ ଯୁଗରେ ବାସ କରିଥିଲେ, ଯେଉଁଠାରେକି ଏକ ଏପରି ବୈଜ୍ଞାନିକ ସଫଳତାମାନ ରହିଥିଲା ଯାହା ସେମାନେ ଉତ୍ପାଦନ କରିବାରେ ସକ୍ଷମ ହୋଇଥିଲେ, ଯାହାକି ତାହା ଯେକୌଣସି ବିଷୟଠାରୁ ଊର୍ଦ୍ଧ୍ୱରେ ଥିଲା ଯାହା ଆଜି ଆମେ ଉତ୍ପାଦନ କରିଅଛୁ । ସେମାନେ ଅଧିକ ଜ୍ଞାନବାନ, ଅଧିକ ବୁଦ୍ଧିମାନ ଥିଲେ । ସେମାନଙ୍କର ବିଜ୍ଞାନ ଆମ ଅପେକ୍ଷା, ବହୁତ ଉନ୍ନତ ଥିଲା । ଏବଂ କେବଳ ମନେରଖନ୍ତୁ, ତାଙ୍କୁ ଶହେ କୋଡ଼ିଏ ବର୍ଷ ସେହି ବାକ୍ୟ ନିମନ୍ତେ ନିନ୍ଦାକୁ ସହ୍ୟ କରିବାକୁ ପଡ଼ିଥିଲା, ଯେଉଁ ବାକ୍ୟ ସେ ପରିହାସକାରୀଙ୍କ ସମ୍ମୁଖରେ, ପ୍ରଚାର କରିଥିଲେ । ସେମାନଙ୍କର ମହାନ ବୈଜ୍ଞାନିକ ଉପାୟଗୁଡିକ ସେମାନଙ୍କୁ ପ୍ରମାଣ କରିଥିଲା ଯେ ଆକାଶରେ କୌଣସି ବର୍ଷା ନାହିଁ । କିନ୍ତୁ, ତଥାପି, ନୋହ ପ୍ରଭୁଙ୍କର ବାକ୍ୟ ଶୁଣିଥିଲେ, ଏବଂ ଏହା ସେମାନଙ୍କର ଧାରଣା ବିରୁଦ୍ଧରେ ଥିଲା । ତେଣୁକରି, ତାଙ୍କ ଜୀବନ ରକ୍ଷା କରାଯିବା ପୂର୍ବରୁ, ତାଙ୍କୁ ନିଶ୍ଚିତ ଭାବରେ ଏହି ନିନ୍ଦକମାନେ ଯାହା ଉପହାସ କରିଥିଲେ ତାଙ୍କର ସମ୍ମୁଖରେ ଛିଡା ହେବାକୁ ଥିଲା ଓ ନିନ୍ଦାକୁ ସହ୍ୟ କରିବାକୁ ଥିଲା ।

102 ଓଃ, ଏଥିରେ କୌଣସି ସନ୍ଦେହ ନାହିଁ, ସେମାନେ ନିଶ୍ଚିତ ଭାବରେ ସେହି ବେଚାରା ବୃଦ୍ଧ ପ୍ରଚାରକ ପାଇଁ ଦୁଃଖ ଅନୁଭବ କରିଥିବେ । ସେମାନେ ତାଙ୍କୁ ବାହାର କରିଦେଲେ ନାହିଁ କିମ୍ବା ଅନ୍ୟ କିଛି କଲେ ନାହିଁ, କାରଣ ବୋଧହୁଏ ସେଦିନ ସେହି ପ୍ରକାରର କୌଣସି ଘରଗୁଡିକ ଅନେକ ନ ଥିଲା । ସେ ନିରୀହ ଥିଲେ । ସେ କାହାରିକୁ ଆଘାତ କରିବାକୁ ଯାଉ ନ ଥିଲେ, ତେଣୁକରି ସେମାନେ ତାଙ୍କୁ ଏକୁଟିଆ ଛାଡିଦେଲେ । "ଆଗକୁ ଯାଅ, ସେହି ପାହାଡ ପାର୍ଶ୍ବରେ ଥିବା ସେହି ବୃଦ୍ଧ ପାଗଳ, ଏଠାରେ ଏକ ଜାହାଜ ନିର୍ମାଣ କରୁଅଛି ଯେଉଁଠାରେକି କୌଣସି ଜଳ ନାହିଁ । ଓଃ, ତେବେ, ବେଚାରା ବୃଦ୍ଧ ବ୍ୟକ୍ତି! କିନ୍ତୁ," ଏବଂ କହିଲେ, "ନୋହ, ତୁମ ଜାହାଜକୁ ଭସାଇବା ନିମନ୍ତେ, ତୁମେ କେଉଁଠାରୁ ପାଣି ଆଣିବାକୁ ଯାଉଅଛ?"

"ଏହା ଆକାଶରୁ ତଳକୁ ଆସିବାକୁ ଯାଉଅଛି ।"

103 "ନିର୍ବୋଧତା । ଆମେ ରାଡାର ସହିତ, ଚନ୍ଦ୍ର ଏବଂ ତାରାଗୁଡ଼ିକୁ ତନ୍ନ ତନ୍ନ କରି ଦେଖିପାରୁ," ସେମାନଙ୍କ ପାଖରେ ଯାହା ବି ରହିଥିଲା । "ସେଠାରେ ଉପରେ କୌଣସି ବର୍ଷା ନାହିଁ ।"

କିନ୍ତୁ ସେ କହିଲେ, "ପରମେଶ୍ଵର କହିଛନ୍ତି ଯେ ସେ ସେଠାରେ କିଛି ରଖିବାକୁ ଯାଉଛନ୍ତି ।"

"ସେ ଏହା କିପରି କରିବାକୁ ଯାଉଛନ୍ତି?"

104 "ତାହା ତାଙ୍କର ବେପାର ଅଟେ । ମୋତେ କେବଳ କରିବା ପାଇଁ ଗୋଟିଏ ବିଷୟ ଅଛି ତାହା ହେଲା ତୁମମାନଙ୍କୁ ଏଠାରୁ ବାହାରି ଯିବା ପାଇଁ ଚେତାବନୀ ଦେବା ।"

105 ଏହା ବର୍ତ୍ତମାନ ପ୍ରାୟଃ ସେହି ସମାନ ଅଟେ । "ଅଗ୍ନି କେଉଁଠାରୁ ଆସୁଅଛି?" ଭାଇ, ନୋହଙ୍କ ସମୟ ଅପେକ୍ଷା ଆଜି ଏହା ଅଧିକ ସରଳ ଅଟେ । ଆମେ ତ ଏହା ଆଗରୁ ଦେଖୁଅଛୁ ଯେ ଏହା କେଉଁଠାରେ ଅଛି । ଆଘାତ କରିବା ନିମନ୍ତେ ପ୍ରସ୍ତୁତ ଅଟେ, ତାହାହିଁ ସବୁ କିଛି । ବିଜ୍ଞାନ ତ ପୂର୍ବରୁ...ଏଥର କୌଣସି ବାହାନା ନାହିଁ, ଆଦୌ କୌଣସି ନୁହେଁ, କାରଣ ବିଜ୍ଞାନ ତ ଏହାକୁ ପାଇସାରିଛି । ହଁ, ଆଜ୍ଞା ।

106 ତେଣୁକରି ବର୍ତ୍ତମାନ ଆମେ ଜାଣିବାକୁ ପାଇଲୁ ଯେ ଏହା କିଛି ଏକ ବିଷୟ ଥିଲା । ତେଣୁ ସେମାନେ ସେହି ବେଚାରା ବୃଦ୍ଧ ପ୍ରଚାରକ ପାଇଁ ଦୁଃଖ ଅନୁଭବ କଲେ, ଏବଂ ତାଙ୍କୁ ଏକାକୀ ଛାଡିଦେଲେ । ଏହା ଏକ ବିଚିତ୍ର ବିଷୟ ଥିଲା, ବୋଧହୁଏ, ସେହି ଲୋକମାନଙ୍କ ପାଇଁ, ଏହା ଭାବିବା ଯେ ଜଣେ ବ୍ୟକ୍ତି ଯାହାକୁ ବୁଦ୍ଧିମାନ ହେବାର ଉଚିତ୍ ଥିଲା, ଆଉ ଏହା ବିଶ୍ଵାସ କରିବ ଯେ, ଆକାଶ ଓ ପୃଥିବୀର ସୃଷ୍ଟିକର୍ତ୍ତା, ପରମେଶ୍ଵର ଏପରି କିଛି କରିବେ, କିମ୍ବା ଏପରି କିଛି କହିବେ ଯାହା ସେ କରିବାକୁ ଯାଉଥିଲେ, ତାହା ସେମାନଙ୍କର ଚିନ୍ତାଧାରାର ବିପରୀତ ଥିଲା, ଯାହା ସେମାନଙ୍କ ପାଖରେ ରହିଥିଲା । ବୋଧହୁଏ ଆପଣ ତାହା ବୁଝିଲେ ନାହିଁ । ଦେଖନ୍ତୁ । ଥିଲା...ସେମାନେ ଭାବିଲେ ଯେ ସେମାନେ ପ୍ରତ୍ୟେକ ପ୍ରାକୃତିକ ବିଷୟକୁ ସେମାନଙ୍କର ବିଜ୍ଞାନ ଦ୍ଵାରା ପ୍ରମାଣ କରିପାରିବେ । ଯଦି ତାହା ସେହି ପ୍ରକାରର ଏକ ଜଗତ ନୁହେଁ କି

ଯେଉଁଥିରେ ଆମେମାନେ ଆଜି ବସବାସ କରୁଅଛୁ, ବିଜ୍ଞାନରେ ପରିପୂର୍ଣ୍ଣ ଏକ ବୌଦ୍ଧିକ, ଶିକ୍ଷାଗତ ଜଗତ! ଏବଂ ଯାହାକିଛି ସେମାନେ ପ୍ରମାଣ କରିପାରିବେ, ତାହା ଭୁଲ୍ ଅଟେ, ପରମେଶ୍ୱରଙ୍କର..."କୌଣସି ପରମେଶ୍ୱର କେବେ ହେଲେ ଏପରି କିଛି କଥା କହିପାରନ୍ତି ନାହିଁ ଯାହାକି ବୈଜ୍ଞାନିକ ଭାବରେ ପ୍ରମାଣିତ କରାଯାଇ (ଥିଲା) ପାରିବ ଯେ ତାହା ସେଠାରେ ନାହିଁ।"

107 ବର୍ତ୍ତମାନ, ସେମାନଙ୍କର ଆଜି ସେହି ସମାନ ଧାରଣା ରହିଛି। ଯଦି ଆପଣଙ୍କର ଡାକ୍ତର କୁହନ୍ତି ଯେ ଆପଣଙ୍କର କର୍କଟ ରୋଗ ଅଛି, ଆପଣଙ୍କୁ ତ ମରିବାକୁ ପଡିବ, ଏବଂ ବିଜ୍ଞାନ ପ୍ରମାଣ କରେ ଯେ ଆପଣ କର୍କଟ ରୋଗରେ ଆକ୍ରାନ୍ତ, ଏବଂ ଏହା ଏକ ଅଗ୍ରୀମ ପର୍ଯ୍ୟାୟରେ ଅଛି, ତେବେ ଏତଦ୍ ଭିନ୍ନ କିଛି ଗୋଟାଏ ବିଷୟ ଚିନ୍ତା କରିବା ମୂର୍ଖତା ଅଟେ, କାରଣ ଆପଣ ମରିବାକୁ ଯାଉଛନ୍ତି; ତାହାହିଁ ସବୁକିଛି ଅଟେ। ବିଜ୍ଞାନ କୁହେ ଯେ ଆପଣ ମରିବାକୁ ଯାଉଛନ୍ତି। ସେମାନେ ଆପଣଙ୍କୁ ପରୀକ୍ଷା କରିଛନ୍ତି, ଏବଂ ତାହାହିଁ ସବୁକିଛି ଅଟେ। ଆପଣ ମରିବାକୁ ଯାଉଛନ୍ତି। ଏବଂ ସେମାନେ ଭାବନ୍ତି ଯେ ଆପଣ ପାଗଳ ଅଟନ୍ତି ଯଦି ଆପଣ ଏହା କହିବାକୁ ଚେଷ୍ଟା କରନ୍ତି ଯେ ପରମେଶ୍ୱର ଏହା କରିବାକୁ ପ୍ରତିଜ୍ଞା କରିଛନ୍ତି। ଦେଖନ୍ତୁ, ଯେପରିକି ଏହା ଥିଲା, ଆପଣଙ୍କୁ ସେହି ନିନ୍ଦାକୁ ସହ୍ୟ କରିବାକୁ ଅଛି।

108 ସେମାନେ କୁହନ୍ତି, ଯଦି ଡାକ୍ତର ଏଠାରେ କୁହନ୍ତି, "ଆମେ ଯାଞ୍ଚ କରି ଦେଖିଛୁ, ଏବଂ କର୍କଟ ଉନ୍ନତ ପର୍ଯ୍ୟାୟରେ ଅଟେ। ଆମେ ଆପଣଙ୍କୁ ଅସ୍ତ୍ରୋପଚାର କରିଛୁ। ଏହା ଆପଣଙ୍କର ସମଗ୍ର ଶରୀରରେ ଅଟେ, ଏବଂ ଆପଣଙ୍କ ହୃଦୟରେ ବ୍ୟାପ୍ତ ଅଟେ, ଆପଣଙ୍କ ଫୁସଫୁସରେ ଅଟେ, ଆପଣଙ୍କ ଯକୃତରେ ଅଟେ, ସମଗ୍ର ଶରୀରରେ ବ୍ୟାପ୍ତ ଅଟେ। ଏହା ଅସମ୍ଭବ ଅଟେ।"

ତେବେ, ଆପଣ ଦେଖନ୍ତୁ, ଯେତେବେଳେ ଆପଣ କୁହନ୍ତି, "କିନ୍ତୁ ସେ ଯେକୌଣସି ପ୍ରକାରେ, ବଞ୍ଚି ରହିବାକୁ ଯାଉଛନ୍ତି।"

ସେମାନେ କୁହନ୍ତି, "ତେବେ, ବେଚାରା ଲୋକଟା, ତାକୁ ଏକାକୀ ଛାଡିଦିଅ।"

109 ମୋର ସେହି ରାତ୍ରି ମନେ ଅଛି। ମିଲଟାଉନ୍ ଗୀର୍ଜାରେ ଥିବା ଭାଇ ହଲ୍, ବିଲ୍ ହଲ୍, ଆପଣମାନଙ୍କ ମଧ୍ୟରୁ ଅନେକଙ୍କୁ ଏହି ମାମଲା ମନେ ଥିବ। ଏବଂ ଯେତେବେଳେ ସେ... ସେମାନେ ମୋତେ ଡାକିଲେ। ମୋ ପତ୍ନୀ, ଶା-ଶୁ ଏବଂ ମୁଁ, ଏଠାକୁ ଗଲୁ। ସେ ଏକ ଝିଅକୁ ବିବାହ କରିଥିଲେ, ମୋର ବିଶ୍ୱାସ, ଯିଏକି ଜର୍ଜ କୁପ୍‌ଙ୍କର ଜଣେ ଭଉଣୀ ଥିଲେ, ଯିଏକି ସହରର ନଗରାଧ୍ୟକ୍ଷ, କିମ୍ବା ଏଠାରେ ବିଚାରପତି ଥିଲେ। ତାଙ୍କର...ତାହା ତାଙ୍କର ଜ୍ୱାଇଁ ଥିଲେ। ସେମାନେ ତାଙ୍କୁ ଏଠାରେ ମରିବା ପାଇଁ ନେଇ କରି ଆସିଥିଲେ। ମିଲଟାଉନ୍‌ର ଡାକ୍ତର, ନ୍ୟୁ ଆଲ୍‌ବାନିର ଡାକ୍ତର, ତାଙ୍କ ଯକୃତର କର୍କଟ ରୋଗ ହୋଇଛି ବୋଲି ଚିହ୍ନଟ କରିଥିଲେ। ତେଣୁକରି ମୁଁ ଶ୍ରୀମତୀ ହଲ୍‌ଙ୍କୁ ଦେଖିବା ପାଇଁ ତଳକୁ ଗଲି। ଏବଂ ତାଙ୍କୁ ଜଣ୍ଡିସ ହୋଇଥିଲା, ଏବଂ ସେ ସର୍ବତ୍ର ହଳଦିଆ ଦିଶୁଥିଲେ। ଏବଂ ମୁଁ କହିଲି, "ତେବେ, ମୁଁ ଅନୁମାନ କରେ ଯେ ସେ ମରିବାକୁ ଯାଉଛନ୍ତି।" ଏବଂ ମୁଁ କହିଲି...

110 ସେ କହିଲେ, "ଭାଇ ବିଲ୍, କଅଣ ସେଠାରେ କୌଣସି କିଛି ଉପାୟ ଅଛି କି…କଅଣ ଆପଣ ପରମେଶ୍ୱରଙ୍କଠାରୁ କିଛି ବିଷୟ ଶୁଣିପାରନ୍ତି କି?"

ମୁଁ କହିଲି, "ମୁଁ—ମୁଁ ଜାଣେ ନାହିଁ, ଭଉଣୀ ହଲ୍। ମୁଁ ପ୍ରାର୍ଥନା କରିପାରେ।"

111 ମୁଁ ପ୍ରାର୍ଥନା କଲି। ଏବଂ ମୁଁ ଘରକୁ ଫେରିଗଲି, ଏବଂ ପ୍ରଭୁ ମୋତେ କିଛି ହେଲେ କହିଲେ ନାହିଁ। ତାହାପରେ ମୁଁ ଫେରିଗଲି, ପରଦିନ, ଏବଂ ମୁଁ ପୁଣିଥରେ ପ୍ରାର୍ଥନା କଲି।

ଏବଂ ଶ୍ରୀମତୀ ହଲ୍ କହିଲେ, "କଅଣ ଆପଣ କୌଣସି ଭଲ ଡାକ୍ତର ଜାଣିଛନ୍ତି କି?"

112 ମୁଁ କହିଲି, "ତେବେ, ଆମର ପାରିବାରିକ ଡାକ୍ତର ହେଉଛନ୍ତି ଡାକ୍ଟର ସାମ ଅଦାୟର, ଏଠାରେ ଜେଫର୍ସନ୍‌ଭିଲେରେ। ସେ—ସେ—ସେ…ତାଙ୍କ ପିତା ଆମର ପାରିବାରିକ ଡାକ୍ତର ଥିଲେ। ଯୁବକ ସାମ ଏବଂ ମୁଁ ସର୍ବଦା ଅନ୍ତରଙ୍ଗ ବନ୍ଧୁ ରହି ଆସିଛୁ, ଏବଂ—ଏବଂ ଆମେ ପ୍ରାୟଃ ସମାନ ସମୟରେ ବିଦ୍ୟାଳୟକୁ ଯାଇଥିଲୁ, ଏକତ୍ର ପାଳିତ ହୋଇଥିଲୁ। ଯେତେବେଳେ କିଛି ଗୋଟାଏ ସମସ୍ୟା ହୁଏ ଆମେ ସବୁବେଳେ ତାଙ୍କ ପାଖକୁ ଯାଉ।"

ସେ କହିଲେ, "ଆଶ୍ଚର୍ଯ୍ୟ କରେ ଯଦି ସେ ଆସି ବିଲ୍ ହଲ୍‌କୁ ଦେଖିବେ କି?" ତାଙ୍କର ସ୍ୱାମୀକୁ।

ମୁଁ କହିଲି, "ମୁଁ ତାଙ୍କୁ ପଚାରିବି।"

113 ତେବେ, ସାମ ମୋତେ କହିଲେ, ସେ କହିଲେ, "ବିଲି, ଯଦି ଡାକ୍ତର କହିଛନ୍ତି ଯେ ତାଙ୍କର କର୍କଟ ରୋଗ ହୋଇଛି," କହିଲେ, "ସେଠାରେ କେବଳ ଗୋଟିଏ ବିଷୟ ଅଛି, ମୋ ପାଇଁ କରିବାକୁ, ଯେ ମୁଁ ତାଙ୍କୁ ଏପରି କୌଣସି ସେହି ବ୍ୟକ୍ତିଙ୍କ ନିକଟକୁ ପଠାଇବି ଯିଏକି ମୋ ଠାରୁ ଅଧିକ ପ୍ରଖର ଅଟନ୍ତି, ଜଣେ ବିଶେଷଜ୍ଞଙ୍କ ନିକଟକୁ ପଠାଇବି। ଏବଂ ଆମେ ଏକ୍ସ-ରେଗୁଡିକ ନେବା; ଏବଂ ଆମେ ତାଙ୍କୁ ଅନ୍ୟ କୌଣସି ଅସୁବିଧାରେ ପକାଇବା ନାହିଁ।"

114 ଆମେ ନ୍ୟୁ ଆଲ୍‌ବାନିକୁ ଲୋକ ପଠାଇ ସେଠାରେ ଥିବା ଡାକ୍ତରଙ୍କଠାରୁ ଏକ୍ସ-ରେଗୁଡିକୁ ମଗାଇଲୁ। ତାଙ୍କୁ ଲୁଇସ୍‌ଭିଲେକୁ ନେଇ ତାଙ୍କର ଯାଞ୍ଚ କଲୁ, ତାଙ୍କୁ ଏକ ଆମ୍ବୁଲାନ୍ସରେ ନେଇକରି ଗଲୁ, ଏବଂ ତାଙ୍କୁ ଫେରାଇ ଆଣିଲୁ।

115 ତେବେ, ଅବଶ୍ୟ, ସେ ଶ୍ରୀମତୀ ହଲ୍‌ଙ୍କୁ କହିଲେ ନାହିଁ ତାଙ୍କର ଅସୁବିଧା କଅଣ ଥିଲା, ତେଣୁ ସେ ମୋତେ ଡାକିଲେ। ସେ କହିଲେ, "ସେ ମରିବାକୁ ଯାଉଛନ୍ତି," କହିଲେ, "ତୁମର ପ୍ରଚାରକ ବନ୍ଧୁ।" କହିଲେ, "ଲୁଇସ୍‌ଭିଲେର ବିଶେଷଜ୍ଞ ମୋତେ ଫୋନ୍ ଯୋଗେ ଡାକିଥିଲେ, ଓ କହିଲେ, 'ଡାକ୍ତରମାନେ ଯେଉଁ ଏହି ରୋଗକୁ ନିର୍ଣ୍ଣୟ କରିଥିଲେ ସେଠାରେ—ସେଠାରେ…ତଳେ ମିଲଟାଉନ୍‌ରେ; ଏବଂ ନ୍ୟୁ ଆଲ୍‌ବାନିର, ଡାକ୍ତର; ସଠିକ୍ ପ୍ରକାରର ରୋଗ ନିର୍ଦ୍ଧାରଣ ଦେଇଥିଲେ।'" ଏବଂ କହିଲେ, "ଏହା ଯକୃତର କର୍କଟ ଅଟେ, ଏବଂ ଏହା ଉନ୍ନତ ପ୍ରବସ୍ଥାର ଅଟେ। ଏବଂ, ବିଲି, ଆମେ ସେହି ବ୍ୟକ୍ତିଙ୍କର ଯକୃତକୁ କାଟି, ତାଙ୍କୁ ଜୀବିତ ରହିବା ନିମନ୍ତେ ଛାଡି ପାରିବା ନାହିଁ।" କହିଲେ, "ସେ ମରିବାକୁ ଯାଉଛନ୍ତି। ଆଉ ଯଦି ସେ ଜଣେ ପ୍ରଚାରକ ଅଟନ୍ତି, ତେବେ ତାଙ୍କୁ ପ୍ରସ୍ତୁତ ରହିବା ଉଚିତ୍।"

116 ମୁଁ କହିଲି, "ତାହା ପ୍ରଶ୍ନ ନୁହେଁ । କିନ୍ତୁ ସେ ପ୍ରାୟଃ ପଞ୍ଚା-ବନ ବର୍ଷରୁ ଅଧିକ ନୁହଁନ୍ତି, ତେଣୁ ତାଙ୍କ ପାଖରେ ଏବେ ସୁଦ୍ଧା ପ୍ରଚାର କରିବା ନିମନ୍ତେ, ତାଙ୍କ ଭିତରେ ପ୍ରଚୁର ଜୀବନ ଅଛି ।" ଏବଂ ମୁଁ କହିଲି, "ତେବେ, ଯଦି ସେ ମରିବାକୁ ଯାଉଛନ୍ତି, ତାହାହେଲେ ଏହା ତାହାକୁ ସମାଧାନ କରିଦିଏ । ଧନ୍ୟବାଦ, ଡାକ୍ତର ସାମ ।"

117 ଏବଂ ମୁଁ ତଳକୁ ଯାଇ ଶ୍ରୀମତୀ ହଲ୍‌ଙ୍କୁ ବାହାରକୁ ଡାକିଲି, ଏବଂ ମୁଁ ତାଙ୍କୁ କହିଲି । ମୁଁ କହିଲି, "ଶ୍ରୀମତୀ ହଲ୍, ସାମ କହିଲେ ଯେ ସେଠାରେ ଲୁଇସ୍‌ଭିଲେର ହୋଇଥିବା ରୋଗ ନିର୍ଦ୍ଧାରଣ ଠିକ ସେହି ସମାନ ଅଟେ ଯାହା ନ୍ୟୁ ଆଲ୍‌ବାନି ଏବଂ ମିଲଟାଉନ୍‌ରେ ହୋଇଥିଲା । ସେହି ବ୍ୟକ୍ତି ମରୁଛନ୍ତି । ଭାଇ ହଲ୍ ମରିବାକୁ ଯାଉଛନ୍ତି । ଏବଂ ତାଙ୍କର ଯକୃତରେ କର୍କଟ ରୋଗରେ ହୋଇଛି, ଏବଂ ଏହା ଉନ୍ନତ ପ୍ରବସ୍ଥାର ଅଟେ ।"

118 ତେଣୁ ସେ କାନ୍ଦିବାକୁ ଲାଗିଲେ । ମୁଁ ବୁଲି ପଡି, ତାଙ୍କ ସହିତ ପ୍ରାର୍ଥନା କଲି । ଏବଂ ସେ ନିଜ ଚେତନାଠାରୁ ଏତେ ଦୂରରେ ଥିଲେ, ଯେ ଏପରିକି ସେ ଏହା ଜାଣି ନ ଥିଲେ ଯେ ମୁଁ ସେହି କକ୍ଷରେ ଥିଲି ।

119 ତେଣୁ, ମୁଁ ଫେରି ଆସିଲି । ଏବଂ ସେହି ଦିନମାନଙ୍କରେ, ବହୁତ ଲୋକ ଘରକୁ ଆସୁଥିଲେ । ପ୍ରଚାର କ୍ଷେତ୍ରରେ ଆଉ କେହି ନ ଥିଲେ । ଏହା ଏତେ ଦୂଷିତ ହୋଇ ନ ଥିଲା, ଏବଂ ଲୋକମାନେ ସବୁ ସ୍ଥାନରୁ ଆସୁଥିଲେ ।

120 ମୁଁ ଟିକିଏ ବିଶ୍ରାମ ନେବାକୁ ଚାହୁଁଥିଲି । ତେଣୁ ମୁଁ ଚୁପ୍ କରି ଭିତରକୁ ଗଲି, ଶୀଘ୍ର ଉଠିଲି, ପ୍ରାୟଃ ଦୁଇଟା-ତିରିଶ, କିମ୍ଵା ତିନି ଘଟିକାରେ । ଭାଇ ଉଡ୍ ଏପର୍ଯ୍ୟନ୍ତ ସେହି ଗଳିରେ ରହିବା ପାଇଁ ଆସି ନ ଥିଲେ । ଏବଂ ମୁଁ ବାହାରେ ମାର୍ଗରେ ଅନାଇଲି, ଏବଂ ସେଠାରେ କେହି ନ ଥିଲେ, ସେଠାରେ ବାହାରେ କେହି ବି ନ ଥିଲେ, ତେଣୁ ମୁଁ ମୋର ପୁରୁଣା ଟୋପିକୁ ନେଲି ଏବଂ ଅଧ୍ୟୟନ କକ୍ଷକୁ ପଶି ଗଲି, ଏବଂ ମୋର .22 ରାଇଫଲ୍ ନେଲି । ଏବଂ ମୁଁ ବାହାରକୁ ଯାଇ ଗୁଣ୍ଡୁଚି ମୂଷା ଶିକାର କରିବାକୁ ଯାଉଥିଲି, ଯେପର୍ଯ୍ୟନ୍ତକି ଏହା ଆଠ ଘଟିକା ନ ହୋଇଗଲା, ଏବଂ ତାହାପରେ କୌଣସି ସ୍ଥାନରେ ଗୋଟିଏ ଗଛ କଡ଼ରେ ଶୋଇ ପଡିଲି ଓ ଟିକିଏ ନିଦ୍ରା ଗଲି । ଆପଣ ଏହାକୁ ଘର ଆଖପାଖରେ ପାଇପାରିବେ ନାହିଁ ।

121 ମୁଁ ମୋର ଟୋପି ନେଲି ଏବଂ ସେହି କକ୍ଷ ଦେଇ ଯିବାକୁ ଆରମ୍ଭ କଲି । କାନ୍ଥରେ ଏକ ସେଉ ଟଙ୍ଗା ହୋଇଥିଲା । ଏବଂ ଏହା ସର୍ବାଧିକ ଦୂଷିତ ହୋଇଥିବା ସେହି—ସେହି ସେଉ ଥିଲା । ଏହାକୁ ପୋକ-ଖାଇ ଦେଇଥିଲା, ଏବଂ ଏହା ଜଟିଳ ଥିଲା, ଏବଂ ଏହା ଚାରିଆଡେ ଖରାପ ଥିଲା । ଏବଂ ମୁଁ ଭାବିଲି, "ମେଡା ତାକୁ କଅଣ ପାଇଁ କାନ୍ଥରେ ଟାଙ୍ଗିଥିଲେ?"

122 ଏବଂ ମୁଁ ଧ୍ୟାନ ଦେଲି, ପୁଣିଥରେ, ଏବଂ ଏହା କାନ୍ଥରେ ନ ଥିଲା । ଏହା ଶୁନ୍ୟରେ ଝୁଲି ରହିଥିଲା । ମୁଁ ମୋର ପୁରୁଣା ଟୋପିକୁ କାଢି ଦେଇ, ରାଇଫଲକୁ କୋଣରେ ରଖି ଦେଲି, ଏବଂ ଆଣ୍ଠୁମାଡି ବସିଲି । ମୁଁ କହିଲି, "ହେ ପ୍ରଭୁ, ତୁମେ କଅଣ ଚାହଁ ଯେ ତୁମର ସେବକ ଜାଣୁ ବୋଲି?"

123 ତଳକୁ ଆଉ ଗୋଟିଏ ଆସିଲା, ଆଉ ଗୋଟିଏ ତଳକୁ ଆସିଲା, ଯେପର୍ଯ୍ୟନ୍ତକି ପ୍ରାୟଃ ଚାରି କିମ୍ବା ପାଞ୍ଚଟି ସେଓ (ମୁଁ ବର୍ତ୍ତମାନ ଭୁଲିଯାଉଛି ଯେ ତାହା କେଉଁଟା ଥିଲା) ସେଠାରେ ଝୁଲି ରହିଥିଲା। ତାହାପରେ ଏକ ବହୁତ ବଡ଼, ସୁନ୍ଦର ସେଓ, ସେଥିରେ ଧାରୀ ରହିଥିଲା; ଠିକ ଗୋଟିଏ ବହୁତ ବଡ, ସୁସ୍ଥ-ଦିଶୁଥିବା ସେଓ, ତଳକୁ ପଡିଲା ଏବଂ ସେହି ଅନ୍ୟ ପଚା-ଦିଶୁଥିବା ସେଓଗୁଡିକୁ ଚୋବାଇ ପକାଇଲା। ଏବଂ ସେ କହିଲା, "ଉଠ। ନିଜ ଗୋଡରେ ଛିଡା ହୁଅ।" କହିଲା, "ଯାଅ, ବିଲ୍ ହଲ୍‌କୁ କୁହ, ସେ ମରିବାକୁ ଯାଉ ନାହିଁ। ସେ ଜୀବିତ ରହିବାକୁ ଯାଉଛି।"

124 ଓଃ, ମୁଁ ଯେତେ ଶୀଘ୍ର ପାରିଲି ଦୌଡିଲି, ଏବଂ ମୁଁ କହିଲି, "ଶ୍ରୀମତୀ ହଲ୍, ମୋ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ଅଛି। ସେ ଜୀବିତ ରହିବାକୁ ଯାଉଛନ୍ତି।" ଏବଂ ସେ ମୋ କଥା ଶୁଣିଲେ। ଏବଂ ସେ କାନ୍ଦିବାକୁ ଚେଷ୍ଟା କରୁଥିଲେ, ଏବଂ ସେ ଆଉ କଥା କହିପାରି ନ ଥିଲେ।

125 ମୁଁ ଫେରି ଆସି ସାମ୍‌କୁ ଫୋନ୍ କଲି। ଏବଂ ମୁଁ କହିଲି, "ସାମ୍, ଆମ—ଆମ ଭାଇ ବଞ୍ଚିବାକୁ ଯାଉଛନ୍ତି।"

ସେ କହିଲେ, "ସେ କିପରି ଭାବରେ ସେହିପରି ଜୀବିତ ରହିପାରନ୍ତି?"

126 ମୁଁ କହିଲି, "ତାହା ଜାଣିବା ମୋ କାମ ନୁହେଁ। ପରମେଶ୍ୱର ଏହା କହିଛନ୍ତି। ତାହା ଏହାକୁ ସମାଧାନ କରେ।"

127 ସେ ଆଜି ଜୀବିତ ଅଛନ୍ତି। ତାହା ପ୍ରାୟଃ ଦଶ ବର୍ଷ ପୂର୍ବେ ହୋଇଥିଲା। ସେତିକି ଶକ୍ତିଶାଳୀ ଏବଂ ସୁସ୍ଥ ଅଛନ୍ତି। ତାଙ୍କ ପତ୍ନୀଙ୍କର ସେବେଠାରୁ ମୃତ୍ୟୁ ହୋଇଛି। ସେ ପୁନର୍ବାର ବିବାହ କରିଛନ୍ତି।

128 ଏହା ଜର୍ଜ ରାଇଟ୍ ସହିତ, ପୁଣି ଆହୁରି ଅନେକଙ୍କ ସହିତ କିପରି ଘଟିବାକୁ ଯାଉଅଛି ଯଦି ଆମେମାନେ କହିପାରୁ, ଯାହାକୁ ଆମେ ଡାକି କହିପାରିବା? ଏହା କଅଣ ଅଟେ? ଏହା ନିନ୍ଦାକୁ ସହ୍ୟ କରିବା ଅଟେ। ସେମାନେ ଉପହାସ କରନ୍ତି ଏବଂ ଥଟ୍ଟା କରନ୍ତି।

129 ମୋର ମନେ ଅଛି ଯେତେବେଳେ 37 ବନ୍ୟା ପରିସ୍ଥିତି ପୂର୍ବରୁ ଥିଲା। ମୁଁ ସେଠାରେ ଫଲ୍ସ ସିଟି ଟ୍ରାନ୍ସଫର କମ୍ପାନୀ ସହିତ ଛିଡା ହୋଇଥିଲି, ଏବଂ ସେମାନଙ୍କୁ ଏହା ବିଷୟରେ କହୁଥିଲି, ଯେ ସେଠାରେ ବତି-ରିଶ ଫୁଟ ପାଣି ହେବାକୁ ଯାଉଥିଲା, ମୁଁ ବିଶ୍ୱାସ କରେ ଯେ, ଏହା ସ୍ପ୍ରିଙ୍ଗ ଷ୍ଟ୍ରିଟରେ ଥିଲା। ସେମାନେ ମୋ ଉପରେ ହସିଥିଲେ। ସେମାନେ କହିଲେ, "ବେଚାରା ବିଲି। ମୁଁ ଅନୁମାନ କରୁଛି ସେ...ସେହି ପିଲା!" ମୁଁ ସେତେବେଳେ ଏକ ବାଳକ ହିଁ ଥିଲି। ସେ କହିଲେ, "ବିଲି ଜଣେ ଭଲ ପିଲା ଅଟେ। ଏହା ଏକ ଲଜ୍ଜାଜନକ ବିଷୟ ଅଟେ ଯେ ସେ ସର୍ବତ୍ର ଘଣ୍ଟା ଚକଟା ହୋଇଯାଇଛି।" ମୁଁ ଘଣ୍ଟା ଚକଟା ନ ଥିଲି। ମୁଁ *ସେଥିରେ* ବାପ୍ତିଜିତ ହୋଇଥିଲି, ଘଣ୍ଟା ଚକଟା ହୋଇ ନ ଥିଲି। ମୁଁ ଠିକ୍ ସେଥି "ଭିତରେ" ଥିଲି। ଏବଂ ଏହା ଠିକ ସେହିପରି ଭାବରେ ଘଟିଥିଲା।

130 ଯେହେତୁ ମୁଁ କହି ଆସୁଅଛି, ମୁଁ ଭଉଣୀ ହାଟୀ ରାଇଟଙ୍କୁ ଦେଖିଲି, ମୁଁ ବିଶ୍ୱାସ କରେ ଯେ, ସେଠାରେ ପଛରେ ବସିଛନ୍ତି । ସେ ବିଲ୍ ହଲ୍ ବିଷୟରେ ସେହି ମାମଲାକୁ ମନେ ରଖିଛନ୍ତି । ଅନେକେ । ଆଜି ସକାଳେ, ଏଠାରେ କେତେ ଲୋକ ଅଛନ୍ତି, ଯେଉଁମାନେକି ସେହି ମାମଲାକୁ ମନେ ରଖିଛନ୍ତି? ଓଃ, ମୋର ପ୍ରଭୁ! ନିଶ୍ଚିତରେ । ଆପଣମାନଙ୍କ ମଧ୍ୟରୁ ଅନେକେ ।

131 ବର୍ତ୍ତମାନ, ନିନ୍ଦକମାନଙ୍କ ସେହି ଦିନରେ, ସେମାନେ ଆମ ପାଇଁ ଦୁଃଖିତ ଅନୁଭବ କରନ୍ତି, ଅନ୍ୟ କାହାରି ପାଇଁ ବି ଦୁଃଖିତ ଅନୁଭବ କରନ୍ତି ଯିଏକି ବାକ୍ୟକୁ ଧରି ରହିବାକୁ ଚେଷ୍ଟା କରିଥାଏ । ମାତ୍ର, ମନେରଖନ୍ତୁ, ନିନ୍ଦା ନିଶ୍ଚିତ ଆସିବାକୁ ଅଛି । ଏହା ସର୍ବଦା ସେହିଭଳି ରହି ଆସିଛି । ସେମାନେ ନିଶ୍ଚିତରେ ଭାବିଥିବେ, ଯେପରିକି ସେମାନେ ସେତେବେଳେ କରିଥିଲେ, ଯେ ପରମେଶ୍ୱର, ଯେତେବେଳେ କୌଣସି ବିଷୟ ବୈଜ୍ଞାନିକ ଭାବରେ ପ୍ରମାଣିତ ହୋଇସାରିଥିଲା, ଯେ ପରମେଶ୍ୱର ଏପରି କିଛି ହେଲେ କହିବେ ନାହିଁ ଯାହା ବିଜ୍ଞାନ ବିରୁଦ୍ଧରେ ଅଟେ । ତେବେ, ତାହା ହିଁ ଅଟେ ଯାହାକି ତାହାଙ୍କୁ ପରମେଶ୍ୱର ବୋଲି ଉପସ୍ଥାପିତ କରେ । ଯଦି ସେ କେବଳ ବିଜ୍ଞାନ ଅନୁଯାୟୀ କାମ କରିଥାଆନ୍ତେ, ତେବେ ଏହା ତାହାଠାରୁ ଅଧିକ ହୋଇ ନ ଥାଆନ୍ତା ଯାହା ମନୁଷ୍ୟ ହାସଲ କରିପାରିବ । ମାତ୍ର, ସେ ପରମେଶ୍ୱର ଅଟନ୍ତି । ସେ—ସେ ବିଜ୍ଞାନର ସୃଷ୍ଟିକର୍ତ୍ତା ଅଟନ୍ତି । ସେ ଯାହା ଇଚ୍ଛା କରନ୍ତି ତାହା କରିପାରନ୍ତି ।

132 ସେମାନେ ନିଶ୍ଚୟ ଭାବିଥିବେ, "ବେଚାରା ବୃଦ୍ଧ ନୋହ, ତେବେ, ସେହି ବୃଦ୍ଧା ଲୋକଟିକୁ ଛାଡିଦିଅ । ସେ ସେହି ସମସ୍ତ ମଜା ହରାଉ ଅଛନ୍ତି ଯାହା ଆମେମାନେ ଏହି ଦିନଗୁଡିକରେ ଉପଭୋଗ କରୁଅଛୁ, ତେଣୁକରି ତାଙ୍କୁ ଏକାକୀ ଛାଡିଦିଅ ।" ଏହା ବର୍ତ୍ତମାନ ପ୍ରାୟଃ ସେହି ସମାନ ଅଟେ ।

133 କିନ୍ତୁ, ବର୍ତ୍ତମାନ, ମୁଁ ଠିକ ଏଠାରେ ଆଉ ଏକ ବିଷୟ କହିବାକୁ ଚାହେଁ । ବର୍ତ୍ତମାନ, ଆମେ ପଛକୁ ଚାହିଁ ତାଙ୍କ ବିଶ୍ୱାସକୁ ପ୍ରଶଂସା କରୁ । କିନ୍ତୁ ମୁଁ ଆଶ୍ଚର୍ଯ୍ୟ କରେ, ଯଦି ଆମେ ସେହି ଦିନରେ ବାସ କରିଥାଆନ୍ତୁ, ତେବେ କଅଣ ଆମେ ସେହି ପକ୍ଷକୁ ନେଇଥାଆନ୍ତୁ କି ଯାହାକି ନୋହ ନେଇଥିଲେ? କଅଣ ଆମେ ସତ୍ୟ ସହିତ ଆସୁଥିବା ନିନ୍ଦାକୁ ସହିବା ପାଇଁ ଯୋଗ୍ୟ ଏବଂ ଇଚ୍ଛୁକ ଅଟୁ କି? ଯେତେବେଳେକି, ସେଦିନ ଜଗତରେ ରହିଥିବା ସମସ୍ତ ଲକ୍ଷ ଲକ୍ଷ ଲୋକମାନଙ୍କ ମଧ୍ୟରୁ, କେବଳ ନୋହ ଏବଂ ତାଙ୍କ ପରିବାର ହିଁ ଥିଲେ ଯେଉଁମାନେକି ସେହି ସତ୍ୟ ପାଇଁ ଛିଡା ହୋଇଥିଲେ । କଅଣ ଆପଣ ଏହା ବିଷୟରେ ଚିନ୍ତା କଲେ କି? କେବଳ ସେହି ବ୍ୟକ୍ତି, ଏବଂ ତାଙ୍କର ତିନି ପୁତ୍ରଗଣ, ଏବଂ ତାଙ୍କର ପୁତ୍ର-ବଧୁ-ମାନେ, ତାଙ୍କ ପତ୍ନୀ, କେବଳ ସେହିମାନେ ହିଁ ଥିଲେ ଯେଉଁମାନେକି ସତ୍ୟ ପାଇଁ ଛିଡା ହୋଇଥିଲେ । କିନ୍ତୁ ସେମାନଙ୍କ ପାଖରେ **ସଦା ପ୍ରଭୁ ଏହି କଥା କୁହନ୍ତି** ରହିଥିଲା । ଆମେ ପଛକୁ ଚାହିଁ ତାଙ୍କୁ ପ୍ରଶଂସା କରୁ । କଅଣ ଆମେ ଏହା ବିଷୟରେ ଚିନ୍ତା କରିପାରିବା କି?

ଏହି ଛୁଆମାନଙ୍କ ଉପହାର ହେତୁ ମୋତେ ଶୀଘ୍ର କରିବାକୁ ପଡିବ ।

134 ଅବ୍ରହାମ, ଠିକ ସେହି ଶବ୍ଦ *ଅବ୍ରହାମ*ର ଅର୍ଥ "ଅନେକଙ୍କର ପିତା," ତାଙ୍କୁ "ଜାତିର ଏକ ପିତା" ବୋଲି କରିଥିଲା ।

135 ବର୍ତ୍ତମାନ, ଅବ୍ରହାମ ପରମେଶ୍ୱରଙ୍କ ବାକ୍ୟ ଶୁଣିଥିଲେ । ଅବ୍ରହାମ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଏବଂ ସେ ପରମେଶ୍ୱରଙ୍କ ବାକ୍ୟ ଶୁଣିଥିଲେ । ଏବଂ ଆମେ ଅବ୍ରହାମଙ୍କୁ ତାଙ୍କର ପରମେଶ୍ୱରଙ୍କର ବାକ୍ୟକୁ ଧରି ରଖିଥିବା ହେତୁ ପ୍ରଶଂସା କରୁ; କିପରି ସେ ନିଜ ସମ୍ପର୍କୀୟମାନଙ୍କଠାରୁ ନିଜକୁ ପୃଥକ କରିଥିଲେ; ତାହା ଅବ୍ରହାମଙ୍କ ପାଇଁ କେତେ କଷ୍ଟକର ଥିଲା । ସେ ସେଠାରେ ଲାଳନ ପାଳନ କରା ଯାଇଥିଲେ । ବାବିଲରୁ ଆସିଥିଲେ, ଏବଂ—ଏବଂ ସେଠାରେ ତଳେ ଶିନାରରେ ଏବଂ ସେହି—ସେହି—ସେହି କଲଦୀୟମାନଙ୍କ ଦେଶରେ, ଉର ନଗରରେ ରହିଥିଲେ, ଯେଉଁଠାରେକି ତାଙ୍କର ସମସ୍ତ ସହଯୋଗୀ, ତାଙ୍କର ଲୋକ, ଏବଂ ଯେଉଁମାନଙ୍କ ସହିତ ସେ ଗୀର୍ଜାକୁ ଯାଇଥିଲେ, ଏବଂ ସବୁକିଛି କରୁଥିଲେ । ମାତ୍ର ପରମେଶ୍ୱର କହିଲେ, "ଆପଣାକୁ ପୃଥକ କର ।" ଓଃ, ମୋର ପ୍ରଭୁ! ତାହା କେଡେ ଏକ ଭୟଙ୍କର ବିଷୟ ଥିଲା, ଯେ ତାହାସବୁ ଛାଡି ଆସିବା ଯାହା ସେ ପ୍ରିୟ ବୋଲି ମଣିଥିଲେ, ଯାହା ତାଙ୍କ ପାଇଁ ବାସ୍ତବ ଥିଲା, ଯାହା ତାଙ୍କ ପାଇଁ ପ୍ରିୟ ଥିଲା । ଏବଂ ପରମେଶ୍ୱର ତାହାଙ୍କୁ କହିଲେ, "ଆପଣାକୁ ପୃଥକ କର ।"

136 ଏବଂ ତାଙ୍କୁ ଏକ ଅତି ଅଦ୍ଭୁତ ଜିନିଷ ପ୍ରଦାନ କରିଥିଲେ । "ତୁମେ ଆପଣା ପତ୍ନୀଙ୍କ ଦ୍ୱାରା ଏକ ସନ୍ତାନ ପାଇବାକୁ ଯାଉଅଛ ।" ଏବଂ ସେ ପଞ୍ଚ-ସ୍ତୁରି ବର୍ଷର ଥିଲେ, ଏବଂ ତାଙ୍କ ପତ୍ନୀ ପଇଁ-ଷଠି ବର୍ଷର ଥିଲେ । ତାଙ୍କର ଅନେକ ବର୍ଷ ହୋଇଥିଲା, ସ୍ତ୍ରୀଧର୍ମ ବନ୍ଦ ହୋଇ ଯାଇଥିଲା, ଯେପରିକି ଏହା ସ୍ତ୍ରୀମାନଙ୍କର କର୍ତ୍ତବ୍ୟ ଥିଲା ଯେ ସନ୍ତାନ ଜନ୍ମ କରିବା । ଏବଂ ଏଠାରେ, ସେ ତାଙ୍କ ସହିତ ସେହି ସମୟଠାରୁ ରହି ଆସିଥିଲେ ଯେତେବେଳେକି ସେ ଏକ ଝିଅ ମାତ୍ର ଥିଲେ, କାରଣ ସେ ତାଙ୍କର ଅଧା ଭଉଣୀ ଥିଲେ, ଏବଂ ତାହାପରେ କିପରି ଭାବରେ ସେ ସେହି ସନ୍ତାନକୁ ଜନ୍ମ କରି ପାରିଥାନ୍ତେ? ଏବଂ ବର୍ତ୍ତମାନ କଅଣ ଆପଣ କଳ୍ପନା କରିପାରନ୍ତି ଯେ ଅବ୍ରହାମ ତାଙ୍କର ସହଯୋଗୀମାନଙ୍କ ମଧ୍ୟରେ ଯାଇ, ଏହା କୁହନ୍ତି, "ଆମେ, ସାରା ଏବଂ ମୁଁ ଏକ ସନ୍ତାନ ଜନ୍ମ କରିବାକୁ ଯାଉଅଛୁ"? କଅଣ ଆପଣ ତାହା କଳ୍ପନା କରିପାରନ୍ତି କି?

137 କାହିଁକି, ଲୋକମାନେ କହିଥିଲେ, "ସେହି ବେଚାରା ବୁଢା ଲୋକଟା, ତାଙ୍କ ସହିତ କିଛି ଗୋଟାଏ ସମସ୍ୟା ଅଛି ।"

138 ଏହା ଏକ ନିନ୍ଦା ଅଟେ, କିନ୍ତୁ ଅବ୍ରହାମ ଏହାକୁ ଧରି ରହିଥିଲେ । ଏବଂ ଯେତେବେଳେ ତାଙ୍କୁ ଶହେ ବର୍ଷ ହୋଇଥିଲା, ସେ କଦାପି ପରମେଶ୍ୱରଙ୍କ ପ୍ରତିଜ୍ଞା ଉପରେ ସନ୍ଦେହ କରି ନ ଥିଲେ । ସେ ତଥାପି ନିନ୍ଦାକୁ ସହ୍ୟ କରିଥିଲେ, ନିଶ୍ଚିତରେ, ଏହାକୁ ଧରି ରହିଥିଲେ ।

139 କଅଣ ଆପଣ ସେଠାରେ ପାର୍ଥକ୍ୟ ଲକ୍ଷ୍ୟ କଲେ କି? ସାରା ଅବ୍ରହାମଙ୍କୁ, କିମ୍ବା ପରମେଶ୍ୱରଙ୍କୁ ଦେବାକୁ, ବରଂ, ନିଜକୁ ଟିକିଏ, ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲା । ସେ ତାହା ବ୍ୟତୀତ ଅନ୍ୟ କିଛି, ଯାହା ପରମେଶ୍ୱର ପ୍ରତିଜ୍ଞା କରିଥିଲେ, ଆପଣ ଜାଣିଛନ୍ତି,

ଭାବିଥିଲା । "ବର୍ତ୍ତମାନ, ତୁମେ ଜାଣ, ମୁଁ ଜଣେ ବୃଦ୍ଧା ସ୍ତ୍ରୀଲୋକ ଅଟେ, କିନ୍ତୁ ହାଗାର ଏଠାରେ ଜଣେ ସୁନ୍ଦର ସ୍ତ୍ରୀ ଅଟେ । ଅବ୍ରହାମ ମଧ୍ୟ, ତାଙ୍କୁ ବିବାହ କରିବାକୁ ମନା କରିବେ ନାହିଁ । ତେଣୁକରି, ଆପଣ ଜାଣନ୍ତି, ତାହା—ତାହା ପରମେଶ୍ୱରଙ୍କୁ ସାହାଯ୍ୟ କରିବ । ତାହା ପରମେଶ୍ୱରଙ୍କୁ ସାହାଯ୍ୟ କରିବ, କାରଣ ହାଗାର, ଏଠାରେ, ସେ ବୋଧହୁଏ ମାତ୍ର କୋଡ଼ିଏ ବର୍ଷ ବୟସର ହୋଇଥିବେ । ସେ ମୋର ଦାସୀ ଅଟେ । ଏବଂ କଅଣ ଆପଣ ଜାଣିଛନ୍ତି ଯେ ମୁଁ କଅଣ କରିବି? ମୁଁ ତାକୁ ମୋ ସ୍ୱାମୀଙ୍କୁ, ପତ୍ନୀ ପାଇଁ ଦେଇ ଦେବି," 'କାରଣ ବହୁବିବାହ ଆଇନଗତ ଥିଲା । ତେଣୁକରି ସେ କହିଲା…"ମୁଁ ତାଙ୍କୁ ଦେବି, ଏବଂ ସେ ମୋ ସ୍ୱାମୀଙ୍କ ଦ୍ୱାରା ଏକ ସନ୍ତାନ ପ୍ରାପ୍ତ କରିବ, ଏବଂ ତାହାପରେ ମୁଁ ସେହି ଶିଶୁଟିକୁ ଗ୍ରହଣ କରି ନେବି । ଏବଂ ଏହା ତାହାହିଁ ଥିଲା, ଯାହା ପରମେଶ୍ୱର ପ୍ରତିଜ୍ଞା କରିଥିଲେ ।"

140 ଆପଣ ଦେଖନ୍ତୁ, ଆମେ ସବୁବେଳେ କିଛି କରିବାକୁ ଚେଷ୍ଟା କରିଥାଉ; ତାହାଙ୍କ ନିମନ୍ତେ ଅପେକ୍ଷା କରିପାରି ନ ଥାଉ । ଆମକୁ ନିଜେ, କିଛି କରିବାକୁ ପଡିଥାଏ । ହୋଇପାରେ ସବୁକିଛି ଠିକ ଅଟେ । ସେ ହୁଏତ ସୁନ୍ଦର ହୋଇ ଥାଇପାରନ୍ତି । ଏହା ବହୁତ ଭଲ ଦେଖାଯାଉ ଥାଇପାରେ, କିନ୍ତୁ ଏହା ବାକ୍ୟ ଅନୁଯାୟୀ ନ ଥିଲା । ପରମେଶ୍ୱର ଅବ୍ରହାମଙ୍କୁ କହିଥିଲେ ଯେ ଶିଶୁଟି ସାରାଙ୍କ ଦ୍ୱାରା ଆସୁଅଛି ।

141 କଅଣ ଆପଣଙ୍କର ମନେ ଅଛି ଯେ ସେ ସେହି ଛୋଟ ପଲ ବିଷୟରେ କଅଣ କହିଥିଲେ? "ଏହି ଚିହ୍ନଗୁଡିକ ବିଶ୍ୱାସୀମାନଙ୍କର ଅନୁବର୍ତ୍ତୀ ହେବ ।" "ଯେପରି ଏହା ନୋହଙ୍କ ଦିନରେ ହୋଇଥିଲା, ଠିକ ସେହିପରି ତାହା ମନୁଷ୍ୟପୁତ୍ରଙ୍କ ଆଗମନରେ ମଧ୍ୟ ହେବ, ଯେଉଁଥିରେକି ଅଳ୍ପ କେତେକ, ଏପରିକି ଆଠଜଣ ପ୍ରାଣ ମାତ୍ର, ରକ୍ଷା ପାଇଥିଲେ ।" ସେହି ବାକ୍ୟଗୁଡିକ ବିଫଳ ହୋଇପାରେ ନାହିଁ, ତେଣୁକରି ଆସନ୍ତୁ ଆମେ ନିଜକୁ ଅତି ଧ୍ୟାନ ସହକାରେ ଦେଖିବା ଏବଂ ବାକ୍ୟ ସହିତରେ ରହିବା । ଠିକ୍ ଅଛି । ବୁଝିଲେ?

142 ଲୋକମାନେ ସର୍ବଦା ପରମେଶ୍ୱରଙ୍କ ସୃଜନଶୀଳ ଇଚ୍ଛାର ସ୍ଥାନକୁ ନେବା ପାଇଁ, କିଛି ଗୋଟାଏ ନିର୍ମାଣ କରିବାକୁ ଚେଷ୍ଟା କରନ୍ତି । ଆପଣ ଦେଖନ୍ତୁ, ଯେପରିକି ମୁଁ ପ୍ରାୟତଃ କହିଥାଏ, ଏବଂ ବୋଧହୁଏ ମଣ୍ଡଳୀ ସମ୍ମୁଖରେ, ପୂର୍ବରୁ, ଆପଣ ଜାଣନ୍ତି, ଆପଣ ମେଣ୍ଢାମାନଙ୍କୁ କହିପାରିବେ ନାହିଁ, "କଅଣ ତୁମେ ମୋ ପାଇଁ କିଛି ଲୋମ ଉତ୍ପାଦନ କରିବ କି?" ନା, ସେ ତାହା କରିପାରେ ନାହିଁ । ବର୍ତ୍ତମାନ, ଗୋଟିଏ ଛେଳି ଲୋମ ଉତ୍ପାଦନ କରିପାରେ ନାହିଁ, କାରଣ ତାର ପ୍ରକୃତି ତାକୁ ଅନୁମତି ଦିଏ ନାହିଁ । ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ଅଧିକ ଗୋଟିଏ ଛେଳି ଉପରେ ମେଣ୍ଢା ଲୋମ ବାନ୍ଧିବାକୁ ଚେଷ୍ଟା କରନ୍ତି, ତାହା କାର୍ଯ୍ୟକାରୀ ହେବ ନାହିଁ । ଛେଳି ଲୋମ ଉତ୍ପାଦନ କରିପାରେ ନାହିଁ, ଏବଂ ଗୋଟିଏ ମେଣ୍ଢା କେଶ ଉତ୍ପାଦନ କରେ ନାହିଁ । କିନ୍ତୁ ତାହା ପାଖରେ ଲୋମ ଅଛି କାରଣ ସେ ଏକ ମେଣ୍ଢା ଅଟେ । ତାହା ହିଁ ଅଟେ ଯାହାକି ତାକୁ ସେପରି କରିଥାଏ । ସେ ଉତ୍ପାଦନ କରେ ନାହିଁ ।

143 ଆମକୁ ଆତ୍ମାର ଫଳମାନ ଉତ୍ପାଦନ କରିବାକୁ ନାହିଁ । ଆମକୁ ତ ଆତ୍ମାର ଫଳ ଧାରଣ କରିବାକୁ ଅଛି । ସେଉ ଗଛ ସେଉ ଉତ୍ପାଦନ କରେ ନାହିଁ; ଏହା ତ କେବଳ ତାକୁ ଧାରଣ କରେ କାରଣ ଏହା ଏକ ସେଉ ଗଛ ଅଟେ ।

144 ଏବଂ ଯଦି ଆମେ କିଛି ଉତ୍ପାଦନ କରିବାକୁ ଚେଷ୍ଟା କରୁ, "ମୁଁ ସେହି କାରଣକୁ ସାହାଯ୍ୟ କରିବି । ମୁଁ ଦଶ ବର୍ଷ ଯାଏଁ ସେମିନାରୀରେ ଅଧ୍ୟୟନ କରିବି । ମୁଁ *ଏହା, ତାହା,* କିମ୍ବା *ଅନ୍ୟ କିଛି* ଶିଖିବି, ଏବଂ ମୋର କଳା ସ୍ନାତକ ଏବଂ ମୋର ଡାକ୍ତର ଉପାଧି ହାସଲ କରିବି । ମୁଁ ଏକାକୀ, ପ୍ରଭୁଙ୍କୁ ସାହାଯ୍ୟ କରିବି ।" ଏହା କାର୍ଯ୍ୟକାରୀ ହେବ ନାହିଁ ।

145 ପରମେଶ୍ୱର, ପୂର୍ବ ନିର୍ଦ୍ଧାରଣ ଦ୍ୱାରା, ତାହାକୁ ଆହ୍ୱାନ କରନ୍ତି ଯାହାକୁ ସେ ଇଚ୍ଛା କରନ୍ତି । ସେ ତାହାକୁ ରାଜ୍ୟ ଦିଅନ୍ତି ଯାହାକୁ ଦେବା ପାଇଁ ସେ ଇଚ୍ଛା କରନ୍ତି । ଆମେ ତାହା ନବୂଖଦ୍ନିତ୍ସରଙ୍କ ଦ୍ୱାରା ଶିକ୍ଷା କରିଅଛୁ ।

146 ଆମେ ଯିରିମିୟଙ୍କ ଦ୍ୱାରା—ଦ୍ୱାରା ତାହା ଶିକ୍ଷା କରିଅଛୁ, ଯେତେବେଳେ ପ୍ରଭୁଙ୍କ ବାକ୍ୟ ଦ୍ୱାରା, ପରମେଶ୍ୱର ତାଙ୍କୁ କହିଥିଲେ, ଯେ, ଏପରି ଏକ ସମୟ ହେବାକୁ ଯାଉଥିଲା ଯେତେବେଳେ ଇସ୍ରାଏଲ ସତୁରି ବର୍ଷ ନିମନ୍ତେ ବାବିଲୋନକୁ ନିଆଯିବାକୁ ଯାଉଅଛି । ଏଠାରେ ଆଉ ଜଣେ ଭବିଷ୍ୟଦ୍‌ବକ୍ତା ଆସନ୍ତି । ସେ ପୂର୍ବରୁ ତାଙ୍କୁ କହି ସାରିଥିଲେ, କହିଥିଲେ, "ତେବେ, ତୁମର ଭବିଷ୍ୟଦ୍‌ବକ୍ତା ହେବେ, ଉଠିବେ । ଏବଂ ତୁମର ସେଗୁଡିକ ସେଠାରେ ତଳେ ବାବିଲୋନରେ ରହିବେ, ଯେଉଁମାନେକି ଉଠିବେ, ଏବଂ ସ୍ୱପ୍ନଦର୍ଶୀ ଓ ଭବିଷ୍ୟଦ୍‌ବକ୍ତାମାନ ହେବେ, ଯେଉଁମାନେକି ଏହାର ବିପରୀତ ଭବିଷ୍ୟତ୍‌ବାଣୀ କରିବେ । କିନ୍ତୁ ଲୋକମାନଙ୍କୁ କୁହ ଯେ ସେହି ଲୋକମାନଙ୍କର କଥା ନ ଶୁଣିବେ ।"

147 ଏବଂ ଜଣେ ବ୍ୟକ୍ତି ଆସନ୍ତି ଯାହାଙ୍କର—ର ନାମ, ହନାନିୟ, ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ ଜଣେ । ଏବଂ ଯେତେବେଳେ ଯିରିମିୟ ସେଠାରେ ତାଙ୍କ ବେକ ଉପରେ ଯୁଆଳି ଧରି ଛିଡା ହୋଇଥିଲେ, ହନାନିୟ ଆସିଲେ, କହିଲେ, "**ସଦାପ୍ରଭୁ ଏହି କଥା କୁହନ୍ତି**, ଦୁଇ ବର୍ଷ ମଧ୍ୟରେ, ପ୍ରଭୁଙ୍କର ସମସ୍ତ ପାତ୍ର…" ବର୍ତ୍ତମାନ, ମୌଳିକ ଭାବରେ, ଏହା ବହୁତ ଭଲ ଦିଶୁଥିଲା । "ପରମେଶ୍ୱର ତାହାଙ୍କର ଲୋକମାନଙ୍କୁ ଆଶୀର୍ବାଦ କରିବାକୁ ଯାଉଛନ୍ତି । ସେ ଦୁଇ ବର୍ଷ ମଧ୍ୟରେ, ସବୁକିଛି ବିଷୟକୁ ଅବିକଳ ଠିକ୍ ଭାବରେ ଫେରାଇ ଆଣିବାକୁ ଯାଉଛନ୍ତି ।"

148 ଏବଂ ବାଇବଲ କୁହେ, ଏପରିକି ଭବିଷ୍ୟଦ୍‌ବକ୍ତା ଯିରିମିୟ ସୁଦ୍ଧା କହିଥିଲେ, "ଆମେନ୍ । ଆମେନ୍ । ହନାନିୟ, ପ୍ରଭୁ କରନ୍ତୁ ଯେ ତୁମର ବାକ୍ୟଗୁଡିକ ସାକାର ହେଉ । କିନ୍ତୁ ହନାନିୟ, ଆସ କିଛି ଗୋଟାଏ ବିଷୟ ଚିନ୍ତା କରିବା । ଆମ ଆଗରୁ ଭବିଷ୍ୟଦ୍‌ବକ୍ତାମାନେ ରହି ଆସିଛନ୍ତି, ଏବଂ ସେମାନେ ଯୁଦ୍ଧର ମହାନ ରାଷ୍ଟ୍ରଗୁଡିକ ବିରୁଦ୍ଧରେ ଭବିଷ୍ୟତ୍‌ବାଣୀ, ଓ ଇତ୍ୟାଦି ସବୁ କରିଥିଲେ । କିନ୍ତୁ, ମନେ ରଖ, ଭବିଷ୍ୟଦ୍‌ବକ୍ତା ତାର ଭବିଷ୍ୟତ୍‌ବାଣୀ ପ୍ରକଟିତ ହେବା ପରେ ହିଁ ଜଣାଯାଏ ।" ବୁଝିଲେ?

149 ତାହାପରେ ହନାନିୟ ଆସି, ଯିରିମିୟଙ୍କ ବେକରୁ ଯୁଆଳିକୁ ଧରି ପକାଇଲେ, ସମସ୍ତ ପୁରୋହିତ ଏବଂ ମଣ୍ଡଳୀ ସମ୍ମୁଖରେ, ହୋଇପାରେ ପନ୍ଦର ଲକ୍ଷ ଲୋକମାନେ ଥିଲେ । ଏବଂ ସେହି ଯୁଆଳିକୁ ନେଲେ ଯାହାକି ଏକ ଚିହ୍ନ ସଦୃଶ, ପରମେଶ୍ୱର ଯିରିମିୟଙ୍କ ବେକରେ ଥୋଇଥିଲେ, ଓ ତାକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଲେ, ଏବଂ ଏହାକୁ ନିଜର ପାଦ ତଳେ ଫିଙ୍ଗିଦେଲେ, କେବଳ ଉତ୍ତେଜିତ ଭାବରେ, ଆଉ କହିଲେ, "**ସଦାପ୍ରଭୁ ଏହି କଥା କୁହନ୍ତି**, ଦୁଇ ବର୍ଷ ମଧ୍ୟରେ, ସେମାନେ ଫେରି ଆସିବେ ।"

150 ଯିରିମିୟ ତାଙ୍କୁ କେବଳ ଦେଖି ରହିଲେ । ଏହା ବାକ୍ୟର ବିପରୀତ ଥିଲା, ତେଣୁ ସେ କେବଳ ଚାଲିଗଲେ । ଏବଂ ପରମେଶ୍ୱର କହିଲେ, "ଫେରି ଯାଇ ତାକୁ କୁହ," କହିଲେ, "ମୁଁ ତାହା ସହିତ କଦାପି କଥା ହୋଇନାହିଁ ।"

151 ସେ କେବଳ ଉତ୍ତେଜିତ ହୋଇଥିଲେ । ସେ ନିଜର ଭାବନାକୁ ଗ୍ରହଣ କରିଥିଲେ । ବୁଝିଲେ? ସେ କଦାପି ସେପର୍ଯ୍ୟନ୍ତ ଅପେକ୍ଷା କଲେ ନାହିଁ ଯେପର୍ଯ୍ୟନ୍ତକି ପ୍ରକୃତରେ ସେ ଏହା ଦେଖି ନ ନେଲେ ଏବଂ ଜାଣି ନ ନେଲେ ଯେ ଏହା ସେ ନୁହଁନ୍ତି, ଯେ ଏହା ତ ପରମେଶ୍ୱର କହୁଛନ୍ତି । ସେ ସମଗ୍ର ଉତ୍ସାହିତ ହୋଇ, ଫେରିଗଲେ । ଯଦି…

152 ଆଜି, ଆମେ ଏହାକୁ, ସମଗ୍ର ଦେଶରେ ପାଉ । ଅତି ନିକଟରେ ଆମର ଗୋଟିଏ ଟେପ୍ ଏକ ଘରେ ବଜା ଯାଇଥିଲା, ଯେଉଁଠାରେକି ସେବକମାନଙ୍କର ଏକ ସମୂହ ଠିକ ସେହିଠାରେ ବିଶ୍ୱାସରେ ସହମତ ହୋଇଥିଲେ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବା ପାଇଁ ଆସିଥିଲେ । ଏବଂ ଜଣେ ବ୍ୟକ୍ତି ସେହି କକ୍ଷରେ ଉଠିଲେ, ଯିଏକି ପରଭାଷାରେ କଥା ହୋଇ କହିଲେ, "**ସଦାପ୍ରଭୁ ଏହି କଥା କୁହନ୍ତି** । ତୁମେମାନେ ଯାହା ପାଇଛ ତାହା ଧରି ରଖ । ଆଗକୁ ବଢିବା, ଜାରି ରଖ, ଏବଂ ମୁଁ ତୁମକୁ ଆଶୀର୍ବାଦ କରିବି ।"

153 ସେମାନେ କହିଲେ, "ତେବେ, ଯଦି ପ୍ରଭୁ ତାହା କହିଛନ୍ତି, ତାହାହେଲେ ମୁଁ ଅନୁମାନ କରେ ଯେ ଏହାହିଁ ତାହା ଅଟେ ।" ଆପଣ ଦେଖନ୍ତୁ, ଏହା ବାକ୍ୟ ସହିତ ପରୀକ୍ଷା କରାଯାଇ ନାହିଁ । ଏହାକୁ ତ ପ୍ରଥମେ, ବାକ୍ୟକୁ ନେବାକୁ ଅଛି । ଆପଣ ସେଠାରେ ଅଛନ୍ତି । ଏହା ବାକ୍ୟର ବିରୁଦ୍ଧରେ ଥିଲା ।

154 ଏଠାରେ ଯିରିମିୟ ଫେରି ଆସିଲେ, ସେହି ଅଭିଷିକ୍ତ ଭବିଷ୍ୟଦ୍‌ବକ୍ତା । ପରମେଶ୍ୱର ତାହାଙ୍କୁ କହିଲେ, କହିଲେ, "ମୁଁ ଜାଣେ ଯେ ହନାନିୟ ତୁମ ବେକ ଉପରେ ଥିବା ସେହି କାଠ ଯୁଆଳିକୁ ଭାଙ୍ଗି ଦେଇଛି, ଯାହା ମୁଁ ରଖିଥିଲି, ମାତ୍ର ମୁଁ ଗୋଟିଏ ଲୁହାରୁ ନିର୍ମାଣ କରିବାକୁ ଯାଉଅଛି ।" ସେ କହିଲେ, "ଏବଂ ଏହି ସମସ୍ତ ଜାତି ଯେଉଁମାନେକି ମୋର ସେବକ, ନବୂଖଦ୍ନିତ୍ସରଙ୍କ ସେବା କରିବାକୁ ଯାଇଛନ୍ତି," ଆଉ ସେ ଜଣେ ବିଜାତୀୟ ଥିଲେ । ବୁଝିଲେ? ଏବଂ ଇସ୍ରାଏଲ, ସେମାନଙ୍କର ସମସ୍ତ ବଳିଦାନଗୁଡିକୁ ପାଳନ କରିଥିଲେ, କିନ୍ତୁ ସେମାନେ ତାହା ନ ଥିଲେ… ବୁଝିଲେ?

155 ପରମେଶ୍ୱର ଏକ ପ୍ରତିଜ୍ଞା କରିଥିଲେ, ଯେ ସେ ଆଶୀର୍ବାଦ କରିବେ, କିନ୍ତୁ ସେହି ଆଶୀର୍ବାଦଗୁଡିକ ସଶର୍ତ୍ତରେ ଅଟେ । ଏବଂ ଆପଣଙ୍କୁ ତାହା କାର୍ଯ୍ୟକାରୀ କରିବା ପାଇଁ, ସେହି ଶର୍ତ୍ତଗୁଡିକୁ ପୂରଣ କରିବାକୁ ହେବ ।

156 କିଛି ସମୟ ପୂର୍ବରୁ, ଏଠାରେ ଏକ, ସାନ ମଧୁର ଝିଅ, ସହିତ ବସିଥିଲି । ପ୍ରଥମେ, ମୁଁ ଏହା ଦେଖିବା ପାଇଁ ଯେ କିଛି ଭୁଲ୍ ଅଛି କି, ସେହି ପରିବାରକୁ ଧ୍ୟାନ ସହକାରେ ଯାଞ୍ଚ ପରୀକ୍ଷା କଲି । ପରମେଶ୍ୱର ସୁସ୍ଥ କରିବେ, କିନ୍ତୁ ଏହା ସଶର୍ତ୍ତ ଅଧୀନରେ ଅଟେ । ବୁଝିଲେ? କେବଳ ଗୋଟିଏ ଜିନିଷ ମୁଁ ପାଇଲି, ତାହା ହେଲା, ସେହି ମାଆ ଭୟ କରୁଥିଲେ ଯେ ଔଷଧ ଖାଇବା ଭୁଲ୍ ଅଟେ । ମୁଁ କହିଲି, "ଭଉଣୀ, ଆପଣ ସେହିପରି ଭାବନ୍ତୁ ନାହିଁ । ତାହାକୁ ନିଜ ମନରୁ ବାହାର କରି ଦିଅନ୍ତୁ । ଛୁଆ ସହିତ ଠିକ୍ ଆଗକୁ ଯାଆନ୍ତୁ । ଏହାକୁ ଔଷଧ ଦିଅନ୍ତୁ । ପରମେଶ୍ୱର ତାହା ଜଣାଇବେ ।" ବୁଝିଲେ?

157 ବର୍ତ୍ତମାନ, କିନ୍ତୁ, କଥାଟି ହେଉଛି, ଖୋଜନ୍ତୁ, ଜାଣନ୍ତୁ । ଏବଂ ତାହାପରେ, ଯଦି ଏହା **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ, ତାହେଲେ ଠିକ ଅଛି ।

158 ବର୍ତ୍ତମାନ ଆମେ ଏଠାରେ ଜାଣିବାକୁ ପାଉ ଯେ, ଏହି ଲୋକମାନେ, ସେମାନେ କିଛି ଉତ୍ପନ୍ନ କରିବାକୁ ଚେଷ୍ଟା କରୁଥିଲେ; ହାଗାର ଏବଂ—ଏବଂ ସାରା, ଅବ୍ରହାମଙ୍କୁ ସାହାଯ୍ୟ କରିବାକୁ, ପରମେଶ୍ୱରଙ୍କୁ ତାହାଙ୍କର ପ୍ରତିଜ୍ଞା ପୂରଣ କରିବାରେ ସାହାଯ୍ୟ କରିବାକୁ ଚେଷ୍ଟା କରୁଥିଲେ । ଆପଣ ତାହା କରିପାରନ୍ତି ନାହିଁ । ଏହା କରିବାର, ଆଦୌ କୌଣସି, ଉପାୟ ନାହିଁ । ଏହା—ଏହା ତ ସବୁକିଛିର ବିରୁଦ୍ଧରେ ଅଟେ । ପରମେଶ୍ୱରଙ୍କ ବାକ୍ୟ ଯେଉଁ ପ୍ରକାରେ ବି, ସଫଳ ହେବାକୁ ଯାଉଅଛି । ଆପଣଙ୍କୁ ତ ଠିକ ବାକ୍ୟ ଉପରେ ଛିଡା ହେବାକୁ ଅଛି, ଏବଂ କହିବାକୁ ଅଛି, "ଏହା *ଏହିପରି* ଭାବରେ ଅଟେ," ଏବଂ ବାକ୍ୟକୁ ପାଳନ କରିବାକୁ ଅଛି । ବର୍ତ୍ତମାନ, ଦେଖନ୍ତୁ, ତାହାଙ୍କ ବାକ୍ୟର ସ୍ଥାନକୁ ଗ୍ରହଣ କରିବା ନିମନ୍ତେ କିଛି ଉତ୍ପାଦନ କରିବା!

159 ବୋଧହୁଏ ଅବ୍ରହାମଙ୍କର ସାଙ୍ଗମାନେ, ମଧ୍ୟ, ଯଦି ଆମେ କେବେ ଧ୍ୟାନ ଦେଇଥିବୁ, ତେବେ ହୋଇପାରେ ଅବ୍ରହାମଙ୍କ ସାଙ୍ଗମାନେ ଆସି କହିଥିବେ, "ତେବେ, ଜାତିର ପିତା, ବର୍ତ୍ତମାନ ତୁମର କେତେ ପିଲା ଅଛନ୍ତି?" ଯେତେବେଳେ ତାଙ୍କୁ ଶହେ ବର୍ଷ ହୋଇଥିଲା । "କୁହ, ଜାତିର ପିତା, ଅନେକଙ୍କର ପିତା, ତୁମର ବର୍ତ୍ତମାନ କେତୋଟି ସନ୍ତାନ ଅଛନ୍ତି?" ପରିହାସକାରୀମାନେ!

160 ବର୍ତ୍ତମାନ, କଅଣ ଆପଣ ସମୟ ଦେଖି ନାହାଁନ୍ତି କି? କଅଣ ଆମେ ଏହା ଦେଖି ନାହୁଁ କି, ଯେତେବେଳେ ଅନେକ ଥର ଆମେ କିଛି ବିଷୟ ପାଇଁ ପ୍ରାର୍ଥନା କରିଥାଉ, ତାହା ଘଟି ନ ଥାଏ?

161 "ଏଠାରେ ଜଣେ ବୃଦ୍ଧ ଲୋକ ବସିଛନ୍ତି," ସେମାନେ କୁହନ୍ତି । "ସେ ଅନ୍ଧ ଅଟନ୍ତି । ସେ ବଧିର ଅଟନ୍ତି । ସେ ମୂକ ଅଟନ୍ତି । ସେ ଅସୁସ୍ଥ ଅଟନ୍ତି । ସେ *ଏହା* କରିଛନ୍ତି । ସେଠାକୁ ଯାଇ ତାଙ୍କୁ ସୁସ୍ଥ କର, ତୁମେ ଦିବ୍ୟ ସୁସ୍ଥକାରୀମାନେ । ଆମେ ଏହାକୁ ବିଶ୍ୱାସ କରିବୁ ।"

162 କଅଣ ସେମାନେ ହୃଦୟଙ୍ଗମ କରନ୍ତି ଯେ ଏହା ସେହି ସମାନ ଶୟତାନ ଅଟେ ଯିଏକି ଏହା କହିଥିଲା, "କ୍ରୁଶରୁ ଓହ୍ଲାଇ ଆସ, ଏବଂ ମୁଁ ତୁମକୁ ବିଶ୍ୱାସ କରିବି । ଏହି ପଥରଗୁଡ଼ିକୁ ରୁଟିରେ ପରିଣତ କର, ଏବଂ ମୁଁ ଏହାକୁ ବିଶ୍ୱାସ କରିବି"? ବୁଝିଲେ? ସେହି ସମାନ ଶୟତାନ ଯିଏକି ଆମ ପ୍ରଭୁଙ୍କର ଆଖିରେ ଏକ ପଟି ବାନ୍ଧିଥିଲା, ଓ ଗୋଟିଏ ବାଡ଼ିରେ ତାଙ୍କ ମୁଣ୍ଡରେ ଆଘାତ କରିଥିଲା, ଏବଂ କହିଥିଲା, "ବର୍ତ୍ତମାନ, ଯଦି ତୁମେ ଜଣେ ଭବିଷ୍ୟଦ୍‌ବକ୍ତା ଅଟ, ତେବେ ଆମକୁ କୁହ ଯେ କିଏ ତୁମକୁ ମାରିଲା, ଏବଂ ଆମେ ତୁମକୁ ବିଶ୍ୱାସ କରିବୁ ।"

163 ତେବେ, ଆପଣ ଜାଣିଛନ୍ତି ଯେ ସେ ଜାଣିଥିଲେ ଯେ ତାଙ୍କୁ କିଏ ମାରିଥିଲା । ସେ ସେହି ପଥରଗୁଡ଼ିକୁ ରୁଟିରେ ପରିଣତ କରି ପାରିଥାନ୍ତେ । କିମ୍ବା, ସେ କ୍ରୁଶରୁ ଓହ୍ଲାଇ ପାରିଥାନ୍ତେ । ମାତ୍ର ଯଦି ସେ ଓହ୍ଲାଇ ଆସିଥାଆନ୍ତେ ତେବେ ଆଜି ଆମେ କଅଣ ହୋଇଥାଆନ୍ତୁ? ବୁଝିଲେ? ସେମାନେ ପରମେଶ୍ୱରଙ୍କ କାର୍ଯ୍ୟକ୍ରମକୁ ଜାଣନ୍ତି ନାହିଁ । ପରମେଶ୍ୱର ଯାହା ପ୍ରତିଜ୍ଞା କରିଛନ୍ତି ତାହା ଆପଣଙ୍କୁ ନିଶ୍ଚିତରେ ଖୋଜି ବାହାର କରିବା ଉଚିତ୍ ।

ତେବେ ମୋତେ ଶୀଘ୍ର କରିବା ଉଚିତ୍ ।

164 ବର୍ତ୍ତମାନ, ବର୍ତ୍ତମାନ ସେମାନେ ହୁଏତ ଏହା କହିଥିବେ, "ଜାତିର ପିତା, ଆମେ ତୁମକୁ ଶୁଣିଅଛୁ, ପଚି-ଶ ବର୍ଷ ପୂର୍ବେ, ତୁମେ କହିଥିଲ ଯେ ତୁମେ ସାରାଙ୍କ ଦ୍ୱାରା ଏକ ସନ୍ତାନ ପ୍ରାପ୍ତ କରିବାକୁ ଯାଉଅଛ, ଏବଂ ସେଥିରୁ ଲୋକମାନଙ୍କର ଜାତିଗୁଡିକ ଆସିବାକୁ ଯାଉଛନ୍ତି । ହେ ଜାତିର ପିତା, ଏହି ସମୟରେ ତୁମର କେତେ ସନ୍ତାନମାନେ ଅଛନ୍ତି?" ହୁଃ! ବୁଝିଲେ? ତାହା ସେହି ସମାନ ପୁରୁଣା ସମାଲୋଚକ ଆତ୍ମା ଅଟେ ଯାହାକି ସମାଲୋଚନା କରିଥାଏ ।

165 ଅବ୍ରହାମ କଅଣ କଲେ? କହିଲେ, "ସେ ଅବିଶ୍ୱାସ ହେତୁ, ପ୍ରତିଜ୍ଞା ଉପରେ ଝୁଣ୍ଟି ପଡିଲେ ନାହିଁ ।"

"କାହିଁକି, ଏଠାରେ ଆପଣ *ଅମୁକ-ଓ-ଅମୁକ* ପାଇଁ ପ୍ରାର୍ଥନା କଲେ, ଏବଂ ସେମାନେ ସୁସ୍ଥ ହେଲେ ନାହିଁ ।"

166 ଏଥିରେ କୌଣସି ଫରକ ପଡ଼େ ନାହିଁ । ଯଦି ମୁଁ ଆଜି ରାତିରେ ଦଶ ହଜାର ପାଇଁ ପ୍ରାର୍ଥନା କରେ, ଏବଂ ଦଶ ହଜାର ଲୋକ ସକାଳେ ମରିଯାଆନ୍ତି, ଆସନ୍ତାକାଲି ରାତିରେ ତଥାପି ମୁଁ ସୁଦ୍ଧା ରୋଗୀମାନଙ୍କୁ ଅଭିଷେକ କରୁଥିବି ଏବଂ ସେମାନଙ୍କ ପାଇଁ ପ୍ରାର୍ଥନା କରୁଥିବି । ପରମେଶ୍ୱର ଏହା କହିଥିଲେ । ଏହାକୁ ଅଳ୍ପ ଟିକିଏ ବି, ବାଧା ଦିଏ ନାହିଁ । ପରମେଶ୍ୱର ଏହାକୁ ପ୍ରତିଜ୍ଞା କରିଥିଲେ । ମୁଁ ଏହାକୁ ବିଶ୍ୱାସ କରେ । ନିଶ୍ଚିତ ଭାବରେ । ସେମାନେ କଅଣ କୁହନ୍ତି, ତଥାପି କୌଣସି ଫରକ୍ ପଡେ ନାହିଁ । କିନ୍ତୁ, ସେମାନେ ପରିହାସ କରିବେ । ତାହା ବାକ୍ୟର ନିନ୍ଦା ଅଟେ ।

167 ଅବ୍ରହାମ, ପରମେଶ୍ୱରଙ୍କ ବାକ୍ୟ ଉପରେ ଛିଡା ହୋଇଥିଲେ, ଅବଶେଷରେ ଏହା ପୂର୍ଣ୍ଣ ହେଲା । ଓଃ, ମୋର ପ୍ରଭୁ!

168 ବନ୍ଧ୍ୟାପଣର ପରିହାସକ-ବିଷୟ ଦେଖନ୍ତୁ। ପରିହାସ କରାଯିବା, ଏବଂ ପ୍ରଥମେ, ବନ୍ଧ୍ୟାପଣର ନିନ୍ଦା ଅଟେ। ସେମାନେ ଥିଲେ...ସାରାଙ୍କୁ ସେହି ସବୁ ବର୍ଷ ବନ୍ଧ୍ୟା ହେବା ପାଇଁ ନିନ୍ଦା ସହିବାକୁ ପଡିଥିଲା। ତାଙ୍କୁ ପ୍ରାୟଃ ଶହେ ବର୍ଷ ବୟସ ହୋଇଥିଲା। ସେ ପରମେଶ୍ୱରଙ୍କ ବାକ୍ୟ ସହିତରେ, ନବେ ବର୍ଷ ବୟସର ଥିଲେ ଯାହାକି ଏହା କହିଥିଲା ଯେ ସେ *ରାଜକୁମାରୀ* ମଧ୍ୟ ହେବେ, ଏହି ଶିଶୁର ଏକ ମାତା ହେବେ। ଏବଂ ସେ ଓ ଅବ୍ରହାମ, ବନ୍ଧ୍ୟା ଥିଲେ, ଉଭୟ ସେମାନଙ୍କର—ସେମାନଙ୍କର ଶରୀରଗୁଡିକ ମଧ୍ୟ ମୃତ ଥିଲା, କିନ୍ତୁ ତଥାପି ସେମାନେ ସେହି ବାକ୍ୟକୁ କେବେବି ସନ୍ଦେହ କଲେ ନାହିଁ। କିନ୍ତୁ ପ୍ରଥମେ, ସେମାନଙ୍କୁ ତାହା ସହ୍ୟ କରିବାକୁ ପଡିଥିଲା। ଏବଂ ତାହାପରେ, ହାଲ୍ଲେଲୁୟା, ସେହି ଅନ୍ଧକାର ସମୟରେ, ପରମେଶ୍ୱର ତାହାଙ୍କର ବାକ୍ୟକୁ ରକ୍ଷା କଲେ: ଇସ୍ହାକଙ୍କର ଜନ୍ମ ହେଲା। "ଏବଂ ତାଙ୍କର ବଂଶ ସମୁଦ୍ରର ବାଲୁକା କିମ୍ୱା ସ୍ୱର୍ଗର ତାରା ସଦୃଶ ଅଟେ।" ବୁଝିଲେ? ପରମେଶ୍ୱର ସର୍ବଦା ତାହାଙ୍କର ବାକ୍ୟର ଉତ୍ତର ଦିଅନ୍ତି। ହଁ। ପ୍ରଥମେ ବନ୍ଧ୍ୟା ଆସିଲା, ତାହାପରେ ଇସ୍ହାକ ଆସିଲେ।

169 ଠିକ ସେହିପରି, ଯିଖରିୟ ଏବଂ ଏଲିସାବେଥ, ସେହି ବୃଦ୍ଧ ବ୍ୟକ୍ତି ଓ ବୃଦ୍ଧ ମହିଳା, ତଥାପି ଧରି ରହିଥିଲେ। ଏବଂ ଯେତେବେଳେ ଯିଖରିୟ ସେଠାରେ ଉପରକୁ ଆସିଲେ, ଏବଂ ନିଜ କଳାପଟାରେ ଏହା ଲେଖି, କହି ପାରିଥିଲେ, "ଜଣେ ସ୍ୱର୍ଗଦୂତ ମୋତେ ଭେଟିଲେ, ମୋତେ କହିଲେ ଯେ ମୁଁ ମୋର ସେହି ପୁରୁଣା ପତ୍ନୀ, ଏଲିସାବେଥଙ୍କ ଦ୍ୱାରା ଏକ ସନ୍ତାନ ପ୍ରାପ୍ତ ହେବି। ମୁଁ ଆଉ କଥାବାର୍ତ୍ତା କରିପାରୁ ନାହିଁ। ମୁଁ ମୂକ ଅଟେ। ଶିଶୁ ଜନ୍ମ ହେବା ଦିନ ପର୍ଯ୍ୟନ୍ତ ମୁଁ ମୂକ ରହିବି। ମାତ୍ର ସେଠାରେ ଏକ ଶିଶୁ ଆସୁଅଛି, ଏବଂ ସେ ସର୍ବୋପରିସ୍ଥଙ୍କର ଭବିଷ୍ୟଦ୍‌ବକ୍ତା ହେବାକୁ ଯାଉଅଛି। ସେ ପ୍ରଭାତି ତାରାକୁ ପରିଚୟ କରାଇବେ। ସେ ଖ୍ରୀଷ୍ଟଙ୍କର ଜଣେ ଅଗ୍ରଦୂତ ଅଟନ୍ତି।" ଏହା କିପରି ବା ହୋଇପାରେ?

170 କେତେକେ କହିଲେ, "ବେଚାରା ବୁଢା ଲୋକଟା। ଓଃ, ମୁଁ—ମୁଁ ଅନୁମାନ କରୁଛି ଯେ ସେ ଏକ ପ୍ରକାର ଟିକିଏ ତାଙ୍କର ମୁଣ୍ଡରେ ପାଗଳ ହୋଇ ଯାଇଛନ୍ତି, ଆପଣ ଜାଣନ୍ତି। ସେଠାରେ କିଛି ଗୋଟାଏ ଅଳ୍ପ ଅଛି। କିନ୍ତୁ ସେଠାରେ ଥିବା ସେହି ବୃଦ୍ଧା ଏଲିସାବେଥଙ୍କୁ ଦେଖନ୍ତୁ, ପ୍ରାୟଃ ଅଶୀ ବର୍ଷ ବୟସର। ଏବଂ ଯିଖରିୟକୁ ଦେଖନ୍ତୁ—ଦେଖନ୍ତୁ—ଦେଖନ୍ତୁ, କେତେ ବୃଦ୍ଧ ଓ ଥୁରୁ ଥୁରୁ ଅଟନ୍ତି, ଏବଂ ତାହାପରେ ସେ ଏପରି ଏକ କଥା କହିବାକୁ ଯାଉଛନ୍ତି। ତେବେ, ବେଚାରା ବୁଢା ଲୋକଟା।"

171 କିନ୍ତୁ ତାହାଙ୍କ ପାଖରେ ପ୍ରଭୁଙ୍କର ବାକ୍ୟ ଥିଲା। ଏପରି ଏକ ନିନ୍ଦା, ଯେ ଏଲିସାବେଥ୍ ଆପଣାକୁ ଅନେକ ଦିନ ପର୍ଯ୍ୟନ୍ତ ଲୁଚାଇ ରଖିଲେ। ମାତ୍ର ଯିଖରିୟ ବାକ୍ୟ ସହିତ ଲାଗି ରହିଲେ। ଓଃ, ମୋର ପ୍ରଭୁ!

172 ଲୋକପ୍ରିୟତାକୁ ପ୍ରତ୍ୟାଖ୍ୟାନ କରିଥିଲେ, ଲୋକପ୍ରିୟ ମତକୁ ପ୍ରତ୍ୟାଖ୍ୟାନ କରିଥିଲେ, ସେହି ଦିନର ପ୍ରବୀଣତାକୁ, ଏବଂ ସେମାନଙ୍କ ଦିନର ଶୈଳୀ ଏବଂ ବିଷୟଗୁଡ଼ିକୁ ମନା କରିଥିଲେ। ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେମାନେ ଅବିଶ୍ୱାସୀମାନଙ୍କର

ଭିଡ଼ ସହିତ ଚାଲିବାକୁ ମନା କରିଥିଲେ । ସେମାନେ ଜଗତର ବିଷୟଗୁଡ଼ିକୁ ମନା କରିଥିଲେ । ସେମାନଙ୍କୁ ପରମେଶ୍ୱରଙ୍କ ବାକ୍ୟ ସହିତରେ ରହିବା ପାଇଁ, ତାହା କରିବାକୁ ପଡିଥିଲା । ସେମାନଙ୍କୁ ଏହା କରିବାକୁ ପଡିଥିଲା ।

173 ଏହା ଆଜି ମଧ୍ୟ ଠିକ ସେହିପରି ଅଟେ । ଆପଣ ନିଜକୁ ସମସ୍ତ ବିଷୟଠାରୁ ପୃଥକ୍ କରନ୍ତୁ କେବଳ ଆପଣ ଏବଂ ପରମେଶ୍ୱର ରହିଥାଆନ୍ତୁ । ଏହା ତାହା ନୁହେଁ ଯାହାକି ମଣ୍ଡଳୀ କରେ । ଏହା ତ ତାହା ଅଟେ ଯାହା ଆପଣ ପରମେଶ୍ୱରଙ୍କ ସହିତ କରନ୍ତି । ବୁଝିଲେ? ଏହା ତ ଆପଣ, ଜଣେ ବ୍ୟକ୍ତି ଭାବରେ ଅଟନ୍ତି । ହଁ ।

174 ମାତ୍ର ଦେଖନ୍ତୁ ଯେ ପରମେଶ୍ୱର ତାଙ୍କୁ କଅଣ ଦେଇଥିଲେ । ଯେତେବେଳେ ଯୀଶୁ ନିଜେ ଆସିଲେ, ଯିଖରିୟ ମରି ଯାଇଥିଲେ, ଏଲିସାବେଥ, ମଧ୍ୟ । କିନ୍ତୁ ଯେତେବେଳେ ସେମାନଙ୍କର ପୁତ୍ର, ପ୍ରାନ୍ତରରେ **ସଦାପ୍ରଭୁ ଏହି କଥା କୁହନ୍ତି** ସହିତ ଆସିଲେ, ଯୀଶୁ କହିଲେ, "ସ୍ତ୍ରୀଜାତ କୌଣସି ପୁରୁଷ କଦାପି ତାଙ୍କ ପରି ସେତିକି ମହାନ ହୋଇନାହିଁ ।" ଆମେନ୍ । କଅଣ? ଏଲିସାବେଥ୍ ବନ୍ଧ୍ୟାକରଣର ନିନ୍ଦା ସହ୍ୟ କରିଥିଲେ । ସେ ବାକ୍ୟ ସହିତରେ ରହିଥିଲେ, ଓ ଏପରି ଏକ ପୁତ୍ର ସନ୍ତାନ ପ୍ରସବ କରିଥିଲେ ।

175 ବୃଦ୍ଧା ସାରାଙ୍କ ପରି, ବୃଦ୍ଧ ଅବ୍ରହାମଙ୍କ ପରି, ସେହି ବୃଦ୍ଧ ଦମ୍ପତିମାନେ ଏହାକୁ ଧରି ରଖିଥିଲେ । ଦେଖନ୍ତୁ, ଅଧିକାଂଶ ଯାହା କେବେ ଜନ୍ମ ହୋଇଥିଲେ, "ସମୁଦ୍ରର ବାଲୁକା ସଦୃଶ," ଜଗତରେ ଏପରି କୌଣସି ଲୋକମାନଙ୍କର ଏକ ଜାତି ନାହିଁ ଯେତିକି ସଂଖ୍ୟାରେ ଯିହୁଦୀମାନେ ଅଟନ୍ତି । "ସମୁଦ୍ରର ବାଲୁକା ସଦୃଶ କିମ୍ବା ଆକାଶର ତାରାଗୁଡ଼ିକ ପରି ।" କଅଣ ହୋଇଥିଲା? ଏହା ସଂଖ୍ୟାଲଘୁରେ, ଗୋଟିଏ ଶିଶୁରେ ହୋଇଥିଲା ।

176 ବର୍ତ୍ତମାନ ଆପଣ ଦେଖନ୍ତୁ ଯେ ମୁଁ କେଉଁଆଡେ ଯାଉଅଛି । ଗୋଟିଏ ଶିଶୁ, ତାହା ହିଁ ସବୁକିଛି ଯାହାକି ଏହା ଆବଶ୍ୟକ କରିଥିଲା । ଏହା ଜାତିଗୁଡ଼ିକୁ ଦୋହଲାଇବା ଏବଂ ଖ୍ରୀଷ୍ଟଙ୍କୁ ଇଙ୍ଗିତ କରିବା ପାଇଁ ଗୋଟିଏ ଶିଶୁକୁ ଆବଶ୍ୟକ କରିଥିଲା । ଗୋଟିଏ ଆବଶ୍ୟକ କରିଥିଲା, ଆଜ୍ଞାବହ । ତାହା ଠିକ୍ ଅଟେ । ପରମେଶ୍ୱର କେବଳ ଜଣେ ବ୍ୟକ୍ତିକୁ ଆବଶ୍ୟକ କରନ୍ତି । ତାହାହିଁ ସବୁକିଛି ଯାହା ସେ ଆବଶ୍ୟକ କରନ୍ତି, କୌଣସି ସ୍ଥାନରେ ଯେଉଁଠାରେ ସେ ଏକ ସ୍ୱରକୁ ପାଇପାରନ୍ତି । ତାହାହିଁ ସବୁକିଛି ଯାହା ସେ ଚାହାଁନ୍ତି, ଯେ ଜଣେ ବ୍ୟକ୍ତିଙ୍କୁ ନିଜ ନିୟନ୍ତ୍ରଣରେ ପାଇବା । ଓଃ, କିପରି ସେ ଜଣେ ବ୍ୟକ୍ତିଙ୍କୁ ପାଇବାକୁ ଭଲ ପାଆନ୍ତି!

177 ଥରେ, ସେ ଜଣେ ନୋହକୁ ପାଇଥିଲେ । ଥରେ, ସେ ଜଣେ—ସେ ଜଣେ ମୋଶାଙ୍କୁ ପାଇଥିଲେ । ସେ ଜଣେ—ଜଣେ ଯିରିମିୟକୁ ପାଇଥିଲେ । ସେ ଜଣେ—ଜଣେ ଏଲିୟକୁ ପାଇଥିଲେ । ସେ ଜଣେ ଇଲୀଶାୟକୁ ପାଇଥିଲେ । ସେ ଜଣେ ଯୋହନକୁ ପାଇଥିଲେ । ସେ—ସେ ପାଆନ୍ତି…ସେ ଜଣେ ଶାମ୍ସୋନ୍‌କୁ ପାଇଥିଲେ । ଯେପର୍ଯ୍ୟନ୍ତ ସେ ଜଣେ ବ୍ୟକ୍ତିଙ୍କୁ ନିଜ ନିୟନ୍ତ୍ରଣରେ ପାଇପାରନ୍ତି, ଯାହାକି ତାଙ୍କର ସ୍ୱର ଅଟେ । ସେ ଏହା ଦ୍ୱାରା କଥା କହିପାରନ୍ତି । ସେ ଜଗତକୁ ନିନ୍ଦା କରିପାରନ୍ତି । ଓଃ, ମୋର ପ୍ରଭୁ!

178 କିପରି ସେ ଜଣେ ବ୍ୟକ୍ତିଙ୍କୁ ନିଜ ନିୟନ୍ତ୍ରଣରେ ପାଇବା ପାଇଁ କ୍ଷୁଧିତ ଅଟନ୍ତି ଏବଂ ଝାମ୍ପ ପକାନ୍ତି, "ଯେପରିକି ମୁଁ ତାହା ଦ୍ୱାରା କଥା କହିପାରେ। ମୁଁ ମୋର ସ୍ୱରକୁ ଜଣାଇପାରେ। ଯଦିଓ ସେ ଏକ ନିନ୍ଦା ସହ୍ୟ କରିବ, କିନ୍ତୁ ମୁଁ ମୋର ସ୍ୱରକୁ ଜଣାଇବି।" ବୁଝିଲେ? ଓ, ହଁ।

179 ବନ୍ଧ୍ୟାପଣ, ପ୍ରଥମେ। ବନ୍ଧ୍ୟା ହେବାକୁ ଥିଲା, ବନ୍ଧ୍ୟାପଣର ନିନ୍ଦାକୁ ସହ୍ୟ କରିବାକୁ ଥିଲା। ସାରାକୁ ଏହା ସହ୍ୟ କରିବାକୁ ପଡିଥିଲା। ଠିକ ସେହିପରି ଭାବରେ ଯିଖରିୟ ଏବଂ ଏଲିସାବେଥଙ୍କୁ ସହ୍ୟ କରିବାକୁ ପଡିଥିଲା।

180 ଦେଖନ୍ତୁ, ଆଜି। ବର୍ତ୍ତମାନ ମୁଁ କିଛି କହିବାକୁ ଯାଉଅଛି। ଆଜି ବେଶ୍ୟାର ସନ୍ତାନମାନଙ୍କୁ ଦେଖନ୍ତୁ। ସେ ଜାତିଗୁଡିକୁ ନାମଧାରୀ ସଂସ୍ଥା, ସେହି ବେଶ୍ୟା ଏବଂ ତାର କନ୍ୟାମାନଙ୍କର ରାଜନୈତିକ ଶାସନର ଅଧିନରେ ଅଧିକାର କରି ନେଇଛି। ଦେଖନ୍ତୁ ଯେ ନାମଧାରୀ ସଂସ୍ଥାର କେଉଁ ଏକ ପୀଢୀ ଉଠିଅଛି, ଏବଂ କେତେ ଅଳ୍ପ ଜଣ ଧାର୍ମିକ ଅଟନ୍ତି। ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ। ବାକ୍ୟ ସହିତ ରୁହନ୍ତୁ। ଏହା ଠିକ ଅଟେ।

181 ହୋଇପାରେ ଆପଣଙ୍କୁ ପବିତ୍ର-ପାଖଣ୍ଡ କୁହାଯାଇ, ପରିହାସ କରାଯାଇପାରେ। ଆପଣଙ୍କୁ ସମସ୍ତ କିଛି, କୌଣସି ବି ପ୍ରକାରର ଏକ ମନ୍ଦ ନାମରେ ଡକା ଯାଇପାରେ। କିନ୍ତୁ, ଠିକ ସେଠାରେ ରହିଥାଆନ୍ତୁ, ଏହା ତ ବାକ୍ୟ, ସେହି ବାକ୍ୟର ନିନ୍ଦା ଅଟେ, ସେହି ବିଷୟ ଯାହା ସେମାନେ ଆପଣଙ୍କ ବିଷୟରେ କହିବେ।

182 ଜଣେ ଯୁବା ଲୋକ, ହୋଇପାରେ ଆଜି ସକାଳେ ସେ ଏଠାରେ ଥିବେ। ସେ ମୋର ଜଣେ ବନ୍ଧୁ; ଜିମ୍ ପୁଲ୍, ଯୁବା ଜିମ୍, ତାଙ୍କର—ତାଙ୍କର ଲୋକମାନେ। ତାଙ୍କୁ ଅନ୍ୟ ଦିନ ପଚରା ଯାଇଥିଲା। ତେବେ, ସେ ଏଠାରେ ବାପ୍ତିଜିତ ହୋଇଥିଲେ। କେହି ଜଣେ ତାଙ୍କୁ କହିଲେ, କହିଲେ, "ଯଦି ତୁମେ ଏକ ମଣ୍ଡଳୀରେ ବାପ୍ତିଜିତ ହେବାକୁ ଯାଉଅଛ, ତାହାହେଲେ ତୁମେ କାହିଁକି କିଛି ଗୋଟାଏ, ଏକ ବଡ଼ ମଣ୍ଡଳୀ ନେଉ ନାହିଁ?" ବୁଝିଲେ? କିନ୍ତୁ ସେ ପ୍ରକାଶକୁ ଦେଖିଥିଲେ। ତାହାହିଁ ଏହା ଥିଲା। ବୁଝିଲେ?

183 "ଧାର୍ମିକମାନଙ୍କ ଅପେକ୍ଷା ଅଧାର୍ମିକମାନଙ୍କର ସନ୍ତାନଗଣ ଅଧିକ ସଂଖ୍ୟକ।" ହଁ। ଠିକ୍ ଅଛି। ଧାର୍ମିକମାନଙ୍କର, ସେମାନେ କେତେ ଅଳ୍ପ ଅଟନ୍ତି! ଦେଖନ୍ତୁ ନୋହଙ୍କ ଦିନରେ ତାହା କେତେ ଅଳ୍ପ ହାତଗଣତି ଲୋକମାନେ ଥିଲେ। ବୁଝିଲେ? ଦେଖନ୍ତୁ ସଦୋମର ଦିନରେ ତାହା କଅଣ ଥିଲା। ବୁଝିଲେ? ଧାର୍ମିକ ଲୋକ କେତେ ଅଳ୍ପ!

184 ବେଶ୍ୟାର ସନ୍ତାନମାନେ କେତେ ଅଧିକ! ସେ ତ ଯେକୌଣସି ପୁରାତନ ଉପାୟରେ ସନ୍ତାନମାନଙ୍କୁ ଜନ୍ମ କରିଥାଏ, କିନ୍ତୁ ସେମାନେ ସବୁ ଜାରଜ ସନ୍ତାନମାନେ ଅଟନ୍ତି। ବେଶ୍ୟା ବେଶ୍ୟାକୁ ଜନ୍ମ କରିଥାଏ। କୁକୁର କୁକୁରକୁ ଜନ୍ମ ଦେଇଥାଏ।

185 ଏବଂ ଖ୍ରୀଷ୍ଟ ଅଭିଷିକ୍ତମାନଙ୍କୁ ଜନ୍ମ ଦେଇଥାନ୍ତି। ବାଇବଲ ଧାର୍ମିକମାନଙ୍କୁ ଜାତ କରିଥାଏ, ତେଣୁକରି ଆମକୁ ଏକ ଛୋଟ ସମୂହ ହେବାର ବିଚାରକୁ ସହ୍ୟ କରିବାକୁ ଅଛି। ଏହା କେଡେ ଏକ ଅନୁଗ୍ରହକାରୀ ବିଷୟ ଅଟେ!

186 ସେହି ମହାନ ଏଫିସୀୟ ମଣ୍ଡଳୀକୁ ଦେଖନ୍ତୁ, ସେଥିରେ କେବଳ ବାରଜଣ ମାତ୍ର ଥିଲେ। ହଁ। ଦେଖନ୍ତୁ ଆମ ପାଖରେ ଆଜି କେଉଁ ଏକ ଗୋଷ୍ଠୀ, ସେମାନଙ୍କର ପାର୍ଶ୍ୱ ଅଛି। ହଁ।

ନୋହଙ୍କ ସମୟରେ କେବଳ ଆଠଟି ମାତ୍ର ପ୍ରାଣ ଥିଲେ।

187 ଲୋଟଙ୍କ ସମୟରେ କେବଳ ପାଞ୍ଚ ଜଣ ଥିଲେ, ନା, ଚାରି ଥିଲେ; ଲୋଟ ଏବଂ ତାଙ୍କ ପତ୍ନୀ, ତାଙ୍କର ଦୁଇଟି କନ୍ୟା। ଏବଂ ତାଙ୍କ ସ୍ତ୍ରୀ ବାହାରି ଯିବା ପରେ, ପଛକୁ ଚାହିଁବା ଦ୍ୱାରା ପଥର ସ୍ତମ୍ଭରେ ପାଲଟି ଗଲା। ବାସ୍ତବରେ, ସେହି ଦିନ ତିନିଜଣ ବାହାରି ଆସିଥିଲେ।

188 ଏବଂ ଯୀଶୁ କହିଥିଲେ, "ଯେପରିକି ତାହା ସେଦିନରେ ହୋଇଥିଲା।" ଆମକୁ ଲକ୍ଷ୍ୟ ରଖିବା ପାଇଁ ଏବଂ ସତର୍କ ରହିବା ପାଇଁ ବାଧ୍ୟ କରେ। ଧାର୍ମିକ କେତେ ଅଳ୍ପ ଅଟନ୍ତି! କିନ୍ତୁ, ସର୍ବଦା ପରି, ପରିହାସକାରୀମାନେ ନିନ୍ଦା ହିଁ କରିବେ। ସେହି ବନ୍ଧ୍ୟା-…ପ୍ରଥମେ, ବନ୍ଧ୍ୟାପଣର ନିନ୍ଦାକୁ ସହ୍ୟ କରନ୍ତୁ। ମୋର ପ୍ରଭୁ!

189 ମୋତେ କେବଳ ଶୀଘ୍ର କରିବାକୁ ଅଛି। ମୁଁ…ମୁଁ ନୁହେଁ…ଏହି ସାନ ଶିଶୁଗୁଡିକୁ ସାହାଯ୍ୟ କରିବାକୁ ଚାହେଁ। ମୋ ସହିତ ଅଳ୍ପ ଟିକିଏ ସହି ଯାଆନ୍ତୁ। ବୁଝିଲେ?

190 ମନୁଷ୍ୟ ସର୍ବଦା ସେହିପରି ଭାବରେ ସମାନ ଅଟେ। ବର୍ତ୍ତମାନ ମୁଁ ପୁନର୍ବାର କିଛି ଗୋଟାଏ କହିବାକୁ ଯାଉଅଛି। ଏବଂ ମୁଁ ତୁମକୁ ଚାହେଁ ଯେ ଆପଣ…ଏବଂ ମୁଁ ଜାଣେ ନାହିଁ ଯେ ଏହା ଟେପ୍ ହେଉଛି, କି ନାହିଁ। କିନ୍ତୁ ଯଦି ଏହା ଟେପ୍‌ରେ ଥାଏ, ତେବେ ମୁଁ ଚାହେଁ ଯେ ଆପଣ ମୋ କଥା ଶୁଣନ୍ତୁ, ଆପଣ ଟେପ୍‌ରେ। ଆପଣ ଏଥିରୁ ବଞ୍ଚିତ ହୁଅନ୍ତୁ ନାହିଁ, କିନ୍ତୁ ଏହାକୁ ଅଧ୍ୟୟନ କରନ୍ତୁ। ମନୁଷ୍ୟ ବର୍ତ୍ତମାନ ସେହିପରି ଅଟେ ଯେପରି ସେ ସର୍ବଦା ରହି ଆସିଛି। ସେ ପରମେଶ୍ୱରଙ୍କୁ ସେଥିପାଇଁ ପ୍ରଶଂସା କରୁଥାଏ ଯାହା ସେ କରିଅଛନ୍ତି; ପୁଣି ଏହି ବିଷୟ ନିମନ୍ତେ ଅପେକ୍ଷା କରୁଥାଏ ଯାହା ସେ କରିବେ; ଏବଂ ସେହି ବିଷୟକୁ ଅଣଦେଖା କରୁଥାଏ ଯାହା ସେ ସାଧନ କରିଛନ୍ତି ଏବଂ କରୁଛନ୍ତି। ସେ ତାହା ପାଇଁ ପରମେଶ୍ୱରଙ୍କୁ ପ୍ରଶଂସା କରେ ଯାହା ସେ କରିଅଛନ୍ତି; ସେ ତାହା ପ୍ରତି ଦୃଷ୍ଟି ଲଗାଇଥାଏ ଯାହା ସେ କରିବେ; ମାତ୍ର ସେ ସେହି ବିଷୟକୁ ଅଣଦେଖା କରୁଥାଏ ଯାହା ପରମେଶ୍ୱର କରୁଅଛନ୍ତି, ଏବଂ ସେଥିରେ ସେ ସମଗ୍ର ବିଷୟରୁ ବଞ୍ଚିତ ହୋଇଯାଏ। ମୁଁ ଆଶା କରେ ଯେ ସେମାନେ ଏହାକୁ ବୁଝିଥିବେ। ବୁଝିଲେ? ତାହାକୁ ଅଣଦେଖା କରୁଥାନ୍ତି ଯାହା ସେ କରୁଅଛନ୍ତି! ସେ ଜାଣନ୍ତି ଯେ ସେ କଅଣ କରିଛନ୍ତି; ଏବଂ ସେ ସେହି ପ୍ରତିଜ୍ଞାକୁ ଜାଣନ୍ତି ଯାହା ସେ କରିବେ; କିନ୍ତୁ ସେ ତାହା ଦେଖିବାରେ ବିଫଳ ହୁଅନ୍ତି ଯାହା ସେ କରୁଅଛନ୍ତି।

191 ଓଃ, ଆପଣ ପେଣ୍ଟିକଷ୍ଟାଲ୍‌ମାନେ, ଯଦି ଆପଣ ଏହାର ଉଦାହରଣ ନୁହଁନ୍ତି କି! ଆପଣ କିଛି ଗୋଟାଏ ବିଷୟର ଘଟିବା ନିମନ୍ତେ ଅପେକ୍ଷା କରୁଛନ୍ତି: ପ୍ରତ୍ୟେକ ଥର ପରି, ଠିକ ଆପଣଙ୍କ ତଳେ ଘଟୁଥାଏ, ଏବଂ ଆପଣ ତାହା ଜାଣନ୍ତି ନାହିଁ। "କେତେ ଥର ସେ ତୁମକୁ ଆବୋରିବା ପାଇଁ ଚାହିଁଥିଲେ, ଯେପରିକି ଏକ ମାଆ କୁକୁଡ଼ା ତାର ଛୁଆମାନଙ୍କୁ ଆବୋରିଥାଏ, କିନ୍ତୁ ତୁମେ ଇଚ୍ଛୁକ ହେଲ ନାହିଁ।" ଆପଣ ତାହାଙ୍କର ବାକ୍ୟ ଏବଂ ତାହାଙ୍କର

ଆତ୍ମା ଅପେକ୍ଷା ନିଜର ପରମ୍ପରା ଓ ନାମଧାରୀ ସଂସ୍ଥାଗୁଡିକ ବିଷୟରେ ଅଧିକ ଚିନ୍ତା କଲେ। ହଁ।

192 ମରିୟମଙ୍କୁ କି ଏକ ନିନ୍ଦା! (ଯେପରି ଆମେ ବନ୍ଦ କରୁଅଛୁ।) ତାହାଙ୍କର ବାକ୍ୟ ପାଇଁ ମରିୟମ ଏବଂ ଯୋଷେଫଙ୍କୁ କି ଏକ ନିନ୍ଦା! ଏହା ଖ୍ରୀଷ୍ଟମାସ ସମୟ ଅଟେ। ମୁଁ ଅଳ୍ପ ସମୟ ଟିକିଏ ଅଟକି ରହିବାର ଯୋଜନା କରୁଥିଲି, କିନ୍ତୁ ଆପଣ ଏହାର ଅନେକ ଅଂଶ ରେଡିଓରେ ଏବଂ ପାଳକମାନଙ୍କ ମଧ୍ୟରେ, ଓ ଇତ୍ୟାଦିରେ ଶୁଣିବେ। ମରିୟମ ଏବଂ ଯୋଷେଫଙ୍କ ପାଇଁ, ପରମେଶ୍ୱରଙ୍କ ପ୍ରତିଜ୍ଞାର ବାକ୍ୟକୁ ଧରି ରହିବା କି ଏକ ନିନ୍ଦା ଥିଲା! ମନେରଖନ୍ତୁ, ବର୍ତ୍ତମାନ। ଏବଂ ସେହି ଅପମାନ, ଯାହାକି ଚକ୍ଷୁଗୁଡ଼ିକୁ ଉପରକୁ ଉଠାଇଥିଲା, ଯେତେବେଳେ ସେମାନେ ସାନ ମରିୟମଙ୍କୁ ପାଖରୁ ଯିବାର ଦେଖିଥିଲେ, ଯୋଷେଫଙ୍କୁ ଦେଖିଥିଲେ। "ତୁମେ ଜଣେ ବେଶ୍ୟାକୁ ବିବାହ କରୁଅଛ।" ବୁଝିଲେ? ଏବଂ ମନେରଖନ୍ତୁ, ଭାଇ, ସେହି ଦିନମାନଙ୍କରେ ବ୍ୟଭିଚାରର ଦଣ୍ଡ ମୃତ୍ୟୁ ଥିଲା। "ବର୍ତ୍ତମାନ, ତୁମେ ତାଙ୍କୁ ହତ୍ୟା କରାଯିବାରୁ ରକ୍ଷା କରୁଅଛ। ତାକୁ ତ ତୁମ ଦ୍ୱାରା ମାଆ ହେବାକୁ ଅଛି।" ଏବଂ, କିନ୍ତୁ, ମନେରଖନ୍ତୁ, ସବୁ ସମୟରେ, ପରମେଶ୍ୱର ସେମାନଙ୍କ ସହିତ ବ୍ୟବହାର କରୁଥିଲେ, ଏବଂ ଏହା ବାକ୍ୟ ଅନୁଯାୟୀ ଥିଲା। ଏବଂ ସେହି ଲୋକମାନେ ଏହା ଜାଣି ନ ଥିଲେ। ବୁଝିଲେ?

193 "ଜଣେ କୁମାରୀ ସନ୍ତାନ ପ୍ରସବ କରିବ।" ଯୋଷେଫ ତାହା ଜାଣିଥିଲେ। ମରିୟମ ତାହା ଜାଣିଥିଲେ, କାରଣ, ବାକ୍ୟ ଲେଖାଯିବା ପରେ, ସେଠାରେ ଜଣେ ସ୍ୱର୍ଗଦୂତ ସେମାନଙ୍କ ସହିତ କଥାବାର୍ତ୍ତା କରିଥିଲେ, ସୁପ୍ରମାଣିତ କରିଥିଲେ, କିମ୍ବା ଠିକ ସେହି ବାକ୍ୟକୁ ପ୍ରକଟିତ କରିଥିଲେ ଯାହା ଲେଖା ଯାଇଥିଲା, ଯାହାକି ଘଟିବାକୁ ଯାଉଥିଲା। ତେବେ ସ୍ୱପ୍ନ ଦେଖନ୍ତୁ ନାହିଁ। ଚିନ୍ତା କରନ୍ତୁ। ପବିତ୍ରଆତ୍ମା ପୃଥିବୀକୁ ଓହ୍ଲାଇ ଆସିଥିଲେ; କେବେବି ସମଗ୍ର ମଣ୍ଡଳୀ ସହିତ କଥା ହେଲେ ନାହିଁ। ସେ ସେମାନଙ୍କ ସହିତ କଥାବାର୍ତ୍ତା କଲେ।

194 ଯୋଷେଫ ଦେଖିଲେ। ଏବଂ ଏହା ପୂର୍ବରୁ ସ୍ୱର୍ଗଦୂତ ତାଙ୍କୁ ଦେଖା କରନ୍ତେ, ସେ କହିଥିଲେ, "ତେବେ, ବର୍ତ୍ତମାନ, ମୁଁ ତାଙ୍କୁ ପ୍ରେମ କରେ। କିନ୍ତୁ, ମୁଁ ଜଣେ ଧାର୍ମିକ ବ୍ୟକ୍ତି ଅଟେ। ମୁଁ ସେହିପରି ଜଣେ ସ୍ତ୍ରୀଙ୍କୁ ବିବାହ କରିପାରେ ନାହିଁ।"

195 ପୁଣି ପ୍ରଭୁଙ୍କର ସ୍ୱର୍ଗଦୂତ ସ୍ୱପ୍ନରେ, ତାଙ୍କୁ ଦେଖା କଲେ, ଓ କହିଲେ, "ହେ ଦାଉଦଙ୍କ ସନ୍ତାନ, ଯୋଷେଫ, ତୁମେ ମରିୟମଙ୍କୁ ନିଜ ପତ୍ନୀ ଭାବେ ଗ୍ରହଣ କରିବାକୁ ଭୟ କର ନାହିଁ, କାରଣ ଯାହା ତାଙ୍କ ଗର୍ଭରେ ଅଛି ତାହା ପବିତ୍ରଆତ୍ମାଙ୍କ କର୍ତ୍ତୃକ ଅଟେ।" ଓଃ, ମୋର ପ୍ରଭୁ! କି ଏକ ସାନ୍ତ୍ୱନା ଅଟେ! ବୁଝିଲେ?

196 ଏବଂ, ମରିୟମ, କୂଅକୁ ଯିବାର ତାଙ୍କ ବାଟରେ। ସେହି ଛୋଟ କୁମାରୀ, ପ୍ରାୟଃ ସତର, ଅଠର ବର୍ଷ ବୟସର, ଏପରି ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ ଯିଏକି ପୂର୍ବରୁ ବିବାହିତ ଥିଲେ ଏବଂ ତାଙ୍କର ଚାରୋଟି ସନ୍ତାନ ଥିଲେ; ଜଣେ ପରିପକ୍ୱ ବୟସଗତ ବ୍ୟକ୍ତି ଥିଲେ। ଏବଂ ମରିୟମ ଥିଲେ...ସେ ଯୋଷେଫଙ୍କୁ ପ୍ରେମ କରିଥିଲେ, ଏବଂ—ଏବଂ ସେ ଜାଣି ନ ଥିଲେ

ଯେ କାହିଁକି । ଏବଂ ଯୋଷେଫ ତାଙ୍କୁ ପ୍ରେମ କରିଥିଲେ, ଏବଂ ସେ ଜାଣି ନ ଥିଲେ ଯେ କାହିଁକି । ଏବଂ ଏଠାରେ ସେମାନେ ଥିଲେ । ପାଣି ନେବା ପାଇଁ, କୂଅକୁ ଆସୁଥିଲେ, ଯାଉଥିଲେ, ଏବଂ ସେହି ବିଷୟ ଉପରେ ସମସ୍ତ ଅଧ୍ୟୟନ ଯାହା ସେ—ସେ ଶାସ୍ତ୍ର ସମ୍ବନ୍ଧରେ, ଚିନ୍ତା କରୁଥିଲେ, ନିଃସନ୍ଦେହତଃ, ଏବଂ ତାହାପରେ ତାଙ୍କ ସମ୍ମୁଖରେ ଏକ ଆଲୋକ ଝଲସି ଉଠିଲା । ଯେତେବେଳେ ସେହି ଆଲୋକ ଝଲସି ଉଠିଲା, ସେଠାରେ ଜଣେ ସ୍ୱର୍ଗଦୂତ ଛିଡା ହୋଇଥିଲେ ।

197 ଆଶ୍ଚର୍ଯ୍ୟ କରେ ଯେ ମରିୟମ କେତେ ଛୋଟ ଅନୁଭବ କରିଥିବେ? କଅଣ ଆପଣ କେବେ ଏହା ବିଷୟରେ ଚିନ୍ତା କରିଛନ୍ତି କି? ମୁଁ ଆଶ୍ଚର୍ଯ୍ୟ କରେ ଯେ କଅଣ ସେ ସେତିକି ଭୟଭୀତ ଅନୁଭବ କରିଥିବେ ଯେତିକି ମୁଁ ଗତକାଲି ଅନୁଭବ କରିଥିଲି?

198 "ପ୍ରଣାମ, ମରିୟମ!" *ପ୍ରଣାମ*ର ଅର୍ଥ "ବନ୍ଦ କର ।" "ମୁଁ ତୁମକୁ ଯାହା କହିବାକୁ ଯାଉଛି ତାହା ପ୍ରତି ଧ୍ୟାନ ଦିଅ । ନାରୀମାନଙ୍କ ମଧ୍ୟରେ ତୁମେ ଧନ୍ୟ, କାରଣ ତୁମେ ପରମେଶ୍ୱରଙ୍କ ଠାରେ କୃପା ପାଇଅଛ, ଏବଂ ତୁମେ ଏକ ସନ୍ତାନ ପ୍ରସବ କରିବାକୁ ଯାଉଅଛ । କୌଣସି ପୁରୁଷଙ୍କୁ ଜାଣି ନାହଁ, କିନ୍ତୁ ତୁମେ ଏକ ସନ୍ତାନ ପାଇବାକୁ ଯାଉଅଛ । ଏବଂ ତୁମର ସମ୍ପର୍କୀୟା ଏଲିସାବେଥ୍, ବୟସଗତ ହୋଇ, ସୁଦ୍ଧା, ସେ ମଧ୍ୟ ଗର୍ଭବତୀ ହୋଇଅଛନ୍ତି, ଏବଂ ଏକ ସନ୍ତାନ ପ୍ରସବ କରିବାକୁ ଯାଉଛନ୍ତି । ଏବଂ ଏହି ଚିହ୍ନଗୁଡ଼ିକ ସାଧନ କରାଯିବ ।"

ସେ କହିଲେ, "ଏହି ବିଷୟଗୁଡିକ କିପରି ହେବ, ଏହା ଜାଣି, ଦେଖି ଯେ ମୁଁ କୌଣସି ପୁରୁଷକୁ ଜାଣେ ନାହିଁ?"

199 ସେ କହିଲେ, "ପବିତ୍ରଆତ୍ମା ତୁମକୁ ଆବୋରିବାକୁ ଯାଉଛନ୍ତି । ସେହି ପବିତ୍ର ବିଷୟ ଯାହା ତୁମେ ଜନ୍ମ ଦେବ ସେ ପରମେଶ୍ୱରଙ୍କ ପୁତ୍ର ଡକାଯିବେ ।"

200 ଉପହାସକାରୀମାନେ ଯାହା ଚାହାଁନ୍ତି ତାହା କୁହନ୍ତୁ । ସେ ଏହା ଜାଣିଥିଲେ । ସେ ଜାଣିଥିଲେ ଯେ ଏହା ଘଟିତ ହେବ, କାରଣ ପରମେଶ୍ୱର ଏହା କହିଥିଲେ ।

201 ତେବେ, ଉତ୍ସର୍ଗର ସେହି ଦିନରେ, କିମ୍ବା ଶିଶୁର ସୁନ୍ନତ ବିଧି ନିମନ୍ତେ ଆସିବା ଦିନରେ, ସେ କିପରି ଅନୁଭବ କରିଥିବେ, ଯେତେବେଳେ ସେଠାରେ ସେ ଏହି ଛୋଟ ଶିଶୁଟିକୁ ନିଜ କୋଳରେ ଧରି, *ସେହିପରି* ଭାବରେ ଚାଲି ଆସିଥିଲେ । ଏବଂ ସମସ୍ତ ସ୍ତ୍ରୀଲୋକମାନେ ଦୂରତା ରକ୍ଷା କରିଥିଲେ, ସମସ୍ତେ ସୂକ୍ଷ୍ମ ଛୁଞ୍ଚି କର୍ମ ବସ୍ତ୍ର ପିନ୍ଧିଥିଲେ, ସେମାନଙ୍କର ଶିଶୁମାନଙ୍କୁ ଉତ୍ସର୍ଗ କରିବା ପାଇଁ ଏବଂ ସେମାନଙ୍କୁ ସୁନ୍ନତ କରିବା ପାଇଁ ଆସିଥିଲେ, ଏବଂ ପ୍ରାୟଃ ସମସ୍ତେ ଗୋଟିଏ ମେଷଶାବକ ଟାଣି ଟାଣି ଆଣୁଥିଲେ । ମାତ୍ର ମରିୟମଙ୍କ ନିଜର ଶୁଦ୍ଧିକରଣ ନିମନ୍ତେ ଧୌତ କରିବା ପାଇଁ, ତାଙ୍କ ପାଖରେ ଦୁଇଟି ଘୁଘୁ କାପ୍ତା ଥିଲା । ସେହି ସାନ ଶିଶୁଟି ସେହି ପଶୁ ବନ୍ଧାଯାଇଥିବା କପଡ଼ାରେ ଆବୃତ ହୋଇଥିଲା, ଯାହାକି ବଳଦର ବେକରେ, ଯୁଆଳି ବନ୍ଧା ହେବା ନିମନ୍ତେ ବ୍ୟବହୃତ ହୋଇଥାଏ, ଏକ ବଳଦର ବେକରେ ଗୁଡ଼େଇ ହୋଇଥାଏ । ତାହା ଗୁହାଳ କୁଣ୍ଡରେ ବ୍ୟବହୃତ ହେଉଥିବା କେବଳ କପଡାଟିଏ ଥିଲା । ସେମାନଙ୍କ ପାଖରେ ତାଙ୍କ

ପାଇଁ କିଛି ହେଲେ ନ ଥିଲା । ସେମାନେ ଅତି ଗରିବ ଥିଲେ । ଏବଂ ଏଠାରେ ମରିୟମ ଛିଡା ହୋଇଥିଲେ ।

202 ଏଥିରେ କୌଣସି ସନ୍ଦେହ ନାହିଁ, ସମସ୍ତ ସ୍ତ୍ରୀଲୋକମାନେ ସେହି ଛୋଟ କୁମାରୀଠାରୁ ଦୂରରେ ରହିଥିଲେ । କହିଥିଲେ, "ତୁମେ ଦେଖୁଛ, ତାହା ପାଖରେ ଏକ ଅବୈଧ ଶିଶୁ ଅଛି ।" ଦେଖନ୍ତୁ ପରମେଶ୍ୱର ଜିନିଷଗୁଡ଼ିକୁ କିପରି ଅତ୍ୟଧିକ ମୌଳିକବାଦୀ ଦିଶିଲା ଭଳି କରନ୍ତି । ଓଃ, ମୋର ପ୍ରଭୁ! ସେ ତ କେବଳ ଶୟତାନର ଆଖି ଉପରେ ଠିକ ପଶମକୁ ଟାଣି ଦିଅନ୍ତି । "କେତେ ଅଶୁଚି! କେତେ ମନ୍ଦ! ବ୍ୟଭିଚାର । ତାହାହିଁ ତ ସେ ଅଟେ । ସେହି ସ୍ତ୍ରୀ ଜଣେ ବ୍ୟଭିଚାରୀ ଅଟେ ।" ତାହା ସେହି ସାନ ମରିୟମଙ୍କ ହୃଦୟରେ ସେହି ସ୍ପନ୍ଦନକୁ ବନ୍ଦ କଲା ନାହିଁ । ସେମାନେ ତାହାଙ୍କଠାରୁ ସେହି ଦୂରତାକୁ ରକ୍ଷା କରିଥିଲେ ।

203 ସେମାନେ ଏବେ ସୁଦ୍ଧା ସେହି ସମାନ କାର୍ଯ୍ୟ କରୁଛନ୍ତି, ତାହାଙ୍କୁ ବର୍ତ୍ତମାନ, "ପବିତ୍ର-ପାଖଣ୍ଡ, କିମ୍ୱା ପାଗଳ," କିଅବା ସେହିପରି କିଛି ଡାକୁଛନ୍ତି ।

ମରିୟମ ଜାଣିଥିଲେ ଯେ ସେହି ଶିଶୁଟି କାହାର ଥିଲା । ସେ ତ କେବଳ, ଠିକ ସେହି ସମାନ ଭାବରେ ଚାଲି ରହିଥିଲେ ।

204 କିନ୍ତୁ, ଓଃ, କଅଣ ସେମାନଙ୍କୁ ଏହା ଧ୍ୟାନ ଦେବା ଉଚିତ୍ ନ ଥିଲା କି, ଯେତେବେଳେ ଶିମିୟୋନ, ପଛରେ କୋଠରୀରେ ବସିଥିଲେ, ତାଙ୍କୁ ପ୍ରତିଜ୍ଞା କରାଯାଇଥିଲା? ସେ ସର୍ବତ୍ର, ଭବିଷ୍ୟଦ୍‌ବାଣୀ ପ୍ରଚାର କରି କରି ଯାଇଥିଲେ । ସେ କହିଥିଲେ, "ପ୍ରଭୁ ମୋତେ ଦେଖା ଦେଇଛନ୍ତି ।" ଏବଂ କହିଲେ, "ମୁଁ ମୃତ୍ୟୁ ଦେଖିବି ନାହିଁ..." ଏବଂ ସେ ସେତେବେଳେ ଅଶୀ-କିଛି ବର୍ଷର ଥିଲେ । "ମୁଁ ତାହାଙ୍କର ପରିତ୍ରାଣ ନ ଦେଖିବା ପୂର୍ବରୁ ମୃତ୍ୟୁକୁ ଦେଖିବାକୁ ଯାଉ ନାହିଁ ।"

205 "ହେ, ଶିମିୟୋନ, ତୁମେ ବୃଦ୍ଧ ଅଟ, ପୁଅ । ତୁମର—ତୁମର...ବୃଦ୍ଧ ବ୍ୟକ୍ତିଙ୍କର ଏକ ପ୍ରକାର ମୁଣ୍ଡ ଖରାପ ହୋଇ ଯାଇଅଛି, ଆପଣ ଜାଣନ୍ତି, ସେ ଟିକିଏ...ତାଙ୍କୁ ଏକାକୀ ଛାଡିଦିଅ । ସେ ନିରୀହ ଅଟନ୍ତି । ସେ କାହାରି ହାନି କରିବେ ନାହିଁ ।"

206 କିନ୍ତୁ ଶିମିୟୋନଙ୍କ ପାଖରେ ପ୍ରଭୁଙ୍କର ବାକ୍ୟ ଥିଲା, କହିଥିଲେ, "ମୁଁ ପରମେଶ୍ୱରଙ୍କ ଆତ୍ମାକୁ ମୋ ଉପରେ ଅବତରଣ କରିବାର ଦେଖିଲି । ମୁଁ ଛିଡା ହୋଇ ତାହାଙ୍କ ଆଡକୁ ଚାହିଁଲି । ସେ ମୋତେ କହିଲେ, 'ଶିମିୟୋନ, ତୁମ୍ଭେ ଜଣେ ଧାର୍ମିକ ଲୋକ ଅଟ । ଏବଂ ତୁମେ ଯାଉ ନାହଁ...ମୁଁ ସେଠାରେ ତୁମକୁ ଏକ ସାକ୍ଷ୍ୟ କରି ରଖିବାକୁ ଯାଉଅଛି ।'" ଉଃ-ହୁଃ । ତାହାହିଁ ସବୁକିଛି ଅଟେ ।

"ହେ ପ୍ରଭୁ, ତୁମେ ଏହା କଅଣ ପାଇଁ କରିବାକୁ ଯାଉଅଛ?"

"ତାହା ମୋର କାମ ଅଟେ ।"

207 ମୋର ମତ ହେଉଛି, ଯେ ସେ ନିଶ୍ଚିତ ଭାବରେ ସେହି ଦିନ, ସେମାନଙ୍କ ଉପରେ କୋଇଲା ଢାଳି ଦେଇପାରନ୍ତି । "ତୁମର ଏକ ସାକ୍ଷ୍ୟ ରହିଥିଲା । ତୁମେ ଏହାକୁ କାହିଁକି ଶୁଣିଲ ନାହିଁ?"

208 ସେଠାରେ ଏକ ବୃଦ୍ଧ ଅନ୍ଧ ଆନ୍ନା ଅଛନ୍ତି, ଯିଏକି ମନ୍ଦିରରେ ବସି, ପ୍ରାର୍ଥନା କରୁଛନ୍ତି । ପ୍ରଭୁ ତାହାଙ୍କୁ ପ୍ରକାଶନ ଦେଇଥିଲେ, "ଶିମିୟୋନ ଠିକ୍ କହୁଛନ୍ତି ।" ଆମେନ୍ । ସେ ଅନ୍ଧାରରୁ ଦିବାଲୋକକୁ ଦେଖି ପାରୁ ନ ଥିଲେ, ମାତ୍ର ସେ ଆଜିର ଅନେକ ଲୋକମାନଙ୍କ ଅପେକ୍ଷା ଯାହାଙ୍କର କି ଭଲ ଆଖି ଅଛି ଅଧିକ ଦୂର ଦେଖି ପାରିଥିଲେ । ସେ ଆତ୍ମାରେ, ଦେଖିଥିଲେ, ଯେ ଖ୍ରୀଷ୍ଟଙ୍କର ଆଗମନ ସନ୍ନିକଟ ଥିଲା, ଆତ୍ମା ତାଙ୍କ ହୃଦୟରେ ବିଚରଣ କରିଥିଲେ ।

209 ଦେଖନ୍ତୁ ସେଠାରେ କେତେ ଛୋଟ ଏକ ମଣ୍ଡଳୀଟିଏ ଥିଲା? ଯିଖରିୟ, ଏଲିସାବେଥ, ମରିୟମ, ଯୋହନ, ଆନ୍ନା, ଏବଂ ଶିମିୟୋନ; ଲକ୍ଷ ଲକ୍ଷ ଲୋକମାନଙ୍କ ମଧ୍ୟରୁ ଛଅ ଜଣ । ନୋହଙ୍କ ସମୟ ପରି । ସେମାନଙ୍କ ମଧ୍ୟରୁ ଛଅ ଜଣ । ପରମେଶ୍ୱର ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ସହିତରେ ବ୍ୟବହାର କରିଥିଲେ । ସେମାନେ ସମସ୍ତେ ଏକମେଳରେ ଥିଲେ । ସେମାନେ ସମସ୍ତେ ଏକାଠି ହୋଇଥିଲେ । ଆମେନ୍ ।

210 ଏଠାରେ, ବୃଦ୍ଧ ଶିମିୟୋନ । ଏଠାରେ ସେହି ସାନ ଶିଶୁ ଆସନ୍ତି । ସେ ଏହା ବିଷୟରେ କେବେବି କିଛି ଶୁଣି ନ ଥିଲେ । ଏଠାରେ ସେହି ଶିଶୁଟି ଅଛନ୍ତି । ଏବଂ ତାହାପରେ ଶିମିୟୋନ ନିଜ କୋଠରୀରେ ବସିଥିଲେ, ଏବଂ ଆତ୍ମା ତାଙ୍କ ଉପରକୁ ଅବତରଣ କଲେ, କହିଲେ, "ଶିମିୟୋନ, ବାହାରକୁ ଯାଅ ।"

211 ଏଠାରେ ସେ, ଚାଲି ଚାଲି ଆସିଲେ, ଏହା ନ ଜାଣି ଯେ ସେ କେଉଁଆଡକୁ ଯାଉଅଛନ୍ତି । ଅବ୍ରହାମଙ୍କ ପରି, ସେ କିଛି ବିଷୟକୁ ଅନ୍ୱେଷଣ କରୁଥିଲେ । ସେ ଜାଣି ନ ଥିଲେ ଯେ ଏହା କେଉଁଠାରେ ଥିଲା, କିନ୍ତୁ ସେ ନିରନ୍ତର ବଢି ଚାଲିଲେ । କିଛି ସମୟ ପରେ, ସେ ଅଟକି ଗଲେ । ଏବଂ ପବିତ୍ରଆତ୍ମା ତାଙ୍କୁ ନିଶ୍ଚୟ କହିଥବେ, "ସେଠାରେ ସେ ଅଛନ୍ତି ।"

212 ସେ ପହଞ୍ଚି ଆସିଲେ, ମରିୟମଙ୍କ କୋଳରୁ, ଶିଶୁଟିକୁ ନିଜ ହାତକୁ ନେଇଗଲେ । ଉପରକୁ ଅନାଇ କହିଲେ, "ହେ ପ୍ରଭୁ, ବର୍ତ୍ତମାନ ତୁମ୍ଭର ଦାସକୁ ଏହି ଜୀବନରୁ ଶାନ୍ତିରେ ପ୍ରସ୍ଥାନ କରିବାକୁ ଦିଅ । ମୋର ଚକ୍ଷୁ ତୁମ୍ଭର ପରିତ୍ରାଣକୁ ଦର୍ଶନ କରୁଅଛି ।" ଯେଉଁ ବିଷୟରେ ସମସ୍ତେ ପରିହାସ କରୁଥିଲେ, ସ୍ତ୍ରୀଲୋକମାନେ ଯାହାଠାରୁ ଦୂରେଇ ଯାଉଥିଲେ, ଶିମିୟୋନ କହିଲେ, "ପ୍ରଭୁ, ଏହା ତୁମ୍ଭର ପରିତ୍ରାଣ ଅଟେ ।"

213 ଏବଂ ପ୍ରାୟଃ ସେହି ସମୟରେ, ଏଠାରେ ଜଣେ ବୃଦ୍ଧ ଅନ୍ଧ ମହିଳା ଆସନ୍ତି, ଦର୍ଶକବୃନ୍ଦଙ୍କ ମଧ୍ୟରେ ଥୁରୁ ଥୁରୁ ହୋଇ, ନିଜ ମାର୍ଗକୁ ଖୋଜି ଖୋଜି ଆସନ୍ତି । ଏବଂ ସେ ତାହାଙ୍କ ପାଖକୁ ଆସିଲେ, ଏବଂ ସେ ମଧ୍ୟ ଭବିଷ୍ୟଦ୍‌ବାଣୀ କଲେ, କାରଣ ସେ ତାହାଙ୍କର ଅପେକ୍ଷା କରୁଥିଲେ । ସେ ମରିୟମଙ୍କୁ କହିଲେ, "ଗୋଟିଏ ଖଡ୍ଗ ତୁମର ହୃଦୟକୁ ବିଦ୍ଧ କରିବ, କିନ୍ତୁ ଏହା ଅନେକଙ୍କ ହୃଦୟର ଚିନ୍ତାଧାରାକୁ ପ୍ରକାଶ କରିବ ।" ବୁଝିଲେ? ଏହା କଅଣ ଥିଲା?

214 ବର୍ତ୍ତମାନ, ମୁଁ ଅନୁମାନ କରୁଛି ଯେ, ସେମାନଙ୍କ ମଧ୍ୟରୁ କେତେକ ସ୍ତ୍ରୀଲୋକ କହିଥିବେ, "ତେବେ ତାହା ଦେଖ! କଅଣ ତୁମେ ଦେଖୁଛ ଯେ ଏହା କେଉଁ ପ୍ରକାର ଶ୍ରେଣୀ ଅଟେ? ଆପଣ ସେଠାରେ ଅଛନ୍ତି । ବୁଝିଲେ? ଏହା ତାହା ଅଟେ । ଦେଖନ୍ତୁ ଯେ ଏହା କେଉଁଠାରେ ଅଟେ? ସେହି ବୃଦ୍ଧ ବ୍ୟକ୍ତି, ତାଙ୍କର ମୁଣ୍ଡ ଖରାପ ହୋଇ ଯାଇଛି । ସେଠାରେ ସେ ସେହିଠାରେ ଅଛନ୍ତି, ସେହି ବେଶ୍ୟା ଝିଅ ସମ୍ମୁଖରେ ଛିଡା ହୋଇ, ସେହିପରି କିଛି ଏକ ବିଷୟ କହିବାକୁ ଚେଷ୍ଟା କରୁଛନ୍ତି । ଆପଣ ସେଠାରେ ଅଛନ୍ତି । ସେହି ଅବୈଧ ଶିଶୁ । ସେହି ବୃଦ୍ଧ ଆନ୍ନାକୁ ଦେଖ, ଏଠାରେ ବସି, ନିଜକୁ ଭୋକରେ ମାରୁଛି, ଏବଂ ସେହିପରି ବିଷୟ କରି ଚାଲିଛି । ସେ ଆମ ଭଳି କୌଣସି ମୌଜ ମଜଲିସ ପାଇପାରିବ ନାହିଁ । କିନ୍ତୁ, ଆପଣ ସେଠାରେ ଅଛନ୍ତି, ଦେଖନ୍ତୁ । ସେ ଏଠାରେ ଦେଶର ସମସ୍ତ ସମାଜରେ ଶାମିଲ ହୋଇପାରନ୍ତି । ସେ ଏକ ଅତ୍ୟନ୍ତ ଭଲ ପରିବାରରୁ ବାହାରି ଆସନ୍ତି, ଦେଖନ୍ତୁ, ଏବଂ ସେ ସେଠାରେ ସମ୍ପୃକ୍ତ ହୋଇପାରନ୍ତି । କିନ୍ତୁ ସେଠାରେ ସେ ଅଛନ୍ତି । ଦେଖନ୍ତୁ ଯେ ସେହି ସମୂହ କିପରି ଏକାଠି ହୁଏ?" ଓଃ, ହଁ । ଆମେନ୍ ।

215 ଆଜି ସେହି ସମାନ କଥା ଅଟେ । "ଖ୍ରୀଷ୍ଟ ଯୀଶୁଙ୍କଠାରେ ସ୍ୱର୍ଗୀୟ ସ୍ଥାନରେ ବସି, ପବିତ୍ରଆତ୍ମାଙ୍କ ଦ୍ୱାରା ଉତ୍ଥାପିତ କରା ଯାଉଅଛୁ ।" ନିଶ୍ଚିତରେ । ହଁ, ଆଜ୍ଞା ।

216 ଓଃ, କଅଣ ଆମ ପାଖରେ ଆଉ ଅଳ୍ପ ଟିକିଏ ସମୟ ଅଛି କି? ମୋତେ କିଛି କହିବାକୁ ଅଛି । [ମଣ୍ଡଳୀ କୁହନ୍ତି, "ହଁ"—ସମ୍ପା ।]

217 ମୋ ପାଖରେ ଏଠାରେ ଆଉ ଏକ ଚରିତ୍ର ଅଛି, ମୁଁ ସେହି ସମୟକୁ ଦେଖୁଅଛି, ଯେତେବେଳେ ବାକ୍ୟ ପ୍ରକଟିତ ହୋଇଥିଲା, ସେହି ପଣ୍ଡିତ ଲୋକମାନେ ।

218 ମୁଁ ଇଚ୍ଛା କରେ ଯେ କାଳେ ମୋ ପାଖରେ ସମୟ ରହିଥାଆନ୍ତା, ଫ୍ରେଡ୍, ଆପଣ ତାହା ପାଠ କରନ୍ତେ । କଅଣ ଆପଣ ଏହାକୁ ନିଜ ପକେଟରେ ରଖିଛନ୍ତି କି? [ଭାଇ ଫ୍ରେଡ୍ ସୋଥମ୍ୟାନ୍ କୁହନ୍ତି, "ହଁ ।"—ସମ୍ପା ।] ମୁଁ ଅନୁମାନ କରୁଛି ଯେ ଆପଣମାନଙ୍କ ମଧ୍ୟରୁ ଅନେକେ ଏହାକୁ ପତ୍ରିକାରେ ଦେଖିଥିବେ ।

219 ତେ-ତିରିଶ ବର୍ଷ ପୂର୍ବେ, ନଦୀ କୂଳରେ ପବିତ୍ରଆତ୍ମା ଯେଉଁ ବିଷୟ କହିଥିଲେ, ସେମାନେ କେବଳ ଏହାକୁ ସତ୍ୟ ବୋଲି ପ୍ରତିପାଦିତ କରିଥିଲେ । ଡିସେମ୍ବର ୨ ତାରିଖ, ସେହି ଜ୍ୟୋତିର୍ବିଜ୍ଞାନର, ଏହାକୁ ପ୍ରମାଣ କରିଥିଲା, ଯେ କିପରି—କିପରି ବୃହସ୍ପତି ଏବଂ ସେହି ନକ୍ଷତ୍ରମାନେ, ସେମାନଙ୍କର ନକ୍ଷତ୍ରପୁଞ୍ଜରେ'!

220 ସେମାନେ ଏକ ପୁରାତନ ଜ୍ୟୋତିର୍ବିଜ୍ଞାନ କ୍ୟାଲେ-…ଏହାର ଚିହ୍ନବର୍ଣ୍ଣ ପାଇଥିଲେ, ସେମାନେ ଖନନ କରିଥିଲେ । ତାହା ଅବିକଳ ଠିକ୍ ସେହି ସମୟ ଥିଲା ଯେ ଏହି ନକ୍ଷତ୍ରପୁଞ୍ଜଟି, ଏହି ତାରାଗୁଡ଼ିକର ନକ୍ଷତ୍ରପୁଞ୍ଜରେ ଏକାଠି ଆସିଥିଲା, ଏବଂ ଠିକ ବାବିଲୋନ ଆଡକୁ ପଠା ଯାଇଥିଲା, ଏବଂ ପଣ୍ଡିତମାନେ ଏହାକୁ ତଳକୁ ନେଇ ଆସିଥିଲେ । କଅଣ ମନେ ଅଛି କି? ସେମାନେ ସେମାନଙ୍କର କକ୍ଷପଥ ଅତିକ୍ରମ କରିଥିଲେ, କମ୍ ଉଚ୍ଚତାରେ ଘୁରିଥିଲେ, କୋଟି କୋଟି ଆଲୋକ ବର୍ଷ ଦୂରତାରେ ରହିଥିଲେ । ଏବଂ ସେହି ଯିହୁଦୀ ପଣ୍ଡିତମାନେ

ଯେଉଁମାନେକି ବାବିଲୋନରେ ଥିଲେ, ସେମାନେ ସେହି ନକ୍ଷତ୍ରପୁଞ୍ଜକୁ, ତାରାଗୁଡିକର ନକ୍ଷତ୍ରପୁଞ୍ଜରେ ଆସିବାର ଦେଖିଥିଲେ । ସେମାନଙ୍କ ମଧ୍ୟରୁ ତିନି ଜଣଯାକ, ଏକାଠି ଆସି, ସେହି ଗୋଟିକ ପ୍ରଭାତୀ ତାରାକୁ ନିର୍ମାଣ କରିଥିଲେ । ଏବଂ ସେମାନେ ତାହା ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ଜାଣିଥିଲେ ଯେ, ତାହା ସେହି ସମୟ ଥିଲା, ଯେତେବେଳେକି ସେହି ତାରାମାନେ ଏକାଠି ହୁଅନ୍ତି, ଯେ ଖ୍ରୀଷ୍ଟ ପୃଥିବୀରେ ରହିବେ ।

221 ସେହି କାରଣରୁ ହିଁ ସେମାନେ କହିବାକୁ ଲାଗିଥିଲେ, "ଯିହୂଦୀମାନଙ୍କର ଜନ୍ମ ହୋଇଥିବା ରାଜା, ସେ କେଉଁଠାରେ ଅଛନ୍ତି? ସେ କେଉଁଠାରେ ଅଛନ୍ତି? କୌଣସି ସ୍ଥାନରେ! କାରଣ, ଯେତେବେଳେ ସେହି ତାରାମାନେ ଆସନ୍ତି, ଏପରିକି ଯେପର୍ଯ୍ୟନ୍ତ ସେମାନଙ୍କର ସ୍ୱର୍ଗୀୟ ଶରୀରଗୁଡିକ ଏହି ଏକ ମହାନ ସ୍ୱର୍ଗୀୟ ଶରୀରରେ ପରିଣତ ନ ହୋଇଯାଏ, ଯେତେବେଳେ ସେହି ତିନୋଟିଯାକ ଏକାଠି ଆସନ୍ତି, ମଶୀହ ସେତେବେଳେ ଧରା ପୃଷ୍ଠରେ ରହିବେ ।" ଏବଂ ଯେତେବେଳେ ସେମାନେ ସେମାନଙ୍କର କକ୍ଷପଥରେ ଘୁରି ଥିଲେ, ସେହି ଲୋକମାନେ ଜାଣିଥିଲେ ଯେ ମଶୀହ ପୃଥିବୀରେ ରହିଥିବେ ।

222 ସେମାନେ ନିଜ କ୍ଷେତ୍ରରେ ଗୁରୁମାନେ ଥିଲେ । ସେମାନେ ମହାନ ବ୍ୟକ୍ତିମାନେ ଥିଲେ । ସେମାନେ ଧାର୍ମିକ ବିଜ୍ଞାନର ସେମାନଙ୍କର କ୍ଷେତ୍ରରେ ଗୁରୁ ଥିଲେ । ସେମାନେ ଏହାର ଧାର୍ମିକ ପକ୍ଷ ଉପରେ ନଜର ରଖିଥିଲେ । ଏବଂ ସେମାନେ ସେହି ତାରା, ବୃହସ୍ପତି ଏବଂ ସରଗାସ୍‌କୁ ଗତି କରୁଥିବାର ଦେଖିଥିଲେ, ଏବଂ ତାହାପରେ ସେଗୁଡିକୁ ସେମାନଙ୍କର—ସେମାନଙ୍କର ରେଖାରେ ଆସିବାର ଦେଖିଥିଲେ, ଏବଂ ସେମାନେ କହିଲେ, "ଆମେ ଜାଣୁ ଯେ ମଶୀହ କୌଣସି ସ୍ଥାନରେ ଅଛନ୍ତି । ତେଣୁକରି, ସେ ନିଶ୍ଚୟ ଯିରୁଶାଲମରେ ରହିବା ଉଚିତ୍, କାରଣ ତାହା ଜଗତର ଧର୍ମ ପାଇଁ, ମଶୀହଙ୍କ ଧର୍ମର ପ୍ରମୁଖ ସ୍ଥାନ ଅଟେ । ତାହା ସେମାନଙ୍କର ମୁଖ୍ୟାଳୟ ଅଟେ । ତାହା ନାମଧାରୀ ସଂସ୍ଥାର ମୁଖ୍ୟାଳୟ ଅଟେ । ସେହିଠାରେ ହିଁ ଅଟେ ଯେଉଁଠାରେକି ସେହି ମହାନ ମାଣ୍ଡଳିକ ପୁରୋହିତ ଗୋଷ୍ଠୀ ବିରାଜମାନ ହୁଅନ୍ତି ।"

223 ଏବଂ ସେମାନେ ଦୁଇ ବର୍ଷ କାଳ, ଓଟ ଉପରେ ଯାତ୍ରା କରି, ଟାଇଗ୍ରିସ୍ ନଦୀ ପାର ହୋଇ ଯାଇଥିଲେ, ପୁଣି ସନ୍ତସନ୍ତିଆ ଭୂମି ଓ ଜଙ୍ଗଲ ଦେଇ, ଯାତ୍ରା କରିଥିଲେ, ହୃଦୟ ଆନନ୍ଦରେ ପରିପୂର୍ଣ୍ଣ କରି, ସହର ଭିତରକୁ ଯାଇଥିଲେ ।

224 ସେମାନେ ଜାଣିଥିଲେ ଯେ ଯେତେବେଳେ ସେହି ତାରାମାନେ ସେଠାରେ ଝୁଲି ରହିଥିଲେ । ଏବଂ ଏହା, ଏପରିକି ସେହି ଜ୍ୟୋତିର୍ବିଜ୍ଞାନୀମାନେ ଆଜି, ମଧ୍ୟ କୁହନ୍ତି, "ଯଦି ସେଗୁଡିକ ପ୍ରକୃତରେ, ସେହି ତାରାଗୁଡିକ, ପୁନର୍ବାର ସେହି ସ୍ଥାନକୁ ଆସନ୍ତି, ଏହା ଗୋଟିଏ ତାରକାକୁ ସୃଷ୍ଟି କରିବ, ଯେଉଁଠାରୁ ସେମାନେ ଛିଡା ହୋଇ, ଦେଖୁଥିଲେ ।" କିନ୍ତୁ ଏହାକୁ ଦେଖିବା ପାଇଁ, ସେମାନଙ୍କୁ ସେହି ସ୍ଥାନରେ ଛିଡା ହେବାକୁ ପଡିଥିଲା । ଆମେନ୍ । ଆମେନ୍ ।

225 ଏଥିରେ ନିର୍ଭର କରେ ଯେ ଆପଣ କେଉଁଠାରେ ଛିଡା ହୋଇଛନ୍ତି । ଏଥିରେ ନିର୍ଭର କରେ ଯେ ଆପଣ କଅଣ ଦେଖୁଛନ୍ତି । ଉ-ହୁଃ । ହଁ ।

226 ତେଣୁକରି ସେମାନେ ଏହା ଦେଖିଥିଲେ, ଏବଂ ସେମାନେ ତାହା ଅନୁସରଣ କରିଥିଲେ, ଏବଂ ସେମାନେ ଠିକ୍ ସେହି ରେଖାରେ ରହିଥିଲେ। ଏଥିରେ ଯାଏ ଆସେ ନାହିଁ ଯେ ସେମାନେ ତାହା କେଉଁଠାରେ ପାଇଥିଲେ, ତାହା ଠିକ ସେମାନଙ୍କ ସହିତରେ ରେଖାରେ ରହିଥିଲା। ଏହା ସେମାନଙ୍କୁ ମାର୍ଗଦର୍ଶନ କରିଥିଲା। ବୁଝିଲେ?

227 ଠିକ ସେହି ପ୍ରକାରେ ହିଁ ଆପଣଙ୍କୁ ସମସ୍ତ ଶାସ୍ତ୍ରକୁ ରେଖାରେ ରଖିବାକୁ ଅଛି, ସବୁକିଛିକୁ, ତାହାପରେ ଶାସ୍ତ୍ର ସହିତ ସେହି ରେଖାରେ ରହିବାକୁ ଅଛି। ତାହା ହିଁ ହେଉଛି ଏକମାତ୍ର ଉପାୟ। ଏହା ଆପଣଙ୍କୁ ସିଧା ସଳଖ ତାହାଙ୍କ ପାଖକୁ ନେଇଯିବ। ନିଶ୍ଚିତ ଭାବରେ ନେବ।

228 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ। ଏଠାରେ ସେମାନେ କାନ୍ଦି କାନ୍ଦି, ଆସିଥିଲେ, "ଯିହୂଦୀମାନଙ୍କର ଜନ୍ମ ହୋଇଥିବା ରାଜା, ସେ କେଉଁଠାରେ ଅଛନ୍ତି?" ଯିରୁଶାଲମ ଭିତରେ, ସେହି ତାରା ସେମାନଙ୍କୁ ସେଠାକୁ, ସିଧା ସଳଖ ନାମଧାରୀ ମୁଖ୍ୟାଳୟକୁ କଢ଼ାଇ ନେଇ ଯାଇଥିଲା। କିନ୍ତୁ ଯେତେବେଳେ ସେମାନେ ଏହା ପାଇଁ ବୁଲି ପଡ଼ିଲେ, ସେହି ତାରା ସେମାନଙ୍କୁ ଛାଡି ଚାଲିଗଲା। ସେମାନେ ସହର ଭିତରକୁ ଗଲେ, ଉପର-ଓ-ତଳ ସେହି ରାସ୍ତାରେ ଗଲେ। ସେମାନେ ଭାବିଲେ ଯେ ସହରଟି ପରମେଶ୍ୱରଙ୍କ ଆନନ୍ଦରେ ପରିପୂର୍ଣ୍ଣ ହୋଇଥିବ। ସେହି ରାସ୍ତାରେ ଉପର-ଓ-ତଳ, ଆନନ୍ଦରେ, ସେମାନେ ଚିତ୍କାର କରି କରି, ଚାଲିଲେ, "ଯିହୂଦୀମାନଙ୍କର ଜନ୍ମିତ ରାଜା ସେ କେଉଁଠାରେ ଅଛନ୍ତି? ଯେତେବେଳେ ଆମେମାନେ ପୂର୍ବରେ ଥିଲୁ, ଆମେ ତାହାଙ୍କ ତାରା ଦେଖିଥିଲୁ, ଏବଂ ଆମେ ତାହାଙ୍କୁ ଉପାସନା କରିବାକୁ ଆସିଅଛୁ।"

229 ମନେରଖନ୍ତୁ, ସେହି ତାରା, ସେମାନେ ପଶ୍ଚିମ ଦିଗଆଡକୁ ଯାଇଥିଲେ। ସେମାନେ ପୂର୍ବରେ ଥିଲେ। "ପଶ୍ଚିମ ଦିଗକୁ ମୁହାଁଇଥିଲା, ତଥାପି ଆଗକୁ ବଢିଥଲା। ଆମକୁ କଢେଇ ନେଉଥିଲା..." ବୁଝିଲେ? ସେମାନେ ସଂପୂର୍ଣ୍ଣ ଭାବରେ...ସେମାନେ ଥିଲେ...ତେବେ, ବାବିଲୋନ ଏବଂ ଭାରତ ପାଲେଷ୍ଟାଇନ୍‌ର ପୂର୍ବରେ ଅବସ୍ଥିତ, ଏକ ପ୍ରକାର ଦକ୍ଷିଣ ପୂର୍ବରେ ଅବସ୍ଥିତ ଅଟନ୍ତି। ଏବଂ ସେମାନେ ପଶ୍ଚିମ ଦିଗ ଆଡକୁ ଯାଉଥିଲେ। "ପଶ୍ଚିମ ଦିଗ ଆଡେ ମୁହାଁଇ," ଆପଣମାନେ ସେହି ଗୀତ ଜାଣନ୍ତି, "ଏବେ ସୁଦ୍ଧା ଆଗକୁ ଯାଉଅଛି। ଆମକୁ ସେହି ସିଦ୍ଧ ଆଲୋକ ଆଡକୁ ମାର୍ଗଦର୍ଶନ କର।" ବୁଝିଲେ? ସେମାନେ, ପଣ୍ଡିତମାନେ, ପଶ୍ଚିମକୁ ଆସୁଥିଲେ। ପୂର୍ବ ଛାଡି, ପଶ୍ଚିମ ଦିଗକୁ ଯାଉଥିଲେ, ଏବଂ ସେମାନେ ସେହି ତାରାକୁ ଦେଖିଥିଲେ। ବର୍ତ୍ତମାନ, ଯଦି ସେମାନେ ପଶ୍ଚିମରେ ଥିଲେ, ପଛକୁ ଚାହିଁଥିଲେ, ସେମାନେ ତାହା ଦେଖି ନ ଥିଲେ। ବୁଝିଲେ?

230 ସେମାନେ, ଯେତେବେଳେ ସେମାନେ ସେଠାରେ ପହଞ୍ଚିଲେ, ଏହା ସେମାନଙ୍କୁ ଠିକ ସେଠାରେ ମାର୍ଗଦର୍ଶନ କରିଥିଲା, ତାହାପରେ ଏହା ସେମାନଙ୍କୁ ଛାଡି ଦେଇଥିଲା। ଏବଂ ସେମାନେ ଭାବିଲେ, "ଏଠାରେ ତାହା ଅଛି। ତାରା ଛାଡି ଚାଲି ଯାଇଅଛି, ତେଣୁ ଏଠାରେ ତାହା ଅଟେ।" ସେମାନେ ସହର ଭିତରେ ଅଛନ୍ତି। ତେଣୁ, "ଓଃ, ମୋର ପ୍ରଭୁ," ସେମାନେ କହିଲେ, "ସମସ୍ତେ କେବଳ ଗୀତ ଗାଉଛନ୍ତି ଏବଂ ଖୁସି ଅଟନ୍ତି। ପରମେଶ୍ୱରଙ୍କ ଗୌରବ

ସବୁକିଛିକୁ ଆଲୋକିତ କରି ଦେଇଅଛି । ତେଣୁକରି, ଆମେମାନେ ଏଠାରେ ଅଛୁ । ଆମେ ଜାଣୁ ଯେ ଆମର—ଆମେ ଜାଣୁ ଯେ ଆମର ସଫଳତା ହେଲା, ଯେତେବେଳେ ଆମେ ସେହି ନକ୍ଷତ୍ରପୁଞ୍ଜକୁ ଦେଖୁଅଛୁ', କେହି ହେଲେ, କୌଣସି ଗୁରୁ, ସେଠାକୁ ଆସି ସେହି ତାରାଗୁଡ଼ିକୁ ଏକାଠି ଟାଣିପାରନ୍ତି ନାହିଁ । ଏବଂ ଆମେ ଜାଣୁ, ଯେତେବେଳେ ସେହି—ଯେତେବେଳେ ସେହି ତାରାମାନେ ସେହି ସ୍ୱର୍ଗୀୟ ଶରୀରକୁ ଆସନ୍ତି, ତାହା ତ ସେହି ସମୟ ଅଟେ ଯେତେବେଳେ ମଶୀହ ପୃଥିବୀ ପୃଷ୍ଠରେ ରହିଥିବେ । ମଶୀହ ପୃଥିବୀ ପୃଷ୍ଠରେ ରହିଥିବେ ।"

231 ଏବଂ ପ୍ରତ୍ୟେକ ଏତେ ଶହ ବର୍ଷରେ, ସେମାନେ ପୁନର୍ବାର ସେମାନଙ୍କର ନକ୍ଷତ୍ରପୁଞ୍ଜକୁ ଅତିକ୍ରମ କରନ୍ତି, ଆପଣ ଦେଖନ୍ତୁ, ଏବଂ ତେବେ ପୃଥିବୀ ପୃଷ୍ଠକୁ ଏକ ଉପହାର ଆସେ । ଧ୍ୟାନ ଦିଅନ୍ତୁ ।

232 "ମଶୀହ ପୃଥିବୀ ପୃଷ୍ଠରେ ରହିଥିବେ, ଯେତେବେଳେ ସେହି—ଯେତେବେଳେ ସେହି ତାରକା ସମୂହ ଏକତ୍ରିତ ହୋଇଥାଆନ୍ତି ।" ଏବଂ ସେମାନେ ଜାଣିଥିଲେ ଯେ ସେ ସେଠାରେ ଅଛନ୍ତି, ତେଣୁକରି ସେମାନେ ଧର୍ମର ମୁଖ୍ୟାଳୟକୁ ଗଲେ, ଏବଂ ଯିବାକୁ ଆରମ୍ଭ କରିଥିଲେ, ଏହି ଓଟଗୁଡ଼ିକ ଉପରେ, ସେମାନେ ରାସ୍ତାର ଉପର ଓ ତଳ ଯାଇଥିଲେ, କହିବାକୁ ଲାଗିଲେ, "ସେ କେଉଁଠାରେ ଅଛନ୍ତି? ସେ କେଉଁଠାରେ ଅଛନ୍ତି? ଯିହୂଦୀମାନଙ୍କର ରାଜା ଯିଏ ଜନ୍ମଗ୍ରହଣ କରିଛନ୍ତି କେଉଁଠାରେ ଅଛନ୍ତି? ଆମେ ପୂର୍ବ ଦିଗରେ ତାହାଙ୍କର ତାରାକୁ ଦେଖିଅଛୁ । ସେ ଏହିଠାରେ କେଉଁଠାରେ ଅଛନ୍ତି । ସେ କେଉଁଠାରେ ଅଛନ୍ତି? ସେ କେଉଁଠାରେ ଅଛନ୍ତି? ସେ କେଉଁଠାରେ ଅଛନ୍ତି?" ହୁଃ! କି ଏକ ନିନ୍ଦା!

233 ସେମାନେ ମହାଯାଜକଙ୍କ ନିକଟକୁ ଗଲେ । ସେ କହିଲେ, ହୁଏତ କହିଥିବେ, "ତୁମେ ବନ୍ଧୁମାନଙ୍କର ସହିତ ମାମଲା କଅଣ ଅଟେ? କାହିଁକି, ତୁମେ ତ ପାଗଳମାନଙ୍କର ସମୂହ ଅଟ!" ବୁଝିଲେ? ସେମାନଙ୍କର ବୈଜ୍ଞାନିକ ସଫଳତା ଉପରେ, କି ଏକ ନିନ୍ଦା ଅଟେ! ପରମେଶ୍ୱରଙ୍କ ଶକ୍ତି ଦ୍ୱାରା, ସେମାନେ ତାହାଙ୍କର ତାରାକୁ ଦେଖିଥିଲେ ଏବଂ ସେମାନେ ପଣ୍ଡିତ, ପ୍ରଖର ବୁଦ୍ଧିର ଥିଲେ । ସେମାନେ ଧାର୍ମିକ ବିଜ୍ଞାନର କ୍ଷେତ୍ରରେ ଥିଲେ । ଏବଂ ସେମାନେ ଜାଣିଥିଲେ, ଯେତେବେଳେ ସେହି ତାରାମାନେ ସେଠାରେ ଏକାଠି ଆସନ୍ତି, ମଶୀହ କୌଣସି ସ୍ଥାନରେ ରହିଥିବେ । ଏବଂ ଏଠାରେ, ସେହି ସ୍ଥାନ ଯାହାକୁକି ଏହା ଜାଣିବାର ଉଚିତ୍ ଥିଲା, ଏହା ବିଷୟରେ କିଛି ହେଲେ ଜାଣି ନ ଥିଲା ।

234 ମୁଁ କଳ୍ପନା କରୁଛି ଯେ, ପିଲାମାନେ ରାସ୍ତାରେ ଛିଡା ହୋଇ, କହିଥିଲେ, "ହାଃ! ତାହା ଦେଖ । ହାଃ! ତାହା ହେଉଛି ପାଗଳମାନମାନଙ୍କର ଏକ ସମୂହ । ସେମାନଙ୍କୁ ଏହା କହୁଥିବାର, ଶୁଣନ୍ତୁ, 'ଯିହୂଦୀମାନଙ୍କର ରାଜା ଯିଏ ଜନ୍ମ ହୋଇଛନ୍ତି, ସେ କେଉଁଠାରେ ଅଛନ୍ତି?' ସେମାନେ ଜାଣନ୍ତି ନାହିଁ ଯେ ହେରୋଦ ଏଠାରେ ରାଜା ଅଟନ୍ତି । ସେମାନେ *ଅମୁକ* ବିଶପ୍‌ଙ୍କୁ ଜାଣନ୍ତି ନାହିଁ ।" ଓଃ, ମୋର ପ୍ରଭୁ!

235 "ଯିହୂଦୀମାନଙ୍କର ରାଜା ଯିଏ ଜନ୍ମଗ୍ରହଣ କରିଛନ୍ତି ସେ କେଉଁଠାରେ ଅଛନ୍ତି? ଆମେ ପୂର୍ବଦିଗରେ ତାହାଙ୍କର ତାରାକୁ ଦେଖିଅଛୁ।"

236 ସେମାନେ କହିଲେ, "ହେ ପଣ୍ଡିତ ଲୋକମାନେ, ତୁମେମାନେ ଏଠାରେ, ଅଖପାଖକୁ ଆସ।" ଉଃ-ହୁଃ। "ଏଠାକୁ ଆସ। କଅଣ ତୁମେମାନେ ସମସ୍ତେ ଏଠାରେ କୌଣସି ସ୍ଥାନରେ ତାରାକୁ ଦେଖୁଅଛ କି?"

"ଓଃ, ମୁଁ ତ ସେହିପରି କିଛି କେବେ ହେଲେ ଦେଖିନାହିଁ।"

237 "ତୁମେ ସମସ୍ତ ଜ୍ୟୋତିର୍ବିଜ୍ଞାନୀମାନେ ଏଠାକୁ ଆସ। କଅଣ ତୁମେମାନେ ସମସ୍ତେ ଏଠାରେ କୌଣସି ସ୍ଥାନରେ ତାରା ଦେଖିଲ କି?"

"ନା। ନା।"

"କଅଣ ତୁମେମାନେ କୌଣସି ପ୍ରକାରର ଏକ ରହସ୍ୟମୟ ଚିହ୍ନ ପରି କିଛି ଦେଖିଅଛ କି?"

"ନା। ଆମେ ସେହିପରି କିଛି ହେଲେ ଦେଖିନାହୁଁ। ନା।"

238 ଏପର୍ଯ୍ୟନ୍ତ ସୁଦ୍ଧା, ନୁହେଁ। ସମାନ କଥା। ସେମାନେ କିଛି ହେଲେ ଦେଖନ୍ତି ନାହିଁ। ସେମାନେ ଏହାକୁ ଦେଖିପାରନ୍ତି ନାହିଁ।

"ଉଃ, ଆସନ୍ତୁ ସେବକମାନଙ୍କୁ—କୁଁ ଡାକିବା। ତୁମ ସମସ୍ତେ କଅଣ କହୁଛ?"

"ନା। ଆମେମାନେ କେବେହେଲେ କୌଣସି ତାରାକୁ ଦେଖିନାହୁଁ।"

239 "ତେବେ, ତୁମେ ପିଲାମାନେ କଅଣ କହୁଛ, ଯେଉଁମାନେକି ସେଠାରେ କାନ୍ଥ ଉପରେ ରହି ସମୟ ଗଣନା କରୁଥାଅ? ତୁମେ ତାରାଗୁଡ଼ିକୁ ଦେଖିଥାଅ। ତୁମେମାନେ ସର୍ବଦା ଜାଣ... ତୁମେମାନେ ଜାଣିଛ ଯେ ସେଠାରେ ସ୍ୱର୍ଗରେ ପ୍ରତ୍ୟେକ ନକ୍ଷତ୍ରପୁଞ୍ଜ କେଉଁଠାରେ ରହିଛି। ତୁମେ ପ୍ରତ୍ୟେକ ତାରାକୁ ଜାଣିଅଛ। କଅଣ ତୁମେମାନେ କିଛି ଦେଖିଲ କି?"

"ନା। ଆମେ କୌଣସି ବିଷୟକୁ ଦେଖି ନାହୁଁ।" କିନ୍ତୁ ଏହା ସେଠାରେ ଥିଲା।

240 ପରମେଶ୍ୱରଙ୍କର ଗୌରବ ହେଉ! ଓଃ, ମୋର ପ୍ରଭୁ! କଅଣ ତୁମେ ଏହାକୁ ଦେଖିପାରୁ ନାହଁ କି? ଏହା ବର୍ତ୍ତମାନ ସେଠାରେ ଅଛି, ଏବଂ ସେମାନେ ଏହାକୁ ଦେଖିପାରୁ ନାହାଁନ୍ତି। ଏହା ଠିକ ସେମାନଙ୍କ, ଚାରିପାଖରେ ହେଉଅଛି, ଏବଂ ସେମାନେ ଏହାକୁ ଦେଖିପାରୁ ନାହାଁନ୍ତି।

241 "ନା। ଆମେ କିଛି ଦେଖିଲୁ ନାହିଁ। ଓଃ, ମୁଁ ସେଠାକୁ ଗଲି। ମୁଁ କିଛି ଦେଖିଲି ନାହିଁ।" ନିଶ୍ଚିତରେ, ତୁମେ ଦେଖି ନାହଁ। କେବଳ ଅତ୍ୟଧିକ ଅନ୍ଧ ଅଟ। ଏହା ଦେଖିବା ତୁମର କାମ ନୁହେଁ। ବୁଝିଲେ? ଯଦି ତୁମେ ସେତିକି ଅନ୍ଧ ଅଟ, କାହିଁକି, ନିଶ୍ଚିତରେ, ତୁମେ ଏହାକୁ ଦେଖିବ ନାହିଁ।

242 ଏହା ତ କେବଳ ସେହିମାନଙ୍କ ପାଇଁ ଅଟେ ଯେଉଁମାନଙ୍କ ନିକଟରେ ପରମେଶ୍ୱର ଏହାକୁ ପ୍ରକାଶ କରିବେ। ସେମାନେ ହିଁ ଅଟନ୍ତି ଯେଉଁମାନେକି ଏହାକୁ ଦେଖିବେ। ସର୍ବଦା ସେହିପରି ହିଁ ରହିଆସିଛି। ନିଶ୍ଚିତରେ।

243 ଏହା ନୋହ ଥିଲେ ଯିଏକି ଆକାଶରେ ବର୍ଷା ଦେଖି ପାରିଥିଲେ, ଆପଣମାନେ ଜାଣନ୍ତି, କିନ୍ତୁ ବାକିମାନେ ତାହା ଦେଖିପାରି ନ ଥିଲେ। ବୁଝିଲେ? ସେମାନେ ସେଠାରେ ଉପରେ ବର୍ଷା ଦେଖି ନ ଥିଲେ, କିନ୍ତୁ ନୋହ ତାହା ଦେଖିଥିଲେ।

244 ଏହା ଅବ୍ରହାମ ଥିଲେ ଯିଏକି ସାରାଙ୍କୁ ଶିଶୁ କୋଳ କରିଥିବାର ଦେଖିଥିଲେ। ତାହା ଠିକ୍ ଅଟେ। ଏହା ସେହି ପରିହାସକାରୀମାନେ ଦେଖି ନ ଥିଲେ ଯେଉଁମାନେକି କହିଥିଲେ, "ହେ ଜାତିର ପିତା, ତୁମର ବର୍ତ୍ତମାନ କେତେ ସନ୍ତାନ ଅଛନ୍ତି?"

245 ଆମେମାନେ କିପରି ବାଇବଲ ଦେଇ, ସାଧୁମାନଙ୍କ ଏବଂ ଭବିଷ୍ୟଦ୍‌ବକ୍ତାଙ୍କ ଦେଇ, ସମସ୍ତ ସ୍ଥାନରୁ ଆସିପାରିବା! "ବିଶ୍ୱାସ ଅଦୃଶ୍ୟ ବିଷୟଗୁଡ଼ିକର ପ୍ରମାଣ ଅଟେ।" ସେମାନେ ଜାଣିଥିଲେ ଯେ ବାକ୍ୟ କୁହା ଯାଇଅଛି, ଏବଂ ତାହା ସେଠାରେ ଅଟେ। *ଏଠା*ରେ ତାହାର ପ୍ରମାଣ ଅଛି। ସେମାନେ ଏହାକୁ ଦେଖନ୍ତି। ବର୍ତ୍ତମାନ ଧ୍ୟାନ ଦିଅନ୍ତୁ। ଓଃ, ମୋର ପ୍ରଭୁ!

"ଆମର ପଣ୍ଡିତମାନେ ସେହି ତାରାକୁ ଦେଖନ୍ତି ନାହିଁ। ଏଥିରେ କିଛି ହେଲେ ନାହିଁ।"

246 କାହିଁକି? ବାସ୍ତବରେ, ଯେତେବେଳେ ସେମାନେ ଦେଖୁଥିଲେ, ଏବଂ ସେମାନେ ଏପରି ଗୋଷ୍ଠୀ ସହିତ ଭିତରକୁ ଗଲେ, ତାରା ଅଦୃଶ୍ୟ ହୋଇ ଯାଇଥିଲା।

247 ଆଜି ସେହି ସମାନ କଥା ଅଟେ। ତାହା ହିଁ ଅଟେ ଯାହାକି ଅନେକ ପ୍ରକାଶଗୁଡିକୁ ଆଲୋକବିହୀନ କରି ଦିଏ, ତାହା ଠିକ୍ ଅଟେ, ସେହିଭଳି ଏକ ଗୋଷ୍ଠୀ ସହିତ ଜଡିତ ହେବା, ଯାହାକି ପ୍ରଥମ ସ୍ଥାନରେ, ଏହାକୁ ବିଶ୍ୱାସ ସୁଦ୍ଧା କରେ ନାହିଁ। ଏବଂ ଆମେ କିପରି ମଣ୍ଡଳୀଗୁଡିକର ଏକ—ଏକ ସଂଘ ନିର୍ମାଣ କରିବାକୁ ଯାଉଅଛୁ? "ଆମେମାନେ ସହମତ ନ ହୋଇ କିପରି ଏକାଠି ଚାଲିବାକୁ ଯାଉଅଛୁ?" କିପରି ଏଠାକାର ଏହି...ସେହି ସହଭାଗୀତାର, ବିଶ୍ୱ-ବ୍ୟାପୀ, ସମସ୍ତ ସେହି—ସେହି ମଣ୍ଡଳୀଗୁଡିକ, ଜଗତର ମିଳିତ ମଣ୍ଡଳୀ? ଆମେମାନେ କିପରି ଏକତ୍ର ହେବାକୁ ଯାଉଅଛୁ, ଯେତେବେଳେ ଆମେ ଲକ୍ଷ ଲକ୍ଷ ମାଇଲ ଦୂରରେ ଅଟୁ? ବୁଝିଲେ? ଆମେ ଏହା କିପରି କରିବାକୁ ଯାଉଅଛୁ? ଆମ ସହିତରେ ଥିବା ପ୍ରଚାରକଗଣ, ଏବଂ *ଏହା*, ଏବଂ *ତାହା*, ଏବଂ *ତାହା*, ଏବଂ ସମସ୍ତେ ଏକତ୍ର, ଏବଂ ତଥାପି ଏହିପରି ଦୁର୍ନୀତିର ଏକ ସମୂହ ସହିତ ମିଳିତ ଅଟନ୍ତି।

248 ପରମେଶ୍ୱର ଏକ ପତ୍ନୀ ପ୍ରାପ୍ତ କରୁଛନ୍ତି ଯାହାକି ଶୁଦ୍ଧ, ପବିତ୍ର, ଅମିଶ୍ରିତ, ପୁଣି ତାହାଙ୍କ ବାକ୍ୟ ସହିତ ରହିଥାଏ। ଠିକ୍ ଅଛି।

249 ବାକ୍ୟ ପାଇଁ ଯୀଶୁଙ୍କ ନିନ୍ଦା। (ଏବଂ ତାହାପରେ ଆମେମାନେ, ମାତ୍ର ଗୋଟିଏ ମିନିଟରେ ଅଟକି ଯିବା।) ଯୀଶୁ ବାକ୍ୟ ନିମନ୍ତେ ନିନ୍ଦିତ ହୋଇଥିଲେ। ଏଠାରେ ଦେଖନ୍ତୁ। ସେ କିପରି

ନିନ୍ଦାକୁ ସହ୍ୟ କରି ପାରିଥାନ୍ତେ, ଯେତେବେଳେ ସେ ଈଶ୍ୱରୀୟ, ପରମେଶ୍ୱରଙ୍କ ଅବତାର ଥିଲେ? ସେ ତ ନିଜେ, ପରମେଶ୍ୱର, ମାଂସମୟ ଶରୀର ଧାରଣ କରିଥିଲେ ।

250 ବର୍ତ୍ତମାନ, ଆପଣ ଜାଣନ୍ତି ଯେ ବାଇବଲ ଏହିପରି ହିଁ ବ୍ୟକ୍ତ କରେ । "ଆମେ ତାହାଙ୍କୁ ହସ୍ତଗତ କରିଥିଲୁ । ସ୍ୱର୍ଗଦୂତମାନେ ତାହାଙ୍କୁ ଦେଖିଥିଲେ ।" କେବଳ ତାହା ବିଷୟରେ ଚିନ୍ତା କରନ୍ତୁ । ମୁଁ ବିଶ୍ୱାସ କରେ ଯେ ତୀମଥି ଏହାକୁ ସେହିପରି କିଛି ଭାବରେ ଉପସ୍ଥାପନ କରନ୍ତି । ବୁଝିଲେ? ଯେ, "ନିଃସନ୍ଦେହତଃ ପରମେଶ୍ୱର ପରାୟଣତାର ନିଗୁଢତତ୍ତ୍ୱ ମହାନ; କାରଣ ପରମେଶ୍ୱର ଶରୀରରେ ପ୍ରକଟିତ ହୋଇ, ସ୍ୱର୍ଗଦୂତମାନଙ୍କ ଦ୍ୱାରା ଦେଖା ଯାଇଥିଲେ ।"

251 ତାହାଙ୍କ ଜନ୍ମ ସମୟରେ ସ୍ୱର୍ଗଦୂତମାନେ ଥିଲେ । କିପରି ସେହି ସ୍ୱର୍ଗଦୂତମାନେ ନିଶ୍ଚୟ ତଳକୁ ଚାହିଁ ଆନନ୍ଦିତ କରିଥିବେ, ଯେତେବେଳେ ସେମାନେ ତଳେ ଗୁହାଳ କୁଣ୍ଡକୁ ଦେଖିଥିବେ ଓ ପରମେଶ୍ୱରଙ୍କୁ ଅବତାର କରିବାର ଦେଖିଥିବେ । ଆମେନ୍ । ଏଥିରେ କୌଣସି ଆଶ୍ଚର୍ଯ୍ୟଜନକ ବିଷୟ ନୁହେଁ ଯେ ସେମାନେ ଚିତ୍କାର କରିବା ଆରମ୍ଭ କରି ଦେଇଥିବେ, "ଆଜି, ଦାଉଦ ନଗରରେ, ତ୍ରାଣକର୍ତ୍ତା ଖ୍ରୀଷ୍ଟ ଜନ୍ମଗ୍ରହଣ କରିଛନ୍ତି ।" ସ୍ୱର୍ଗଦୂତମାନେ ଆନନ୍ଦ କଲେ, ଏବଂ ସେମାନେ ସେମାନଙ୍କର ବଡ଼ ବଡ଼ ଡେଣାକୁ ଏକାଠି ବିସ୍ତାରିତ କଲେ, ଏବଂ ଯିହୁଦାର ପର୍ବତ ଦେଶରେ, ସେମାନେ ଗୀତ ଗାନ କଲେ, "ସର୍ବୋପରିସ୍ଥ ପରମେଶ୍ୱରଙ୍କର ମହିମା ହେଉ, ପୃଥିବୀରେ ଶାନ୍ତି, ଏବଂ ମନୁଷ୍ୟମାନଙ୍କ ପ୍ରତି ଉତ୍ତମ ଇଚ୍ଛା ହେଉ ।" ସେମାନେ ପରମେଶ୍ୱରଙ୍କ ବାକ୍ୟ ଦେଖିଥିଲେ, ଯେ ସେମାନେ ଏହାକୁ ପ୍ରକଟିତ ହେଉଥିବାର ଦେଖିବା ପାଇଁ, ତାହା ଉପରେ ଦୃଷ୍ଟି ରଖିଥିଲେ । ଏବଂ ତାହା ସେଠାରେ ଥିଲା ।

252 ବର୍ତ୍ତମାନ, ଶୟତାନ ତାହା ବିଶ୍ୱାସ କରି ନ ଥିଲା, ଆପଣ ଜାଣନ୍ତି । ସେ କହିଲା, "ଯଦି ତୁମେ..."

ସେହି ସ୍ୱର୍ଗଦୂତ କହିଲେ, "ସେ ଅଟନ୍ତି ।" ତାହାହିଁ ହେଉଛି ପାର୍ଥକ୍ୟ ।

"ଯଦି ତୁମେ ଅଟ, ତାହାହେଲେ *ଅମୁକ-ଓ-ଅମୁକ* କର । ଆସୁ ତେବେ ତୁମକୁ ତାହା କରୁଥିବାର ଦେଖିବା ।"

କିନ୍ତୁ ସ୍ୱର୍ଗଦୂତ କହିଲେ, "ସେ ସେଠାରେ ଅଛନ୍ତି ।"

253 ସେହି ପଣ୍ଡିତମାନେ ସେମାନଙ୍କର ଧାର୍ମିକ ବିଜ୍ଞାନ ସହିତ, କହିଥିଲେ, "ସେ ସେଠାରେ ଅଛନ୍ତି ।" ଆମେନ୍ ।

254 ସେହି କାରଣରୁ ପୁରାତତ୍ତ୍ୱବିତ୍ ଏବଂ ଆଜି ସବୁକିଛି ଏହି ଜିନିଷଗୁଡିକୁ ଖନନ କରୁଛନ୍ତି, ଯାହାକି କିଛି ବର୍ଷ ପୂର୍ବେ ଭବିଷ୍ୟତ୍‌ବାଣୀ କରାଯାଇଥିଲା, ଯେ ତାହା ଘଟିବ । ଏବଂ ଏଠାରେ ସେମାନେ, ଖନନ କରୁଛନ୍ତି । ସେମାନେ କେବେ ବି...

255 ଏପରି କୌଣସି ଇତିହାସ ନାହିଁ ଯାହାକି କେବେ କହିଥିଲା ଯେ ପନ୍ତିୟ ପୀଲାତ କେବେ ପୃଥିବୀରେ ରହିଥିଲେ । କଅଣ ଆପଣ ତାହା ଜାଣିଥିଲେ କି? ତୁମମାନଙ୍କ ମଧ୍ୟରୁ କେତେକ ସ୍କୁଲ ପିଲାମାନେ ମୋତେ କୁହ ଯେ ଇତିହାସରେ କେଉଁଠାରେ କୌଣସି ବିଷୟ ଅଛି ଯାହାକି

କୁହେ ଯେ ପନ୍ତିୟ ପୀଲତ ରହିଥିଲେ । ଏବଂ ଅବିଶ୍ୱାସୀମାନେ ଏହାକୁ ପରିହାସ କରନ୍ତି ଏବଂ ଏହାକୁ ଥଟ୍ଟା କରନ୍ତି, କୁହନ୍ତି, "ପନ୍ତିୟ ପୀଲତ, ନାମକ ଏପରି ଜଣେ—ଜଣେ ରୋମୀୟ ସମ୍ରାଟ, ଜଣେ—ଜଣେ ଅଧ୍ୟକ୍ଷ କେବେ ହେଲେ ନ ଥିଲେ ।" କିନ୍ତୁ ପ୍ରାୟଃ ଛଅ ସପ୍ତାହ ପୂର୍ବରୁ, ସେମାନେ କୋଣର ପଥରକୁ ଖୋଳିଥିଲେ: ପନ୍ତିୟ ପୀଲତ, ଅଧ୍ୟକ୍ଷ । ଓଃ, ମୋର ପ୍ରଭୁ! ଏପରି ନିର୍ବୋଧତା!

256 ସେମାନେ କହିଲେ, "ଇତିହାସରେ କେବେ ହେଲେ ଜଣେ ରାମେସିସ୍, ମିସର ଉପରେ ରାମେସିସ୍ ନ ଥିଲେ ।" କିନ୍ତୁ ସେମାନେ ଏକ ପଥର ଖୋଳିଲେ, ପୁରାତତ୍ତ୍ୱବିତ୍: ସେହି ରାମେସିସ୍, ଦ୍ୱିତୀୟ । ଧ୍ୟାନ ଦିଅନ୍ତୁ ।

257 ଏବଂ ସେମାନେ କହିଥିଲେ ଯେ ସେହି କାନ୍ଥଗୁଡିକ କେବେ ହେଲେ ତଳେ ପଡ଼ି ନ ଥିଲା । ପୁରାତତ୍ତ୍ୱବିତ୍‌ମାନେ ଚାରିଆଡ଼େ ଖୋଳିଥିଲେ, ଏବଂ, ପ୍ରଥମ ବିଷୟ ଆପଣ ଜାଣନ୍ତି, ସେମାନେ ଖୋଳିଥିଲେ, ଠିକ ସେଠାରେ ଯେଉଁଠାରେକି ଯିରୀହୋରେ କାନ୍ଥଗୁଡ଼ିକ ଭୁସୁଡି ଯାଇଥିଲା, ଆପଣ ଜାଣନ୍ତି, ଯେତେବେଳେ ତୂରୀ ବାଜିଥିଲା । ସେମାନେ କହିଲେ, "ତାହା କେବଳ ଏକ ପୌରାଣିକ କଥା ଥିଲା, ଗୋଟିଏ ଗୀତ ଯାହାକି କେହି ଜଣେ କହିଥଲେ, ସେଠାରେ ପଶ୍ଚାତ ସମୟରେ ଗୀତ ଗାଇଥିଲେ ।" ହଁ । ସେହି ନିନ୍ଦକମାନେ ତାହା କୁହନ୍ତି । "ତାହା କେବଳ ଏକ ପୁରାଣ ଥିଲା । ସେଠାରେ କେବେ ହେଲେ କାନ୍ଥଗୁଡ଼ିକ ଭୁସୁଡି ପଡ଼ିବା ଭଳି କୌଣସି ବିଷୟ ନ ଥିଲା, ଏବଂ ଯିହୋଶୂୟ ଏକ ତୂରୀଶବ୍ଦ କରିଥିଲେ, ଓ କାନ୍ଥ ଆଡକୁ ଦୌଡ଼ି ଯାଇଥିଲେ ଏବଂ ସେଗୁଡିକ ଭୁସୁଡି ପଡ଼ିଥିଲା । ଏପରି କୌଣସି ବିଷୟ କେବେ ହେଲେ ନ ଥିଲା ।" ଏବଂ କୌଣସି ଜଣେ ମହାନ ଖ୍ରୀଷ୍ଟିଆନ ପୁରାତତ୍ତ୍ୱବିତ୍ କେବଳ ଖୋଳି ଚାଲିଥିଲେ, କାରଣ ସେ ଜାଣିଥିଲେ ଯେ ଏହାକୁ ସେହିପରି ହେବାର ଅଛି । ସେ କୌଣସି ତିରିଶ-କିଛି ଫୁଟ୍ ଖୋଳିଥିଲେ, ତାହା ତଳେ ଯେଉଁଠାରେକି ଅବଶିଷ୍ଟ ଲୋକମାନେ ଥିଲେ । ସେଠାରେ କାନ୍ଥଗୁଡ଼ିକ, ଠିକ ଗୋଟିଏ ଅନ୍ୟ ଉପରେ ଗଦା ହୋଇ ରହିଥିଲା, ଠିକ୍ ଯେପରିକି ବାକ୍ୟ କହିଥିଲା ।

258 ସେମାନେ କହିଲେ, "ଏପରି କୌଣସି ବିଷୟ ନ ଥିଲା ଯାହାକି ଦାଉଦ କେବେ ତାଙ୍କ ବାଦ୍ୟଯନ୍ତ୍ରରେ ବଜାଇଥିଲେ, ଏକ ତାରବାଦ୍ୟ ବୀଣାଯନ୍ତ୍ର, 'କାରଣ ତାରବାଦ୍ୟ ସଂଗୀତ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଜଣା ନ ଥିଲା ।" କହିଲେ, "ଏପରି କୌଣସି ହେଲେ ବିଷୟ କେବେ ନ ଥିଲା ।" ଖ୍ରୀଷ୍ଟିଆନ ପୁରାତତ୍ତ୍ୱବିତ୍‌ମାନେ, ସେଠାରେ ମିସରରେ ଖୋଳିଥିଲେ । ଚାରି ହଜାର ବର୍ଷ ପୂର୍ବେ, ସେମାନଙ୍କ ପାଖରେ ତାର ବାଦ୍ୟଯନ୍ତ୍ର ଥିଲା । ଆମେନ୍ । ଓଃ, ମୋର ପ୍ରଭୁ!

259 ସେମାନେ ଏବ୍ରୀ ପିଲାମାନଙ୍କ ବିଷୟରେ କହିଥିଲେ, ଯେ ସେମାନେ ନଡ଼ାରୁ, ପଥର ଏବଂ ସେହିପରି ବିଷୟସବୁ ନିର୍ମାଣ କରିଥିଲେ, "ସେହିପରି କୌଣସି ବିଷୟ ନ ଥିଲା ।" ପୁରାତତ୍ତ୍ୱବିତ୍‌ମାନେ ସେଠାରେ ଖୋଳିବାକୁ ଯାଇଥିଲେ । ସେମାନେ କଅଣ ପାଇଲେ? ତାହା ହେଉଛି ବିଜ୍ଞାନ । ସେମାନେ କଅଣ ପାଇଲେ? ସେହି ନଗରର କାନ୍ଥଗୁଡିକ ଯାହାକି ଏବ୍ରୀ ଲୋକମାନେ ନିର୍ମାଣ କରିଥିଲେ, ପଥରର ପ୍ରଥମ ସ୍ତର ଲମ୍ବା ନଡ଼ାଗୁଡିକ

ଥିଲା; ଦ୍ୱିତୀୟଟି ଛୋଟ ଛୋଟ ଖଣ୍ଡରେ କଟା ହୋଇଥିବା କ୍ଷୁଦ୍ର କୁଟାଗୁଡିକ ଥିଲା; ଏବଂ ତୃତୀୟଟିରେ, ଆଦୌ ନଡ଼ା ହିଁ ନ ଥିଲା । ଓଃ, ମୋର ପ୍ରଭୁ!

> ରାଷ୍ଟ୍ର ଭଗ୍ନ ହେଉଅଛି, ଇସ୍ରାଏଲ ଜାଗ୍ରତ ହେଉଅଛି,
> ସେହି ଚିହ୍ନମାନ ଯାହାକି ଭବିଷ୍ୟଦ୍‌ବକ୍ତାମାନେ ଭବିଷ୍ୟତ୍‌ବାଣୀ କରିଥିଲେ;

260 ହଁ, ଆଜ୍ଞା । ଭାଇ, ଭଉଣୀ, ଏହା ସବୁକିଛି ଠିକ ଆମ ପାଖକୁ ଚାଲି ଆସିଛି । ଏହା କାହିଁକି ଅଟେ? ବିଗତ କିଛି ବର୍ଷ ମଧ୍ୟରେ, ଚଳଚ୍ଚିତ୍ର ଜଗତ ତାହା କେବେହେଲେ କରି ନାହିଁ ଯାହାକି ଏହା ଏବେ କରିଅଛି । ପରଦାରେ ସେସିଲ ଡିମିଲିଙ୍କ *ଦି ଟେନ୍ କମାଣ୍ଡମେଣ୍ଟସ*ର ଏକ କାହାଣୀ ଆସିଛି । ପରଦାରେ *ବେନ ହୁର* ମାଧ୍ୟମରେ ଯୀଶୁ ଖ୍ରୀଷ୍ଟଙ୍କ ଜୀବନ ଆସିଛି । ପରଦାରେ ପିତରଙ୍କ ରୂପାନ୍ତଣ ଉପରେ, *ଦି ବିଗ୍ ଫିସରମ୍ୟାନ୍* ଆସିଛି । ଏବଂ ଏହି ସମସ୍ତ ଧାର୍ମିକ ନାଟକମାନ, ଯାହାକି ଚଳଚ୍ଚିତ୍ର ମନା କରି ଦେଇଥିଲା, ଓ ଅଶୁଚି କରି ଦେଇଥିଲା, ଏବଂ ଫିଙ୍ଗି ଦେଇଥିଲା । ମାତ୍ର, ପରମେଶ୍ୱର, ତାହାଙ୍କର ଶକ୍ତିଶାଳୀ ସାମର୍ଥ୍ୟରେ, ଏହାକୁ ଠିକ ସେହି ସମାନ ଭାବରେ, ଉଚ୍ଚାରିତ କରିଥିଲେ ।

261 ଠିକ ବର୍ତ୍ତମାନ, ସେହି ବିଷୟଗୁଡିକ ଯାହା କିଛି ବର୍ଷ ପୂର୍ବେ କୁହାଯାଇଥିଲା, ପରମେଶ୍ୱରଙ୍କର, ଜଣେ ଦୁର୍ବଳ, ଛୋଟ ନମ୍ର ସେବକ, ସ୍ୱୟଂ ମୁଁ, ମୁଁ କହିଥିଲି, "ସେଠାରେ ଏକ ପ୍ରକାଶ ଅଛି ଯାହାକି ଛିଡା ହୋଇ ମୋ ସହିତ କଥାବାର୍ତ୍ତା କରିଥିଲା, ଏବଂ ମୋତେ ବିଷୟଗୁଡିକୁ କରିବା ପାଇଁ କହିଥିଲା ।" ଲୋକମାନେ ହସିଥିଲେ ଓ କହିଲେ, "ତାର ମୁଣ୍ଡ ଟିକିଏ ଖରାପ ହୋଇଯାଇଛି ।" ଏହାର ଏକ ଫଟୋଚିତ୍ର ଅଛି । ବିଜ୍ଞାନ ଏହାକୁ ନେଇଥିଲା । ଏହା ସେଠାରେ ଅଛି । ଏହା ସତ୍ୟ ଅଟେ ।

ମୁଁ କହିଥିଲି, "ସେହି ମହିଳା ଜଣକ ମୃତ୍ୟୁର ଛାଇ ତଳେ ଅଛନ୍ତି ।"

262 ସେମାନେ କହିଲେ, "ଏକ ଛାଇ, ବର୍ତ୍ତମାନ, ତାହା ନିର୍ବୋଧତା ଅଟେ । ସେ ତ କେବଳ ଏହାକୁ ନିଜ ମନରେ ଗଢୁଅଛି ।"

263 ସେଠାରେ ଏହାର ଫଟୋଚିତ୍ର ଅଛି । ପରମେଶ୍ୱର ପଥରଗୁଡ଼ିକୁ ଚିତ୍କାର କରିବାକୁ ବାଧ୍ୟ କରାଇବେ । ସେ ଯାହା ଚାହାଁନ୍ତି ତାହା କରିବାକୁ ସକ୍ଷମ ଅଟନ୍ତି ।

264 ଯୀଶୁ, ବାକ୍ୟ ପାଇଁ ନିନ୍ଦା । ସେଠାରେ ପରମେଶ୍ୱରଙ୍କ ଦିବ୍ୟ ପୁତ୍ର, ଇମ୍ମାନୁଏଲ୍ ଛିଡା ହୋଇଥିଲେ, କି ଏକ ନିନ୍ଦା! ଅବିଶ୍ୱାସୀ ପାପୀ ତାଙ୍କୁ ବାନ୍ଧି ପକାଉ, ତାଙ୍କ ମୁହଁରେ ଛେପ ପକାଉ, ଏବଂ ମୁଠାଏ ଦାଢୀ ଟାଣୁ, ଏବଂ ଏହା ବିଷୟରେ ସେ କଅଣ କରିବେ ବୋଲି ତାଙ୍କୁ ଯାଥାଚ୍ଛା କରୁ । ବାକ୍ୟ ପାଇଁ ନିନ୍ଦା! ଉଃ-ହୁଃ । କଅଣ? ପିତାଙ୍କର ବାକ୍ୟକୁ ସଫଳ କରିବା ନିମନ୍ତେ । ଓଃ! କିନ୍ତୁ, ମନେରଖନ୍ତୁ, ତାହାଙ୍କୁ ତ ମୃତ୍ୟୁର ନିନ୍ଦାକୁ ଅବଶ୍ୟ ସହ୍ୟ କରିବାକୁ ହେବ । ପରମେଶ୍ୱର, ଯିଏକି ମରି ପାରନ୍ତି ନାହିଁ, ଏବଂ କେବଳ ସେହି ଜଣକ ଯିଏକି ପାପୀକୁ ବଞ୍ଚାଇବା ପାଇଁ ମରିପାରନ୍ତି । ଅନ୍ୟ କେହି ନୁହଁ, କୌଣସି ଦ୍ୱିତୀୟ ବ୍ୟକ୍ତି କିମ୍ବା ତୃତୀୟ ବ୍ୟକ୍ତି,

ଏହା କରିପାରନ୍ତି ନାହିଁ । ପରମେଶ୍ୱର ନିଜେ ହିଁ କେବଳ ଜଣେ ଯିଏକି ଏହା କରିପାରନ୍ତି । ଏବଂ ଏଠାରେ ସେ ଥିଲେ ।

265 ସେ କହିଲେ, "କୌଣସି ବ୍ୟକ୍ତି ଉର୍ଦ୍ଧ୍ୱକୁ ଯାଇ ନାହାଁନ୍ତି ମାତ୍ର ଯିଏକି ତଳକୁ ଓହ୍ଲାଇଛନ୍ତି, ଏପରିକି ମନୁଷ୍ୟପୁତ୍ର ସୁଦ୍ଧା ଯିଏକି ବର୍ତ୍ତମାନ ସ୍ୱର୍ଗରେ ଅଛନ୍ତି ।" ଆମେନ୍ ।

266 ସେମାନେ କହିଲେ, "ଆମମାନଙ୍କର ପିତୃପୁରୁଷମାନେ ପ୍ରାନ୍ତରରେ ମାନ୍ନା ଖାଇଥିଲେ ।"

"ଏବଂ ସେମାନେ ମୃତ ଅଟନ୍ତି," ସେ କହିଲେ ।

"ଏବଂ ତୁମେ କହୁଛ ଯେ ତୁମେ ଜୀବନର ରୋଟି ଅଟ?"

267 ସେ କହିଲେ, "ଅବ୍ରହାମ ପୂର୍ବରୁ, **ମୁଁ ଅଟେ** । ମୁଁ ଜୀବନର ରୋଟି ଅଟେ । ମୁଁ ହେଉଛି ସେହି **ମୁଁ ଅଟେ** ।"

268 ସେମାନେ କହିଲେ, "ତୁମେ ତ ପଚାଶ ବର୍ଷ ବୟସର ସୁଦ୍ଧା ନୁହଁ, ଏବଂ କହୁଛ ଯେ ତୁମେ 'ଅବ୍ରହାମଙ୍କୁ ଦେଖିଅଛ'?"

269 ସେ କହିଲେ, "ଅବ୍ରହାମ ପୂର୍ବରୁ, **ମୁଁ ଅଟେ** ।" ଏବଂ ତାହାପରେ ପାପୀମାନଙ୍କୁ ତାଙ୍କୁ ବାନ୍ଧିବାକୁ ଦିଅନ୍ତୁ, ସେହି ନାମଧାରୀ ମଣ୍ଡଳୀ, ତାଙ୍କୁ ବାନ୍ଧନ୍ତୁ ।

270 ଆପଣମାନଙ୍କର ମନେ ଥିବ, ଏହି ଶେଷ ଦିନରେ, ଏହି ଧନୀ ଲାଅଦୀକିୟ ମଣ୍ଡଳୀ, ସେମାନେ ତାହାଙ୍କୁ, ଏପରିକି, ମଣ୍ଡଳୀରୁ ବାହାର କରି ଦେଇଛନ୍ତି । କଅଣ ଆପଣ ଦେଖୁଛନ୍ତି ଯେ ବର୍ତ୍ତମାନ ଏହା କେଉଁଠାରେ ଅଛି? କଅଣ ଆପଣ ଦେଖିପାରୁଛନ୍ତି ଯେ ମୁଁ କାହିଁକି ସେହି ବ୍ୟବସ୍ଥା ବିରୁଦ୍ଧରେ ଚିତ୍କାର କରୁଅଛି?

271 ଯୀଶୁ କାହିଁକି ନିଜକୁ ପାପୀମାନଙ୍କୁ ବାନ୍ଧିବା ପାଇଁ ଦେଇ ଦେଲେ? ଏହା ତ ବାକ୍ୟକୁ ପୂରଣ କରିବା ପାଇଁ ଥିଲା, ମରୁଥିବା, ପରମେଶ୍ୱରଙ୍କୁ ଏକ ନିନ୍ଦା ଆଣିବା ପାଇଁ ଥିଲା । ପରମେଶ୍ୱରଙ୍କୁ ମରିବାକୁ ପଡିଥିଲା । ମରିବା ପାଇଁ, ତାଙ୍କୁ ମାଂସମୟ ଦେହ ହେବାକୁ ପଡିଥିଲା । ଏବଂ ଯୀଶୁ ତାହା ଜାଣିଥିଲେ । ସେ ସେମାନଙ୍କୁ ଏହା ବିଷୟରେ କହିଥିଲେ । ସେ କହିଥିଲେ, "ଏହି ମନ୍ଦିରକୁ ଭାଙ୍ଗି ଦିଅ, ଏବଂ ମୁଁ ଏହାକୁ ପୁନର୍ବାର ଉଠାଇ ଛିଡା କରିବି ।" ଅନ୍ୟ କେହି ଯେ ଏହାକୁ ଉଠାଇବ ତାହା ନୁହେଁ । "ମୁଁ ଏହାକୁ ଉଠାଇବି । ତିନି ଦିନରେ, ମୁଁ ଏହାକୁ ପୁନର୍ବାର ଠିକ ଛିଡା କରିବି । ତୁମେ ଏହାକୁ ଭାଙ୍ଗି ଦିଅ; ମୁଁ ଏହାକୁ ଉଠାଇବି । ଯେପରି ଯୂନସ ତିନି ଦିନ ଓ ରାତ୍ରି, ତିମି ମାଛର ପେଟରେ ଥିଲେ, ଠିକ ସେହିପରି ଭାବରେ ମନୁଷ୍ୟପୁତ୍ରଙ୍କୁ ମଧ୍ୟ ପୃଥିବୀର ହୃଦୟରେ ରହିବାକୁ ଅଛି ।" ଏବଂ ସେମାନେ ଏହାକୁ ବୁଝି ସୁଦ୍ଧା ପାରି ନ ଥିଲେ । ବୁଝିଲେ? ବାକ୍ୟ ପାଇଁ ଏକ ନିନ୍ଦା, ସେ—ସେ ଥିଲେ ।

272 ବର୍ତ୍ତମାନ, ମୃତ୍ୟୁକୁ ପରିହାସ କରିଥିଲେ, ଯେପରିକି ଅନନ୍ତ ଜୀବନରେ ପୁନର୍ବାର ଉତ୍ଥିତ ହୁଅନ୍ତି । ତାଙ୍କୁ ପ୍ରଥମେ ମୃତ୍ୟୁଦଣ୍ଡ ଦିଆ ଯିବାକୁ ଥିଲା, ଯେପରିକି ସେ ଅନନ୍ତ ଜୀବନକୁ ଉତ୍ଥିତ

କରା ଯାଇପାରିବେ, ଏବଂ ପ୍ରତ୍ୟେକ ଅନ୍ୟ ସମସ୍ତ ମନୁଷ୍ୟକୁ (ଯିଏକି ତାହାଙ୍କ ପ୍ରତିରୂପରେ ଥିଲା) ଅନନ୍ତ ଜୀବନକୁ ଆଣିପାରିବେ, ଯେଉଁମାନେ ଏହାକୁ ଗ୍ରହଣ କରନ୍ତି । ବୁଝିଲେ? ସେ ମଣିଷ ହୋଇଗଲେ, ଜଣେ ନିକଟ ସମ୍ପର୍କୀୟ ମୁକ୍ତିଦାତା ହୋଇଗଲେ, ଏବଂ ତାହାଙ୍କୁ ସମସ୍ତ ପରିହାସର ନିନ୍ଦାକୁ ସହ୍ୟ କରିବାକୁ ପଡିଥିଲା, ଏବଂ ସମସ୍ତ ଥଟ୍ଟା ଉପହାସକୁ ସହ୍ୟ କରିବାକୁ ପଡିଥିଲା, ଠିକ ଯେପରିକି ତାହାଙ୍କର ସହଦାସମାନେ ତାହାଙ୍କ ପୂର୍ବରୁ କରିଥିଲେ । ମୋଶାଙ୍କ ପରି, ନୋହଙ୍କ ପରି, ଅନ୍ୟ ସମସ୍ତଙ୍କ ପରି ଯେଉଁମାନେକି ସେହି ପରିହାସକୁ ସହ୍ୟ କରିଥିଲେ, ତାହାଙ୍କୁ ପରିହାସକୁ ସହ୍ୟ କରିବାକୁ ପଡିଥିଲା । କାହିଁକି? ତାହାଙ୍କ ପାଖରେ ବାକ୍ୟ ଥିଲା, ଏବଂ ସେ ବାକ୍ୟ ଥିଲେ । ସେହି କାରଣରୁ ହିଁ ସେମାନେ ତାହାଙ୍କୁ ପୂର୍ବ ଅପେକ୍ଷା ଅଧିକ ପରିହାସ କରିଥିଲେ । ସେ ଈଶ୍ୱରୀୟ ଏବଂ ନିଜେ ବାକ୍ୟ ଥିଲେ । ହାଲ୍ଲେଲୁୟା! ତାହାହିଁ ଅଟେ ଯାହାକି ତାହାଙ୍କୁ ସୃଷ୍ଟି କରିଥିଲା ।

273 ଯୀଶୁ କହିଲେ, "ତୁମେ କପଟୀମାନେ ।" କହିଲେ, "ତୁମେମାନେ ଭବିଷ୍ୟଦ୍‌ବକ୍ତାମାନଙ୍କ ସମାଧି ନିର୍ମାଣ କରିଥାଅ, ଏବଂ ତୁମେମାନେ ହିଁ ସେମାନଙ୍କୁ ସେଠାରେ ରଖିଥାଅ । ସେମାନେ ପରମେଶ୍ୱରଙ୍କ ବାକ୍ୟ ସହିତ ଆସିଥିଲେ, ଏବଂ ତୁମେମାନେ ସେମାନଙ୍କୁ ବିଶ୍ୱାସ କଲ ନାହିଁ । ତୁମେମାନେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ପାଇଁ ଦୋଷୀ ଅଟ ।"

274 ଫିନିକ୍ସଠାରେ, ପରମେଶ୍ୱରଙ୍କର ଇଚ୍ଛା ହେଲା, ମୁଁ ଅନ୍ୟ ଦିନେ ଏକ ଶବ୍ଦ କହିଲି, ମୁଁ ଏହି ପୀଢୀକୁ ଯୀଶୁ ଖ୍ରୀଷ୍ଟଙ୍କୁ ହତ୍ୟା କରିବା ପାଇଁ, ତାଙ୍କୁ ନୂତନ ଭାବେ କ୍ରୁଶରେ ବିଦ୍ଧ କରିବା ନିମନ୍ତେ, ଅଭିଯୋଗ କରିବାକୁ ଯାଉଅଛି, ପରମେଶ୍ୱରଙ୍କ ଇଚ୍ଛାରେ, ମୁଁ ସେହି ସେବକ ସଙ୍ଗଠନ ସମ୍ମୁଖରେ ଏକ ଅଭିଯୋଗ ଆଣିବାକୁ ଯାଉଅଛି । ସେମାନେ ଯୀଶୁ ଖ୍ରୀଷ୍ଟଙ୍କୁ ନୂତନ କରି କ୍ରୁଶରେ ବିଦ୍ଧ କରିଥିବା ହେତୁ, ତାହାଙ୍କ ରକ୍ତର ଦୋଷୀ ଅଟନ୍ତି । ହଁ, ଆଜ୍ଞା । ସମଗ୍ରକୁ ଅଭିଯୋଗ କରେ!

275 ପେଣ୍ଟିକଷ୍ଟର ଦିନରେ, ପିତର ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ସେ କହିଥିଲେ, "ତୁମେ ଦୁଷ୍ଟ ହସ୍ତରେ ଜୀବନର ରାଜକୁମାରଙ୍କୁ କ୍ରୁଶରେ ବିଦ୍ଧ କରିଅଛ, ଯାହାଙ୍କୁ ପରମେଶ୍ୱର ଉତ୍ଥାପିତ କରିଅଛନ୍ତି । ଆମେମାନେ ସାକ୍ଷୀ ଅଟୁ ।" ସେ ଏକ ଅଭିଯୋଗ ଆଣିଥିଲେ ।

276 ମୁଁ ପରମେଶ୍ୱରଙ୍କ ବାକ୍ୟ ଗ୍ରହଣ କରି, ସେଠାରେ ଥିବା ପ୍ରତ୍ୟେକ ନାମଧାରୀ ସଂସ୍ଥାକୁ ଦୋଷୀ କରିବାକୁ ଯାଉଅଛି, ଏବଂ ପୃଥିବୀ ପୃଷ୍ଠରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ, ଯେଉଁମାନେକି ଯୀଶୁ ଖ୍ରୀଷ୍ଟଙ୍କ ରକ୍ତର ଦୋଷୀ ଅଟନ୍ତି । ପରମେଶ୍ୱର ମୋତେ ସେହି ଦିନ ତାହାଙ୍କ ଓକିଲ ହେବା ପାଇଁ ସାହାଯ୍ୟ କରନ୍ତୁ । ଆମେନ୍ । ହଁ ।

277 ଓଃ, ଉପହାସକାରୀମାନେ ତାହାଙ୍କୁ ପରିହାସ କଲେ । ସେମାନେ ତାହାଙ୍କୁ ନିନ୍ଦା କଲେ । ସେ ଏହା ସହିତ ଠିକ୍ ଲାଗି ରହିଲେ । ଆମେନ୍ । ଓଃ! ସେ କଅଣ କଲେ ଦେଖନ୍ତୁ । ସେ ପରମେଶ୍ୱରଙ୍କ ପୁତ୍ର ଥିଲେ, ପାପକୁ ମାରିବା ପାଇଁ ମୃତ୍ୟୁ ଭୋଗ କରିଥିଲେ । ତାହାଙ୍କୁ

ତାହା କରିବାକୁ ପଡ଼ିଥିଲା। ସେହି...ତାହା ହିଁ ଏକମାତ୍ର ଉପାୟ ଥିଲା ଯେ ଏହାକୁ ମରା ଯାଇପାରିଥାନ୍ତା। ଏବଂ ସେ ଏହାକୁ କଲେ, ଓ ଏହାକୁ ସହ୍ୟ କଲେ, କାରଣ ଅବଶିଷ୍ଟ ସେମାନେ ସମସ୍ତେ ତାହା କରିଥିଲେ।

278 କାରଣ, ସେଠାରେ ପଶ୍ଚାତ ସମୟରେ ସମସ୍ତଙ୍କ ପାଖରେ ପରମେଶ୍ୱରଙ୍କ ବାକ୍ୟ କ୍ଷୁଦ୍ରରୂପରେ ରହିଥିଲା। କାରଣ, ଯୀଶୁ ଏହା କହିଥିଲେ। "ପ୍ରଭୁଙ୍କର ସେହି—ସେହି ବାକ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ନିକଟକୁ ଆସିଥିଲା। ଏବଂ ସେମାନଙ୍କ ମଧ୍ୟରୁ କେଉଁଟିକୁ," ସେ କହିଲେ, "ତୁମର ପିତୃପୁରୁଷ, ତୁମର ସଂଗଠିତ ଧର୍ମ, ପ୍ରସ୍ତାରାଘାତ କରି ହତ୍ୟା କଲା ନାହିଁ? ସେମାନଙ୍କ ମଧ୍ୟରୁ କେଉଁମାନେ ଭବିଷ୍ୟଦ୍‌ବକ୍ତାମାନଙ୍କୁ ଗ୍ରହଣ କଲେ? ତାହାପରେ ସେମାନେ ଚାଲି ଯିବା ପରେ ତୁମେମାନେ ସେମାନଙ୍କର ସମାଧି ନିର୍ମାଣ କରିଥାଅ।" କହିଲେ, "ତୁମେମାନେ ହିଁ ସେମାନଙ୍କୁ ସେଠାରେ ରଖିବାରେ ଦୋଷୀ ଅଟ।"

279 ତାହାପରେ ସେ ସେମାନଙ୍କୁ ସେହି ଦ୍ରାକ୍ଷାକ୍ଷେତ୍ରରେ କାମ କରୁଥିବା ବିଷୟକ ସେହି ଦୃଷ୍ଟାନ୍ତକୁ କୁହନ୍ତି, ଏବଂ ଦାସମାନେ ଆସନ୍ତି। ସେମାନେ ସେମାନଙ୍କ ସହ ଅସଦାଚରଣ କରନ୍ତି, ତେବେ ଶେଷରେ କହିଲେ, "ତେବେ ଆମେ ପୁତ୍ରକୁ ହତ୍ୟା କରିବା, କାରଣ ସେ ଉତ୍ତରାଧିକାରୀ ଅଟେ।" ବୁଝିଲେ? ଓଃ, ଯେତେବେଳେ ସେମାନେ ତାହା ଦେଖିଲେ ସେମାନେ କ୍ରୋଧିତ ହୋଇଥିଲେ। ବୁଝିଲେ?

280 କିନ୍ତୁ ତାହାଙ୍କୁ ନିନ୍ଦାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏବଂ ଏଠାରେ ସେ ନିଜକୁ ବନ୍ଧିତ ଅବସ୍ଥାରେ କରିଥିଲେ, ମୃତ୍ୟୁଦଣ୍ଡ ଦିଆଯିବା ପାଇଁ, ମୃତ୍ୟୁ ପର୍ଯ୍ୟନ୍ତ କଢେଇ ନିଆ ଯାଇଥିଲେ, ଯେପରିକି ଅନନ୍ତ ଜୀବନକୁ ଫେରାଇ ଅଣାଯାଏ। ପରମେଶ୍ୱରଙ୍କର ଗୌରବ ହେଉ! ଓଃ, ମୁଁ ତାହାଙ୍କୁ କିପରି ପ୍ରେମ କରେ! ଅନନ୍ତ ଜୀବନକୁ ଫେରାଇ ଆଣି ସମସ୍ତ ଯୁଗରେ ରହିଥିବା, ପରମେଶ୍ୱରଙ୍କ ପ୍ରତ୍ୟେକ ପୁତ୍ରକୁ ଉତ୍ଥାପିତ କରାଯାଏ, ଯିଏକି ସେହି ବାକ୍ୟ ସହିତ ଛିଡା ହୋଇ ନିନ୍ଦାକୁ ଗ୍ରହଣ କରିଥିଲେ। ତାହା ଠିକ୍ ଅଟେ।

281 ଯଦି ସେ ନ ଆସିଥାଆନ୍ତେ, ନୋହ ଉତ୍ଥିତ ହୋଇ ପାରି ନ ଥାଆନ୍ତେ। ଯଦି ସେ ନ ଆସିଥାଆନ୍ତେ, ଏଲିୟ ଫେରି ଆସି ପାରି ନ ଥାଆନ୍ତେ। ଯଦି ସେ ନ ଆସିଥାଆନ୍ତେ, ନୋହ କେବେ ହେଲେ ଉଠି ନ ଥାନ୍ତେ, ଯଦି ସେ କରିପାରି ନ ଥାଆନ୍ତେ...ଯଦି ସେ ଆସି ନ ଥାଆନ୍ତେ। କାରଣ, ସେ ସେହି ପୂର୍ବ ନିରୂପିତ ମେଷଶାବକ ଥିଲେ, ଯିଏକି ନିଜ ଉପରେ ସେହି ନିନ୍ଦାକୁ ନେବା ପାଇଁ ଆସିଥିଲେ, ଏବଂ ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟ ନିମନ୍ତେ ମୃତ୍ୟୁବରଣ କରିବା ପାଇଁ ଆସିଥିଲେ ଯାହାକି କୁହାଯାଇଥିଲା, ଓ ଯାହା ସପକ୍ଷରେ ଏହି ଧାର୍ମିକ ଲୋକମାନେ ଛିଡା ହୋଇଥିଲେ। ତାହାଙ୍କୁ ତାହା ହେବାକୁ ହିଁ ଥିଲା। ଅନ୍ୟ କେହି ଏହା କରିପାରି ନ ଥାଆନ୍ତେ। ପରମେଶ୍ୱର ନିଜେ, ଏବଂ ସେ ଆସି ସେହି ସ୍ଥାନ ଗ୍ରହଣ କଲେ, ଯେପରିକି ସେ ମୁକ୍ତିପ୍ରାପ୍ତ ହୋଇ ପରମେଶ୍ୱରଙ୍କ ପ୍ରତ୍ୟେକ ପୁତ୍ରଙ୍କୁ ଅନନ୍ତ ଜୀବନ ପ୍ରଦାନ କରିପାରନ୍ତି ଯିଏକି ସେହି ସମାନ ବାକ୍ୟ ପାଇଁ ଛିଡା ହୋଇଥିଲେ ଏବଂ ସେହି ନିନ୍ଦାକୁ ସହ୍ୟ

କରିଥିଲେ । ଯୁଗ ଯୁଗ ଧରି, ପରମେଶ୍ୱରଙ୍କ ପ୍ରତ୍ୟେକ ପୁତ୍ର, ଯିଏକି ନିନ୍ଦାକୁ ସହ୍ୟ କରିଥିଲେ, ଏପରି କେହି ହେଲେ ନ ଥିଲେ ଯିଏକି ତାଙ୍କୁ ମୁକ୍ତ କରି ପାରିଥାନ୍ତେ, ମାତ୍ର ବିଶ୍ୱାସ ଦ୍ୱାରା ସେ ସେହି ମୁକ୍ତିଦାତାଙ୍କୁ ଆସୁଥିବାର ଦେଖିଲେ ।

282 ଆୟୁବ ତାହାଙ୍କୁ ଦେଖିଥିଲେ । ଆୟୁବ ସେଠାରେ ଛିଡା ହୋଇଥିଲେ, ଏବଂ ସେମାନେ କହିଲେ, "ଓଃ, ତୁମେ ତ ଜଣେ ଗୁପ୍ତ ପାପୀ ଅଟ । ପରମେଶ୍ୱର କେବଳ ତୁମ ସହିତ ଅସଦାଚରଣ କରୁଛନ୍ତି, କାରଣ ତୁମେ ଜଣେ ଗୁପ୍ତ ପାପୀ ଅଟ ।"

283 ସେ କହିଲେ, "ମୁଁ ଜାଣେ ଯେ ମୋର ମୁକ୍ତିଦାତା ଜୀବିତ ଅଟନ୍ତି । ଶେଷ ଦିନରେ ସେ ପୃଥିବୀ ଉପରେ ଛିଡା ହେବେ । ଯଦିଓ ଚର୍ମ ପୋକ ଏହି ଶରୀରକୁ ନଷ୍ଟ କରିଦିଏ, ତଥାପି, ମୋ ଶରୀରରେ ମୁଁ ପରମେଶ୍ୱରଙ୍କୁ ଦର୍ଶନ କରିବି ।"

284 ତାଙ୍କର ପତ୍ନୀ କହିଲେ, "ତୁମେ କାହିଁକି ତାହାଙ୍କୁ ଅଭିଶାପ ଦେଇ ମରିଯାଉ ନାହଁ?" କହିଲେ, "ତୁମେ ଏକ ଦୁଃଖି ଦରିଦ୍ର ପରି ଦେଖାଯାଉଛ ।"

285 ସେ କହିଲେ, "ତୁମେ ଏକ ମୂଢା ସ୍ତ୍ରୀ ପରି କଥା କହୁଅଛ ।" ଆମେନ୍ । ସେ ସେଠାରେ ଥିଲେ । "ମୁଁ ଜାଣେ ସେ ଜୀବିତ ଅଟନ୍ତି, ଏବଂ ଶେଷ ଦିନରେ ସେ ଛିଡା ହେବେ ।"

286 ଯଦି ଯୀଶୁ ଆସି ନ ଥାଆନ୍ତେ, ଆୟୁବ ମୁକ୍ତ ହୋଇପାରି ନ ଥାଆନ୍ତେ, କାରଣ ସେ ଜଗତ ପତ୍ତନାବଧିରୁ ହତ ମେଷଶାବକ ଥିଲେ । ସେ ନିଜର ସ୍ଥାନ ଜାଣିଥିଲେ । ସେ ନିଜର ସ୍ଥିତି ଜାଣିଥିଲେ ।

287 ସେଇଥି ପାଇଁ, ମରିୟମ ସେହି ସ୍ଥିତିକୁ, ସେହି ଦିନ ଚିହ୍ନିଥିଲେ ଯେତେବେଳେ ସେ ସେଠାରୁ ବାହାରି ଆସିଥିଲେ । ସେ କହିଲେ... "ଯଦି ମୁଁ... ତୁମେ ଏଠାରେ ଥାଆନ୍ତ, ମୋ ଭାଇ ମରି ନ ଥାଆନ୍ତା ।"

ସେ କହିଲେ, "ତୁମ ଭାଇ ପୁନର୍ବାର ବଞ୍ଚି ଉଠିବ ।"

କହିଲା, "ହଁ, ପ୍ରଭୁ, ପୁନରୁତ୍ଥାନରେ । ସେ ଜଣେ ଭଲ ବାଳକ ଥିଲା ।"

ଯୀଶୁ କହିଲେ, "ମାତ୍ର **ମୁଁ ଅଟେ** ସେହି ପୁନରୁତ୍ଥାନ । କଅଣ ତୁମେ ଏହା ବିଶ୍ୱାସ କର?"

288 ସେ କହିଲା, "ହଁ, ପ୍ରଭୁ, ମୁଁ ବିଶ୍ୱାସ କରେ ଯେ ତୁମେ ହିଁ ପରମେଶ୍ୱରଙ୍କ ସେହି ପୁତ୍ର ଅଟ ଯିଏକି ଜଗତକୁ ଆସିବାକୁ ଥିଲା ।"

ସେ କହିଲେ, "ତୁମେ ତାଙ୍କୁ କେଉଁଠାରେ କବର ଦେଇଅଛ?" ଓଃ! ସେଠାରେ ଆପଣ ଅଛନ୍ତି । ଉମ୍-ହୁମ୍ ।

289 ସେ ଏହାକୁ ଚିହ୍ନିଥିଲା । ସେହି ଛୋଟ ମହିଳା ତାହା କହୁ ନ ଥିଲା । ତାହା ଭିତରୁ ତ ସାତୋଟି ଭୂତ ବାହାର କରାଯାଇଥିଲା । ସେ ପରମେଶ୍ୱରଙ୍କ ଶକ୍ତିକୁ ଜାଣିଥିଲା, ଯାହାକି ତାହାଠାରୁ, ଗର୍ବ ଓ ଚାପ ଏବଂ ସବୁକିଛିକୁ ଦୂର କରି ପାରିଥିଲା, ଯାହାକି ତାହାଠାରୁ ସେହି ଛୋଟ, ସ୍ୱାର୍ଥପର ଉଚ୍ଚ-ବିଦ୍ୟାଳୟର ଆତ୍ମାକୁ ବାହାର କରି ପାରିଥିଲା, ଏବଂ ତାଙ୍କୁ ଏକ

ନୂତନ ସୃଷ୍ଟି କରିପାରିଥିଲା । ସେ ସାତୋଟି ଭୂତକୁ ବାହାର କରିଥିଲେ । ସେ ସ୍ତ୍ରୀଲୋକମାନେ ଜାଣିଥିଲେ ଯେ ସେ କଅଣ ଅଟନ୍ତି, ଯେଉଁମାନେକି ତାହାଙ୍କୁ ଗ୍ରହଣ କରିଥିଲେ ।

290 ସେମାନେ ଜାଣିଥିଲେ ଯେ ସେ ସେମାନଙ୍କ ପାଇଁ କଅଣ କରିପାରିବେ । ଆଜି ମଧ୍ୟ, ସେମାନେ ଠିକ ସେହିପରି ଭାବରେ କରନ୍ତି । କେବଳ ଏହାକୁ ଗ୍ରହଣ କରନ୍ତୁ । ତାହାହିଁ ହେଉଛି ପରବର୍ତ୍ତୀ ବିଷୟ ।

291 ସେ ସେଠାରେ ଅଛନ୍ତି । ସେହି ସ୍ତ୍ରୀ ତାହା କହିଥିଲେ । ଏବଂ ସେ…ଆପଣ ଜାଣନ୍ତି ଯେ କଅଣ ଘଟିତ ହୋଇଥିଲା । ଓଃ!

292 ସମସ୍ତେ ଯେଉଁମାନେକି ସେହି ସମାନ ବାକ୍ୟ ପାଇଁ ନିନ୍ଦା ସହ୍ୟ କରନ୍ତି, ସେ ସେହି କାରଣରୁ ମୃତ୍ୟୁଭୋଗ କରିଥିଲେ । ସେ ହିଁ ଏକମାତ୍ର ଥିଲେ ଯିଏକି ତାହା କରିବା ପାଇଁ, ମୃତ୍ୟୁବରଣ କରି ପାରିଥିଲେ, କାରଣ ସେ ବାକ୍ୟ ଥିଲେ । ସେ ସେହି ବାକ୍ୟ ଥିଲେ, ସେହି ବାକ୍ୟ ପ୍ରକାଟିତ ହୋଇଥିଲେ । ଅନ୍ୟ ସମସ୍ତଙ୍କର ଅଳ୍ପ କିଛି ପତ୍ତନ ରହିଥିଲା, କିନ୍ତୁ ଏଠାରେ ତାହାଙ୍କଠାରେ, ପରମେଶ୍ୱରଙ୍କ ପରିପୂର୍ଣ୍ଣତା ଥିଲା । ସେ ଆଜି ସେହି ସମାନ ଅଟନ୍ତି । ଏବ୍ରୀ 13:8, “ଯୀଶୁ ଗତକାଲି, ଆଜି, ଏବଂ ସବୁଦିନ ସମାନ ଅଟନ୍ତି ।” ଶୁଣନ୍ତୁ ।

293 ମୁଁ ପ୍ରକୃତରେ, ବନ୍ଦ କରୁଅଛି । ମୁଁ ଏହା କରିବାକୁ ଯାଉଅଛି, କରିବାକୁ ହିଁ ହେବ । ମୁଁ ସମୟରୁ ବିଳମ୍ବରେ ଅଟେ ।

294 ସେ କେବେ ହେଲେ ବି ଗୋଟିଏ ଶବ୍ଦ ଲେଖିଲେ ନାହିଁ । କଅଣ ସେ ଲେଖିଥିଲେ କି? [ମଣ୍ଡଳୀ କୁହନ୍ତି, “ନା ।”—ସମ୍ପା ।] କଦାପି ଗୋଟିଏ ହେଲେ ଶବ୍ଦ ଲେଖିଲେ ନାହିଁ । କାହିଁକି? ସେ ହିଁ ବାକ୍ୟ ଥିଲେ । ସେ କଅଣ ଥିଲେ? ସେହି ବାକ୍ୟ ଯାହା ଲେଖାଯାଇଥିଲା, ସେ ସେହି ବାକ୍ୟର ପ୍ରକଟୀକରଣ ଥିଲେ । ମହିମା! ହ୍ୟୁ! ବର୍ତ୍ତମାନ ମୁଁ ଭଲ ଅନୁଭବ କରୁଅଛି । ସେ ହିଁ ବାକ୍ୟ ଥିଲେ । ତାହାଙ୍କୁ କିଛି ହେଲେ ଲେଖିବାକୁ ପଡି ନ ଥିଲା । ସେ ସେହି ବାକ୍ୟ ଥିଲେ, ଏହି ଲିଖିତ ବାକ୍ୟ ପ୍ରକାଟିତ ହୋଇଥିଲା । ପରମେଶ୍ୱରଙ୍କୁ ଗୌରବ ହେଉ! ସେ ଆଜି, ଗତକାଲି, ଆଜି ଏବଂ ସବୁଦିନ ସମାନ ଅଟନ୍ତି । ସେ ବାକ୍ୟ ଅଟନ୍ତି, ପ୍ରକଟିତ ବାକ୍ୟ ଅଟନ୍ତି ।

ଆପଣ କୁହନ୍ତି, “ଭାଇ ବ୍ରାନହାମ୍, କଅଣ ତାହା ଠିକ୍ ଅଟେ କି?”

295 ଯିହୋବାକୁ ସେଠାରେ ପଛରେ ଛିଡା ହୋଇ ସେହି ତରଙ୍ଗ ଉପରେ ଏକ ରେଖାକୁ ଟାଣିବାର ଦେଖନ୍ତୁ, ଏବଂ ଇସ୍ରାଏଲ ପାଇଁ ଚାଲିକରି ଯିବା ନିମନ୍ତେ ଏକ ମାର୍ଗ ତିଆରି କରିବାର ଦେଖନ୍ତୁ ।

296 ମାଂସମୟ ଶରୀରରେ ଯିହୋବାକୁ ଏହା କହୁଥିବାର, ଦେଖନ୍ତୁ, “ଶାନ୍ତ, ତୁନି ହୁଅ ।” ଯେତେବେଳେକି ଢେଉଗୁଡ଼ିକ ଝଡ଼ ତୋଫାନରେ, ନଈକୂଳରେ ବାଡେଇ ହେଉଥିଲା, ଏବଂ ଶୟତାନ ସବୁକିଛି ବିଷୟରେ ଲୋଭ ଦୃଷ୍ଟି ରଖିଥିଲା, ସେହିପରି ଭାବରେ, ସେ କହିଲେ, “ଶାନ୍ତ, ତୁନି ହୁଅ ।” ଏବଂ ଏହା ତାହାଙ୍କ କଥା ମାନିଥିଲା; ବାୟୁ ଏବଂ ସମସ୍ତ କିଛି ତୁନି ହୁଅ । ସେ ଯିହୋବା ଥିଲେ । ଆମେନ୍ ।

297 ସେହି ଯିହୋବା ଯିଏକି ସେଠାରେ ଛିଡା ହୋଇ କିଛି କାକର ବୁନ୍ଦାକୁ ଛିଞ୍ଚଣ କରିପାରନ୍ତି, ତାହାକୁ ପୃଥିବୀ ଉପରେ ପକାଇ ରୋଟୀ ତିଆରି କରିବାକୁ ଦେଇପାରନ୍ତି, ଯେପରିକି ଲୋକମାନଙ୍କୁ ଭୋଜନ କରାଯାଏ।

298 ସେ ଛିଡା ହୋଇ ପାଞ୍ଚୋଟି ମାଛ, କିମ୍ବା, ପାଞ୍ଚୋଟି ବିସ୍କୁଟ ଏବଂ ଦୁଇଟି ମାଛ ନେଲେ, ଏବଂ ପାଞ୍ଚ ହଜାରଙ୍କୁ ଭୋଜନ କରାଇଥିଲେ।

299 ସେ ହିଁ ବାକ୍ୟ ଥିଲେ। ଆମେନ୍। ଆମେନ୍। ସେ ହେଉଛନ୍ତି ବାକ୍ୟ, ଏବଂ ସେ ସର୍ବଦା ବାକ୍ୟ ହିଁ ରହିବେ। ଏବଂ ମୋ ପାଇଁ ଏବଂ ମୋର ଘର ପରିବାର ପାଇଁ, ଆମେ ବାକ୍ୟର ସେବା କରିବୁ।

> ଓଃ, ମୁଁ ତାହାଙ୍କୁ ଦେଖିବାକୁ ଚାହେଁ, ତାହାଙ୍କ ମୂଖ ଦର୍ଶନ କରିବାକୁ ଚାହେଁ,
> ସେଠାରେ ସବୁଦିନ ପାଇଁ ତାହାଙ୍କର ରକ୍ଷାକାରୀ ଅନୁଗ୍ରହର ଗୀତଗାନ କରିବାକୁ ଚାହେଁ;
> ମହିମାର ମାର୍ଗରେ, ମୋତେ ମୋର ସ୍ୱର ଉତ୍ତୋଳନ କରିବାକୁ ଦିଅନ୍ତୁ;
> ଯେତେବେଳେ ସବୁ ଚିନ୍ତା ଦୂରେଇ ଯାଇଥିବ, ଶେଷରେ ଘରକୁ ପହଞ୍ଚିବୁ, ସର୍ବଦା ଆନନ୍ଦିତ ରହିବୁ।

300 ଓଃ, ମୋର ପ୍ରଭୁ! ହଁ। ବାକ୍ୟର ନିନ୍ଦାକୁ ବହନ କର। ବାକ୍ୟ ସହିତ ଏକ ନିନ୍ଦା ରହିଥାଏ। ବାକ୍ୟ ସହିତ ଠିକ୍ ଲାଗି ରୁହନ୍ତୁ, ଏବଂ ନିନ୍ଦାକୁ ବହନ କରନ୍ତୁ।

ଆସନ୍ତୁ ପ୍ରାର୍ଥନା କରିବା।

301 ଯୀଶୁ, ଯେପରିକି ଅନ୍ୟ ରାତିରେ, ପ୍ରଭୁ, ମୁଁ କାନ୍ଦି ଥିଲି, "ହେ ଯୀଶୁ, ମୁଁ କଅଣ କରେ ବୋଲି ତୁମେ ଚାହଁ? ହେ ପ୍ରଭୁ, ମୁଁ କଅଣ କରିପାରେ? ଏହି ବିଷୟଗୁଡିକୁ ଦେଖି, ଏବଂ ଆମେ ରହୁଥିବା ସେହି ଘଟିକାକୁ ଜାଣି, ହେ ପ୍ରଭୁ, ମୁଁ କଅଣ କରିପାରେ? ମୁଁ କଅଣ କରିପାରେ?"

302 ପ୍ରଭୁ, ମୁଁ ମୋର ଏଠାରେ ଛୋଟ ମଣ୍ଡଳୀ ପାଇଁ ପ୍ରାର୍ଥନା କରେ। ମୁଁ ଦର୍ଶନରେ ଦେଖିଥିବା ସେହି ଛୋଟ ପକ୍ଷୀମାନଙ୍କ ବିଷୟରେ ଭାବେ, ଯେଉଁ ବିଷୟସବୁ ରହି ଆସିଛି; ଏବଂ ଅନ୍ୟ ପକ୍ଷୀମାନେ, ଯାହାକି ମହାନ ବିଷୟସବୁ ଥିଲା। କିନ୍ତୁ ପ୍ରଭୁ, ସେଠାରେ ସେଗୁଡ଼ିକର ତିନୋଟି ସ୍ତର ରହିଥିଲା। କିନ୍ତୁ ଯେତେବେଳେ ସେହି ସ୍ୱର୍ଗ ଦୂତମାନେ ପାଦ ଦେଲେ, ସେଠାରେ ଆଉ କୌଣସି ପକ୍ଷୀ ରହିଲେ ନାହିଁ। ହେ ପ୍ରଭୁ, ସେହି ଛୋଟ ଛୋଟ ବାର୍ତ୍ତାବହମାନେ ଚମତ୍କାର ଥିଲେ, କିନ୍ତୁ ମୁଁ ବିଶ୍ୱାସ କରେ ଯେ କିଛି ଗୋଟାଏ ଘଟିବାକୁ ସ୍ଥିର ହେଉଅଛି। ହେ ପ୍ରଭୁ, ଏହା ସେହିପରି ହେଉ। ଆମକୁ ରୂପ ପରିବର୍ତ୍ତନ କରି ଗଢ଼ ଏବଂ ଆମକୁ ତୁମ ମାର୍ଗ ଅନୁସାରେ ନିର୍ମାଣ କର। ଆମେ ତ—ଆମେ ତ ମାଟି ଅଟୁ। ତୁମେ କୁମ୍ଭକାର ଅଟ।

303 ଏହି ଖ୍ରୀଷ୍ଟମାସ ସନ୍ଧ୍ୟାରେ, ହେ ପ୍ରଭୁ, ଆମେ ପରମେଶ୍ୱରଙ୍କ ଉପହାର ପାଇଁ, ପରମେଶ୍ୱର ଆମକୁ ଦେଇଥିବା ହେତୁ କୃତଜ୍ଞ ଅଟୁ। ଯଦିଓ ଏହା ଏପରି କିଛି ଅଟେ, ଯେପରିକି ଆମେ ଏହାକୁ ନିଜ ହୃଦୟରେ ବିଶ୍ୱାସ କରୁ, କୌଣସି ଗୋଟିଏ ଦିନର କିଛି ପ୍ରତିମାପୂଜାର ଅନ୍ଧବିଶ୍ୱାସ ଯାହାକୁ କି ସେମାନେ ଗଢିବାକୁ ଚେଷ୍ଟା କରିଛନ୍ତି ଏବଂ ଏହାକୁ ଏକ—ଏକ ଭୋଜ, ଖ୍ରୀଷ୍ଟ ଭୋଜ ପରି କରିବାକୁ ଚେଷ୍ଟା କରିଛନ୍ତି, ମାତ୍ର ଆମେ ସାଣ୍ଟା କ୍ଲଜ୍ ଏବଂ ଖ୍ରୀଷ୍ଟମାସ ଗଛ ଏବଂ—ଏବଂ ସାଜସଜ୍ଜାର ସେହି ଉପାୟରେ ଆସୁନାହୁଁ। କିନ୍ତୁ ଆମେମାନେ ପ୍ରଭୁ ଯୀଶୁଙ୍କ ନାମରେ, ସ୍ୱର୍ଗର ପରମେଶ୍ୱରଙ୍କୁ ଉପାସନା କରିବାକୁ ଆସୁଅଛୁ, ଯିଏକି ଅବତରିତ ହୋଇ, ଆମ ଭଳି ମାଂସମୟ ଦେହ ଧାରଣ କଲେ, ଏବଂ ଆମକୁ ମୁକ୍ତ କରିବା ପାଇଁ, ଆମ ମଧ୍ୟରେ ବାସ କଲେ; ଏବଂ ସେହି ନାମର ନିନ୍ଦାକୁ ସହ୍ୟ କଲେ, କ୍ରୁଶର ନିନ୍ଦାକୁ ଭୋଗ କଲେ, ଏବଂ ଏକ ସାଂସାରିକ ଅନୁଷ୍ଠାନକୁ ଇମାନୁଏଲ୍‌ଙ୍କୁ ହତ୍ୟା କରିବାକୁ ଦେଲେ, ଯେପରିକି ସେ ଆମ ପାଖକୁ ଅନନ୍ତ ଜୀବନକୁ ଆଣିପାରିବେ।

304 ହେ ପ୍ରଭୁ, ଆମେମାନେ କିଏ ଅଟୁ? ଆମେ କିଏ, ଯେ କୌଣସି ନିନ୍ଦା ଅପମାନରୁ ଦୂରେଇ ରହିବୁ? ପରମେଶ୍ୱର, ଆମକୁ ସାହସୀ ସୈନିକ କର। ହେ ପିତା, ମୁଁ ଏହି ଶବ୍ଦଗୁଡ଼ିକୁ ତୁମକୁ ସମର୍ପଣ କରେ। ହୋଇପାରେ ସେଗୁଡ଼ିକ ଭାଙ୍ଗି ଯାଇଥିବ; ଯେପରିକି ମୁଁ କ୍ଲାନ୍ତ ଓ ଥକିତ ଅଟେ। ମାତ୍ର, ହେ ପିତା, ଏହି ଲୋକମାନଙ୍କୁ ବସି ରହିବା ଏବଂ ଶୁଣିବା ପାଇଁ ପୁରସ୍କୃତ କର। ଏବଂ ଏହା ହେଉ ଯେ ସେହି ଶକ୍ତି ଯାହାକି ଆମର ପ୍ରଭୁଙ୍କୁ ଉପରକୁ ଉଠାଇ ଆଣିଥିଲା, ଏବଂ ତାହାଙ୍କୁ ଏହି ଶେଷ ଦିନରେ, ଆମମାନଙ୍କ ନିକଟରେ ଏକ ତ୍ରାଣକର୍ତ୍ତା ଭାବରେ ଉପସ୍ଥାପନ କରିଥିଲା, ହେ ପ୍ରଭୁ, ତାହା ଏଠାରେ ପ୍ରଭୁ ଯୀଶୁଙ୍କ ଆଗମନର ସନ୍ନିକଟତା ପାଇଁ, ପ୍ରତ୍ୟେକ ଆତ୍ମାକୁ ସଂଜୀବିତ କରୁ। ପିତା, ତାହା ଏହିପରି ହେଉ।

305 ଆମ ମଧ୍ୟରେ ରହିଥିବା ରୋଗୀ ଏବଂ ପୀଡ଼ିତମାନଙ୍କୁ ସୁସ୍ଥ କର। ଭଗ୍ନଚୂର୍ଣ୍ଣ-ହୃଦୟକୁ ସୁସ୍ଥିର କର। ପ୍ରଭୁ, ଆମେମାନେ…ଆମେମାନେ ଏତେ ଅଧିକ ଦେଇ ଗତି କରିଅଛୁ, ପ୍ରଭୁ, ମୋର ହୃଦୟରେ କଠିନ ଯୁଦ୍ଧ ଯୋଗୁଁ, ଅନେକ କ୍ଷତ ବିକ୍ଷତ ଦାଗ ହୋଇଅଛି। ମୁଁ ଜଣେ ପୁରୁଣା ଅନୁଭୂତି ପ୍ରାପ୍ତ ବ୍ୟକ୍ତି ଅଟେ। ହେ ପ୍ରଭୁ, ମୋତେ ସାହାଯ୍ୟ କର। ମୁ ତୁମର ସାହାଯ୍ୟ ଆବଶ୍ୟକ କରେ। ବୋଧହୁଏ ଏହି ସମସ୍ତ ତାଲିମ ଏକ ଉଦ୍ଦେଶ୍ୟ ପାଇଁ ହୋଇଅଛି। ପ୍ରଭୁ, ମୁଁ ବିଶ୍ୱାସ କରେ ଯେ ଏହା ତାହାରି ପାଇଁ ଅଟେ। ହେ ପରମେଶ୍ୱର, ମୋତେ ସାହାଯ୍ୟ କର। ଏବଂ ଏହି ମଣ୍ଡଳୀକୁ ସାହାଯ୍ୟ କର। ଏବଂ ଆମକୁ ଏକାଠି, ଆଶୀର୍ବାଦ କର।

306 ଛୋଟ ପିଲାମାନଙ୍କୁ ଆଶୀର୍ବାଦ କର। ମୁଁ ଆଜି ଅନେକଙ୍କ ବିଷୟରେ ଚିନ୍ତା କରୁଅଛି, ଛୋଟ, ବେଚାରା ଛୋଟ ବ୍ୟକ୍ତିମାନେ ସେଠାରେ କିଛି ହେଲେ ପାଇବେ ନାହିଁ। ଏବଂ ମୁଁ—ମୁଁ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କ ସହିତରେ ରହିବ ଏବଂ ସେମାନଙ୍କୁ ସାହାଯ୍ୟ କରିବ। ସେମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କର, ପ୍ରଭୁ। ତାହା ତ ସେହି ମହାନ…ତାହା ସେହି ଖ୍ରୀଷ୍ଟମାସ ଉପହାର ଯାହାକି ଆମେମାନେ ଚାହୁଁ, ତାହା ହେଉଛି ଯୀଶୁ ଖ୍ରୀଷ୍ଟଙ୍କର ଜୀବନ ମୋ ହୃଦୟରେ ଶାସନ ଏବଂ ରାଜତ୍ୱ କରୁ। ପ୍ରଭୁ, ତାହାହିଁ ଅଟେ ଯାହା ମୁଁ ଚାହେଁ।

307 ତେବେ, ଆମକୁ ଏକାଠି ଆଶୀର୍ବାଦ କର। ଆମେ ଏହି ଶବ୍ଦଗୁଡ଼ିକୁ ତୁମକୁ ସମର୍ପଣ କରୁଅଛୁ। ପ୍ରଭୁ, ସେଗୁଡିକ ସେହିଠାରେ ପଡୁ ଯେଉଁଠାରେ ସେମାନଙ୍କର ଇଚ୍ଛା ହୁଏ। ଯେଉଁଠାରେ ବି ସେହି ହୃଦୟ କେବେ ଖୋଲା ହୁଏ, ଏହା ହେଉ ଯେ ସେମାନେ ପରିତ୍ରାଣର ଏକ ମହାନ ସମୟକୁ ନେଇ ଆସନ୍ତୁ, ଯୀଶୁଙ୍କ ନାମରେ। ଆମେନ୍।

308 ଯିଏ କେହି ବି ହେଉନ୍ତୁ...କେତେ ଲୋକ ତାହାଙ୍କୁ ପ୍ରେମ କରନ୍ତି? ଯେକୌଣସି ପ୍ରକାରେ ବି, ତାହା ବିଷୟରେ ଏତେ ଶୀଘ୍ରତା କରୁଛନ୍ତି କି? ଓଃ, ମୁଁ ତାହାଙ୍କୁ ପ୍ରେମ କରେ! ମୁଁ ତାହାଙ୍କୁ ପ୍ରେମ କରେ। "ହେ ପ୍ରଭୁ, ମୁଁ କଅଣ କରେ ବୋଲି ତୁମେ ଚାହଁ?"

309 ଆଜି ରାତିର ସେବାଗୁଡିକ ଭୁଲନ୍ତୁ ନାହିଁ। କଅଣ ଆପଣ ଜାଣନ୍ତି ଯେ ବର୍ତ୍ତମାନ ଖ୍ରୀଷ୍ଟମାସର ଅର୍ଥ କଅଣ ଅଟେ? ଓଃ, *ଏହା* ହେଉଛି ମୋର ଖ୍ରୀଷ୍ଟମାସ ଉପହାର। *ଏହା* ହେଉଛି ସେହି ବାକ୍ୟ। ପ୍ରଭୁ, ଯଦି ମୁଁ କେବଳ ନିଜକୁ ଅନ୍ୟତ୍ର କରିପାରେ, ଯଦି ମୁଁ କେବଳ ନିଜକୁ ମାର୍ଗରୁ ବାହାର କରି ଦେଇପାରେ ଯେପରିକି ତୁମର ବାକ୍ୟ ଆପଣାକୁ ଏହା ଦେଇ *ଏଠାରେ*, ଏହାକୁ ପ୍ରକାଶ କରିପାରେ, ତାହାହିଁ ହେଉଛି—ତାହା ହେଉଛି ସବୁଠାରୁ ମହାନ୍ ବିଷୟ ଯାହାକି ମୁଁ ଜାଣେ।

310 ବର୍ତ୍ତମାନ ମୁଁ ଭାବୁଛି ଯେ ସେମାନଙ୍କ ପାଖରେ କିଛି ବିଷୟମାନ ରହିଛି ଯାହା ସେମାନେ ପିଲାମାନଙ୍କୁ ଦେବା ପାଇଁ ଚାହାଁନ୍ତି। ବର୍ତ୍ତମାନ ମୁଁ ସେବାକୁ ଭାଇ ନେୱିଲ୍‌ଙ୍କୁ ଫେରାଇ ଦେବି। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

ଭାଇ ନେୱିଲ୍।

**ବାକ୍ୟ ସକାଶୁ ନିନ୍ଦା** ORI62-1223

(The Reproach For The Cause Of The Word)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଡିସେମ୍ବର 23, 1962, ରବିବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org